


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

ଯା ଦେବୀ ସର୍ବଭୂତେଷୁ...



website : www.dhwanipratidhwani.net

email: pratidhwani.dhwani@gmail.com



ବାଲେଶ୍ୱର ❑ ସୋମବାର ୧୨ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 October 2026

Vol.No. 36 ■ No.268 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା





## ପ୍ରତିବାଦକାରୀଙ୍କ ଉପରେ ପୁଲିସର ଆକ୍ରମଣକୁ ନେଇ କ୍ଷୁବ୍ଧ ସୁପ୍ରିମକୋର୍ଟ: ମେଟ୍ରୋ, ରେଳ ଓ ଇଣ୍ଟରନେଟ୍ ସେବା ବନ୍ଦ କରିବା ଉପରେ ପ୍ରତିବନ୍ଧକ




ନୂଆଦିଲ୍ଲୀ,୧୧/୧୦ : ଦିଲ୍ଲୀରେ ସିଜେପି ପ୍ରତିବାଦକୁ ନେଇ ଲାଗୁ ହୋଇଥିବା କଟକଣା ଉପରେ କ୍ଷୁବ୍ଧ ହୋଇଛନ୍ତି ସୁପ୍ରିମ୍‌କୋର୍ଟ। ମେଟ୍ରୋ ଓ ରେଳ ଚଳାଚଳ ସ୍ୱାଭାବିକ କରିବା, ଲୋକଙ୍କ ଯାତାୟାତ ଉପରେ ଅନାବଶ୍ୟକ କଟକଣା ନ ଲଗାଇବା, ଇଣ୍ଟରନେଟ୍ ସେବା ବନ୍ଦ ନ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ବେଆଇନ ଭାବେ ଅଟକ ନ ରଖିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଦିଲ୍ଲୀରେ ଏ ସମ୍ପର୍କିତ ଆବେଦନର ଜରୁରୀ ଶୁଣାଣି କରି ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଶନିବାର ଦିଲ୍ଲୀର ଯନ୍ତର ମନ୍ତରଠାରେ ପ୍ରତିବାଦ କରିବାକୁ ଯୋଜନା ହୋଇଥିଲା। ଏହାକୁ ରୋକିବା ପାଇଁ ଦିଲ୍ଲୀରେ ପ୍ରାୟ ୪୧ ହଜାର ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ। ପୁଲିସ ପ୍ରାୟ ୭ ହଜାର ଲୋକଙ୍କୁ ଅଟକ ରଖିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏଥିସହ ଅନେକ ମେଟ୍ରୋ ଓ ରେଳ ଷ୍ଟେସନ୍ ବନ୍ଦ ରଖାଯାଇଥିବାରୁ ଲୋକମାନେ ଯାତାୟାତରେ ଅସୁବିଧା ଭୋଗିଥିଲେ। ଏହି ଘଟଣାକୁ ନେଇ ଦାଏର ଆବେଦନରେ ଅଭିଯୋଗ କରାଯାଇଥିଲା ଯେ ସୁପ୍ରିମ୍‌କୋର୍ଟ ଅକ୍ଟୋବର ୯ ତାରିଖରେ ଦେଇଥିବା ନିର୍ଦ୍ଦେଶକୁ ଅଧିକାରୀମାନେ ଅଣଦେଖା କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମେଟ୍ରୋ ଓ ରେଳ ସେବା ବନ୍ଦ ରହିଥିଲା, ଯାତାୟାତ ପାଇଁ ଆବଶ୍ୟକ ସୂଚନା ଦିଆଯାଇନଥିଲା ଏବଂ ନିଷେଧାଦେଶ ଲାଗୁ ହୋଇଥିବା ଅଞ୍ଚଳ ବାହାରେ ମଧ୍ୟ ଲୋକଙ୍କୁ ଅଟକ ରଖାଯାଇଥିଲା। ଖଣ୍ଡପୀଠ କହିଥିଲେ ଯେ ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ◆◆ପୃଷ୍ଠା ୭

## ଚେନ୍ନାଇ ମେଟ୍ରୋର ୪,୯୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦୀ



ନୂଆଦିଲ୍ଲୀ,୧୧/୧୦ : ତାମିଲନାଡୁର ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ନିର୍ମିତ ପୁନମଲ୍ଲୀ ବାଇପାସ୍‌ରୁ ବଡପାଳନି ପର୍ଯ୍ୟନ୍ତ ମେଟ୍ରୋ ରେଳପଥକୁ ରବିବାର ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରାୟ ୪,୯୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ୧୫ କିଲୋମିଟର ଦୀର୍ଘ ରେଳପଥରେ ମୋଦୀ ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟଙ୍କ ସହ ମେଟ୍ରୋରେ ଯାତ୍ରା ମଧ୍ୟ କରିଛନ୍ତି। ଏହି ଅବସରରେ ତାମିଲନାଡୁର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଉପସ୍ଥିତ ଥିଲେ। ମେଟ୍ରୋ ସେବାର ଶୁଭାରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ଟିକେଟ୍ କାଉଣ୍ଟରରୁ ଟିକେଟ୍ କିଣିଥିଲେ ଏବଂ ସେଠାରେ ଜଣେ କର୍ମଚାରୀଙ୍କ ସହ କିଛି ସମୟ କଥା ହୋଇଥିଲେ। ଏହାପରେ ସେ ମୁଖ୍ୟମନ୍ତ୍ରୀ ବିଜୟ ଓ ଅନ୍ୟ ଅଧିକାରୀଙ୍କ ସହ ମେଟ୍ରୋରେ ଯାତ୍ରା କରିଥିଲେ। ନୂଆ ରେଳପଥଟି ଚେନ୍ନାଇ ମେଟ୍ରୋର ଦ୍ୱିତୀୟ ପର୍ଯ୍ୟାୟର କରିଡର-୪ର ଅଂଶ। ଏଥିରେ ୧୧ଟି ଉଚ୍ଚତାରେ ନିର୍ମିତ (ଏଲିଭେଟେଡ୍) ଷ୍ଟେସନ ରହିଛି। ଏହି ପ୍ରକଳ୍ପ ଦ୍ୱାରା ଚେନ୍ନାଇର ପଶ୍ଚିମ ଉପକଣ୍ଠ ଅଞ୍ଚଳ ସହ ସହରର କେନ୍ଦ୍ରସ୍ଥଳର ଯୋଗାଯୋଗ ଅଧିକ ସୁଗମ ହେବ। ଏଥିସହ ଦୈନନ୍ଦିନ ଯାତ୍ରୀଙ୍କ ଯାତାୟାତ ସମୟ ହ୍ରାସ ପାଇବା ସହ ସଡ଼କରେ ଯାନବାହନ ଭିଡ଼ କମିବା ଆଶା କରାଯାଉଛି। ଏହି ରେଳପଥରେ ୩.୭ କିଲୋମିଟର ଦୀର୍ଘ ଦୋହରା ଡେକ୍ ବିଶିଷ୍ଟ ଢାଞ୍ଚା ରହିଛି। ଏଥିରେ ଅତ୍ୟାଧୁନିକ ସିଗ୍‌ନାଲ ବ୍ୟବସ୍ଥା ମଧ୍ୟ ରହିଛି, ଯାହା ଚାଳକବିହୀନ ମେଟ୍ରୋ ଟ୍ରେନ୍ ଚଳାଚଳକୁ ସହାୟତା କରିବ। ଏହି ରୁଟ୍‌ର ୧୧ଟି ଷ୍ଟେସନ ହେଉଛି ପୁନମଲ୍ଲୀ ବାଇପାସ୍, ପୁନମଲ୍ଲୀ ବସ୍‌ଷ୍ଟାଣ୍ଡ, ପୁନମଲ୍ଲୀ ସରକାରୀ ହସ୍ପିଟାଲ, କରାୟାନଚାଭାଡି, କୁମାନାନଚାବାଡି, କାଟ୍ଟୁପାକ୍କମ୍, ଆୟାପନ୍ଥାଙ୍ଗଲ, ଥେଲ୍ଲିୟାରାଗରମ୍, ପୋରୁର ବାଇପାସ୍, ପୋରୁର ଜଙ୍କସନ ଓ ବଡପାଳନି। ◆◆ପୃଷ୍ଠା ୭

## କାଳ ହେଲା ଏଲପିଜି ସିଲିଣ୍ଡର: ବିସ୍ଫୋରଣରେ ଚାଲିଗଲା କୁନି ଝିଅର ଜୀବନ

ଯାଜପୁର, ୧୧/୧୦ (ନି.ପ୍ର): ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଚାଲିଗଲା କୁନି ଝିଅର ଜୀବନ। ବାପା ମା ଓଉଟ ରେ ଜୀବନ ସହ କରୁଛନ୍ତି ସଂଘର୍ଷ। । ଏପରି ଦୁଃଖଦ ଘଟଣା ଘଟିଛି ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅରାବଳ ଗାଁ ରେ। ସୃଷ୍ଟି ହୋଇଛି ଶୋକାକୂଳ ପରିବେଶ। ଅନ୍ୟପଟେ ଓଡ଼ିଶାରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବାରୁ ସିଲିଣ୍ଡରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। କିଏ ଜାଣେ କାହାର ଦିନ କେମିତି ଯିବ। ସକାଳୁ ସକାଳୁ ନୂଆ ସୂର୍ଯ୍ୟ କିରଣ ବଦଳାଇ ଦେଲା ଜୀବନର ଠିକଣା। ଗ୍ୟାସ୍ ସିଲିଣ୍ଡର ଲିକ୍ ଯୋଗୁଁ ଚାଲିଗଲା ଚାରିବର୍ଷର ଝିଅର ଜୀବନ। ସବୁ ଦିନ ପରି ଆଜି ସକାଳୁ ଅରାବାଳ ଗାଁର ଅଭିରାମ ମଲ୍ଲିକ ଙ୍କ ସ୍ତ୍ରୀ ତିଲୋତ୍ତମା ଚା କରିବା ପାଇଁ ଗ୍ୟାସରେ ଅଗ୍ନୀ ସଂଯୋଗ କରିବା ମାତ୍ରେ ଘର ସାରା ବ୍ୟାପି ଯାଇଥିଲା ନିଆଁ। ସେଇଠାରେ ଉପସ୍ଥିତ ଥିବା ଅଭିରାମ ଙ୍କ ଚରି ବର୍ଷର ଝିଅ ପାପାଲି, ଅଭିରାମ ଓ ତିଲୋତ୍ତମା ଚାହୁଁ ଚାହୁଁ ନିଆଁରେ ଜଳି ଯାଇଥିଲେ। ନିଆଁର ତୀବ୍ରତା ଏତେ ଥିଲା ଯେ ଘରର ପଙ୍ଖା, ଆସବାବ ପତ୍ର, ଟିଭି ପୋଡି ପାଉଁଶ ହୋଇ ଯାଇଛି। ◆◆ପୃଷ୍ଠା ୭

## ଶ୍ରୀମୟୀଙ୍କ 'ଓଡ଼ିଶା ଫାଇଲ୍ସ': ଖୋଲିବ କି ଗୁମର, ପୁଣି ଟାର୍ଗେଟରେ ପାଣ୍ଡିଆନଙ୍କ କଳା କାରନାମା



ଭୁବନେଶ୍ୱର, ୧୧/୧୦ (ନି.ପ୍ର): ପୂର୍ବତନ ବରିଷ୍ଠ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ପୁଣି ଥରେ କିଛି ଦିନର ବ୍ୟବଧାନ ପରେ ଭିନ୍ନ ଢଙ୍ଗରେ ଚର୍ଚ୍ଚାକୁ ଆସିଛନ୍ତି । ୨୪ ବର୍ଷର ବିଜେଡି ଶାସନର ପତନ ଓ ବିଜେଡିର ତଥାକଥିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ କଳା କାରନାମାକୁ ବେଶ୍ ଶାଣିତ ଢଙ୍ଗରେ ପଦାକୁ ଆଣି ଚର୍ଚ୍ଚାରେ ଥିବା ଶ୍ରୀମୟୀ ଏବେ ଏହି ରାଜନୈତିକ ବାସ୍ତବ କାହାଣୀକୁ ବଡ଼ ପରଦାରେ ଆଣୁଥିବା ଚର୍ଚ୍ଚା ହେଉଛି। ଆଜି ରାୟଗଡ଼ା ଠାରେ ବହୁଚର୍ଚ୍ଚିତ ସିନେମା 'ଦି ଓଡ଼ିଶା ଫାଇଲ୍ସ: ଦି ଅନଟୋଲ୍ଡ ଷ୍ଟୋରିଜ୍'ର ମହୁରତ୍ ହୋଇଛି। ଏହାର ଟ୍ୟାଗଲାଇନ୍ ରହିଛି 'ଷଡ଼ଯନ୍ତ୍ରର କଳା ଅଧ୍ୟାୟ', ଯାହା ବିଜେଡି ଶାସନର ପତନର କାରଣ, ପାଣ୍ଡିଆନଙ୍କ ଏକଚାଟିଆ ଆଧିପତ୍ୟ ଓ କଳା କାରନାମା ସହ ଜଡ଼ିତ କିଛି ବାସ୍ତବ କାହାଣୀ ଉପରେ ପର୍ଯ୍ୟବେସିତ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଜେଡି ଶାସନ କାଳରେ ପାୱାର କରିଡରରେ ବେଶ୍ ପ୍ରଭାବଶାଳୀ ଥିବା ଶ୍ରୀମୟୀ ୨୪ ବର୍ଷର ନବୀନ ସରକାରର ପତନ କିଭଳି ଜଣେ ଅଣଓଡ଼ିଆ ଆଇଏଏସ୍ ଅଫିସରଙ୍କ ଅହଂକାର, ମନମାନି ଓ ଦଳୀୟ ସଂଗଠନ ଉପରେ ଏକଚାଟିଆ କବଜା ଯୋଗୁଁ ଧୂଳିସାତ ହୋଇଗଲା, ତାକୁ ଏହି ସିନେମାରେ ଦର୍ଶାଇବାକୁ ପ୍ରୟାସ କରିଥିବା ଚର୍ଚ୍ଚା ହେଉଛି। ସେହି ଅନାଲୋଚିତ ସତ୍ୟ ଓ କ୍ଷମତା ପଛର କଳା ◆◆ପୃଷ୍ଠା ୭

## ଅସମ୍ଭବ ଭାବେ ବଢୁଛି ଦରଦାମ: ଚାଉଳ ୧୦, ଡାଲି ୩୦ ଟଙ୍କା ବୃଦ୍ଧି



ଭୁବନେଶ୍ୱର, ୧୧/୧୦ (ନି.ପ୍ର): ପୂଜା ପୂର୍ବରୁ ଖାଉଟିଙ୍କ ମୁଣ୍ଡରେ ଚଡ଼କ ! ମାଙ୍କ ଆଗମନ ପୂର୍ବରୁ ବଜାରକୁ ଗ୍ରାସ କରିଛି ମହଙ୍ଗା ରାକ୍ଷସ । ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦରଦାମ ଯେଉଁଭଳି ଉପରମୁହାଁ ହୋଇଛି, ସେଥିରେ ସାଧାରଣ ଖାଉଟି କିଣିବେ କଣ, ଆଉ ଖାଇବେ କଣ ? ଗତବର୍ଷ ତୁଳନାରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ପ୍ରାୟ ୨୦ରୁ ୩୦ ପ୍ରତିଶତ ବୃଦ୍ଧି ପାଇଲାଣି । ଆୟ ବଢୁନି, କିନ୍ତୁ ଖର୍ଚ୍ଚର ବୋଝ ବଢ଼ିଚାଲିଛି । ଏଭଳି ସ୍ଥିତିରେ ପୂଜା ବଜାରକୁ ଫିକା କରିଛି ଦରଦାମ ବୃଦ୍ଧି। ଚଳିତ ବର୍ଷ ବଜାର ଦର ସାଧାରଣ ପରିବାରର ହସ ଛଡ଼ାଇ ନେଲାଣି । ଡାଲି ହେଉ କି ଚିନି, ତେଲ ହେଉ କି ଅଟା, ମଇଦା କିମ୍ବା ସୁଜି । ରୋଷେଇ ଘରର ଦୈନନ୍ଦିନ ତାଲିକା ଏବେ ପକେଟ୍‌କୁ ଶକ୍ତ ଝଟକା ଦେଉଛି । ଯେଉଁ ଖାଉଟି ପୂର୍ବରୁ ମାସକୁ ଦୁଇ ହଜାର ଟଙ୍କାର ସଉଦା କିଣୁଥିଲେ, ଏବେ ସେତିକି ଜିନିଷ ପାଇଁ ଆଉ ହଜାରେ ଅଧିକ ଗଣିବାକୁ ପଡୁଛି । ରୋଜଗାର ସୀମିତ, କିନ୍ତୁ ମାସିକିଆ ବଜେଟ୍ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ବଜାର ସ୍ଥିତି ଏମିତି ଯେ ପ୍ରତିଟି ଜିନିଷରେ କିଲୋ ପିଛା ◆◆ପୃଷ୍ଠା ୭

## ନେପାଳରେ ପୁଣି ଆକସ୍ମିକ ବନ୍ୟା: ୩୫ରୁ ଅଧିକ ଘର ଓ ସେତୁ ଭାସିଗଲା



ନୂଆଦିଲ୍ଲୀ,୧୧/୧୦ : ନେପାଳର ଗୋରଖା ଜିଲ୍ଲାରେ ରବିବାର ଭୋରରୁ ବୁଢ଼ୀ ଗଣ୍ଡକୀ ନଦୀରେ ଆକସ୍ମିକ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ୟାରେ ୩୫ରୁ ଅଧିକ ଘର ଓ ଏକାଧିକ ସେତୁ ଭାସିଯାଇଥିବା ବେଳେ ଜଳବିଦ୍ୟୁତ୍ ପ୍ରକଳ୍ପର ନିର୍ମାଣସ୍ଥଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଓ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହୋଇଛି। ନଦୀକୂଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ନେପାଳ ସରକାର ସତର୍କ କରାଇଛନ୍ତି। ଗୋରଖା ଜିଲ୍ଲାର ଚୁମନୁବ୍ରି ଗ୍ରାମାଞ୍ଚଳରେ ଏହି ବନ୍ୟା ଆସିଛି। ରବିବାର ଭୋର ପ୍ରାୟ ୪ଟାରୁ ନଦୀର ଜଳସ୍ତର ହଠାତ୍ ବଢ଼ିବା ଆରମ୍ଭ କରିଥିଲା। ସକାଳ ୪ଟା ୩୫ ମିନିଟ୍‌ରେ ବଡ଼ ବନ୍ୟା ଆସିଥିବା ସୂଚନା ମିଳିଥିବା ଗୋରଖାର ମୁଖ୍ୟ ଜିଲ୍ଲା ଅଧିକାରୀ କହିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଭୂସ୍ଖଳନ ଯୋଗୁଁ ନଦୀର ଜଳପ୍ରବାହ ଅବରୋଧ ହୋଇଥିଲା। ପରେ ଏହି ଅବରୋଧ ଭାଙ୍ଗିଯିବାରୁ ହଠାତ୍ ପ୍ରବଳ ବେଗରେ ଜଳ ତଳମୁଣ୍ଡକୁ ମାଡ଼ି ଆସିଥିବା ଅନୁମାନ କରାଯାଉଛି। ◆◆ପୃଷ୍ଠା ୭

## କୁରୁଡାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଉଦ୍‌ଯାପିତ ହେଲା ଉତ୍କଳ ଶିକ୍ଷା ପରିଷଦର ଶିକ୍ଷକ ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର, ୧୧/୧୦ (ନି.ପ୍ର): ଭୁବନେଶ୍ୱରର ଉତ୍କଳ ଶିକ୍ଷା ପରିଷଦର ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଚାରି ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ବାଲେଶ୍ୱର ସହର ଉପକଣ୍ଠ କୁରୁଡା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଉଜ୍ଜାପିତ ହୋଇଯାଇଛି । ଶିବିରର ସମାପନ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଦସ୍ୟ ବିଶିଷ୍ଟ କବି କାଳିପଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଜାତୀୟ ଶିକ୍ଷା ନୀତିକୁ ଅନୁସରଣ ପୂର୍ବକ ଶିକ୍ଷା ପ୍ରଣାଳୀ ବାସ୍ତବମୁଖୀ ହୋଇପାରିଲେ ଉନ୍ନତ ରାଷ୍ଟ୍ରର ପରିକଳ୍ପନା ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ । ତେବେ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ସମସ୍ତ ଗୁରୁଜୀ ଗୁରୁମାମାନେ ଅଧିକ ସକ୍ରିୟ ହେବା ଉଚିତ ବୋଲି ସେ କହିଥିଲେ । ବିଶିଷ୍ଟ ଭାଗବତ ପ୍ରବଚକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଭଳି ପ୍ରଶିକ୍ଷଣ ଶିବିର ଆୟୋଜନ ମାଧ୍ୟମରେ ଶିକ୍ଷକମାନେ ନିଜସ୍ୱ ଶିକ୍ଷାଦାନ ପ୍ରକ୍ରିୟାରେ ସୁଧାର ଆଣିପାରିବେ ବୋଲି ମତ ଦେଇଥିଲେ । ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଉଦଯାପନୀ କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ସହିତ ପରିଷଦ ଗଠନର ପୃଷ୍ଠଭୂମୀ ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଜେନା, ଉତ୍କଳ ଶିକ୍ଷା ପରିଷଦର ◆◆ପୃଷ୍ଠା ୭


ସାଗରିକା




ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଓ ସାରସ୍ୱତ ସମାରୋହ- ୨୦୨୬

**ମହାଶୟ/ ମହାଶୟା;**

ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ତଥା ସାରସ୍ୱତ ସମାରୋହ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ପାଖ) ସଭାଗୃହରେ ତା ୧୭.୧୦.୨୦୨୬ ଶନିବାର ସଂଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ।

ଆପଣ ଏହି ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ସଭାରେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଆମର ବିନମ୍ର ଅନୁରୋଧ।

ଆପଣଙ୍କ ଅପେକ୍ଷାରେ....

**ସୃଷ୍ଟିଧର ପରିଡ଼ା**

ମୁଖ୍ୟ ସମ୍ପାଦକ: ସାଗରିକା/ ଧ୍ୱନି ପ୍ରତିଧ୍ୱନି ବାଲେଶ୍ୱର

# ପୁରୀ ପୋଲିସ ଓ ଆରଟିଓ ପକ୍ଷରୁ ମିଳିତ ଟ୍ରାଫିକ୍ ସଚେତନତା ଓ ଯାଂଚ୍ ଅଭିଯାନ

ପୁରୀ,୧୧/୧୦ (ନି.ପ୍ର): ସଡ଼କ ଦୁର୍ଘଟଣା ହ୍ରାସ କରିବା, ଟ୍ରାଫିକ୍ ନିୟମ ପାଳନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ମୂଲ୍ୟବାନ ଜୀବନ ସୁରକ୍ଷା କରିବା ଉଦ୍ଦେଶ୍ୟରେ ଆଜି ପୁରୀ ପୋଲିସ ଓ ଆଂଚଳିକ ପରିବହନ କାର୍ଯ୍ୟାଳୟ ପୁରୀ ପକ୍ଷରୁ ମିଳିତ ଭାବେ ଏକ ଟ୍ରାଫିକ୍ ସଚେତନତା ଓ ଯାଂଚ୍ ଅଭିଯାନ ଆୟୋଜନ କରାଯାଇଥିଲା। ପୁରୀ ସହରର ଏନ୍‌ଏଚ୍-୩୧୬ ଅନ୍ତର୍ଗତ ସଦର ଥାନା ଛକଠାରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ଏହି ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ଏସ୍ପି ପ୍ରତୀକ ସିଂ, ପୁରୀ ଆରଟିଓ, ସିଟି ଡିଏସ୍ପି, ଏସ୍ଡିପିଓ, ସଦର ଏବଂ ଏସି, ହୋମଗାର୍ଡଙ୍କ ସମେତ ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଅଭିଯାନ ସମୟରେ ଗାଡ଼ି ଚାଳକମାନଙ୍କୁ ଟ୍ରାଫିକ୍ ନିୟମ ପାଳନ, ଦୁଇଚକିଆ ଯାନ ଚଳାଇବା ସମୟରେ ହେଲମେଟ୍ ପରିଧାନ, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବ୍ୟବହାର, ନିର୍ଦ୍ଧାରିତ ଗତିସୀମା ମଧ୍ୟରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ ବ୍ୟବହାର ନ କରିବା ସମ୍ପର୍କରେ ସଚେତନ କରାଯାଇଥିଲା।ଏହି ଅବସରରେ ଦୁଇଚକିଆ ଯାନ ଚାଳକମାନଙ୍କୁ ହେଲମେଟ୍ ବଣ୍ଟନ କରାଯାଇ ସୁରକ୍ଷିତ ଯାତାୟାତ ଏବଂ ହେଲମେଟ୍ ର ନିୟମିତ ବ୍ୟବହାର ପାଇଁ ଉତ୍ସାହିତ କରାଯାଇଥିଲା। ଏଥିସହ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଯାନବାହନଗୁଡ଼ିକୁ ଯାଂଚ୍ କରାଯାଇ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୁରୀ ପୋଲିସ ପକ୍ଷରୁ ସମସ୍ତ ଗାଡ଼ି ଚାଳକ ଓ ରାସ୍ତା ବ୍ୟବହାରକାରୀଙ୍କୁ ଟ୍ରାଫିକ୍ ନିୟମ ପାଳନ କରିବା, ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଏବଂ ଦାୟିତ୍ୱବାନ ନାଗରିକ ଭାବେ ସଡ଼କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରାଯାଇଛି।

# ଆନ୍ତର୍ଜାତିକ ବାଳିକା ଦିବସରେ ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ : ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସାମୂହିକ ପ୍ରୟାସର ଆହ୍ୱାନ

ଜୟପୁର,୧୧/୧୦ (ନି.ପ୍ର): ଆନ୍ତର୍ଜାତିକ ବାଳିକା ଦିବସ ଅବସରରେ ବୋରିଗୁମ୍ମାସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଳିକାମାନଙ୍କ ଅଧିକାରର ସୁରକ୍ଷା, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ଏବଂ ସମାଜରୁ ବାଲ୍ୟ ବିବାହ ଭଳି ସାମାଜିକ କୁପ୍ରଥାକୁ ଦୂର କରିବା ଉଦ୍ଦେଶ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବୋରିଗୁମ୍ମା ଥାନା ଅଧିକାରୀ ରାମାନନ୍ଦ ସାହୁ, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦାଶରଥି ଗୌଡ଼, ଡ. ପ୍ରଦୀପ କୁମାର ସ୍ୱାଇଁ, ଅଧ୍ୟାପିକା ସୁନିତି ପୃଷ୍ଟି ଓ ଅଧ୍ୟାପକ ଅଟଳ ବିହାରୀ ବାଜପେୟୀ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହର କାରଣ, ଏହାର କୁପରିଣାମ ଏବଂ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ଏକ ଗମ୍ଭୀର ସାମାଜିକ ସମସ୍ୟା। ଏହା ବାଳିକାମାନଙ୍କ ଶିକ୍ଷା ଗ୍ରହଣରେ ବାଧା ସୃଷ୍ଟି କରିବା ସହ ସେମାନଙ୍କ ଶାରୀରିକ, ମାନସିକ ଓ ସାମାଜିକ ବିକାଶକୁ ପ୍ରଭାବିତ କରିଥାଏ। ଅଳ୍ପ ବୟସରେ ବିବାହ ହେବା ଫଳରେ ଅନେକ ବାଳିକା ନିଜର ଶିକ୍ଷା ଅଧାରୁ ଛାଡ଼ିବାକୁ ବାଧ ହୋଇଥାନ୍ତି। ଏହା ସେମାନଙ୍କ ଆତ୍ମନିର୍ଭରଶୀଳତା, ଆର୍ଥିକ ସ୍ୱାଧୀନତା ଓ ଭବିଷ୍ୟତରେ ନିଜ ଜୀବନ ସମ୍ପର୍କରେ ସ୍ୱାଧୀନ ନିଷ୍ପତି ନେବାର ସୁଯୋଗକୁ ସୀମିତ କରିଦିଏ।

ଏହି ପରିପ୍ରେକ୍ଷୀରେ ବାଳିକାମାନଙ୍କୁ ଉପଯୁକ୍ତ ବୟସ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେବା ସହ ସେମାନଙ୍କ ଅଧିକାର ଓ ଆଇନଗତ ସୁରକ୍ଷା ସମ୍ପର୍କରେ ସଚେତନ କରିବା ଅତ୍ୟନ୍ତ ଜରୁରୀ। କେବଳ ଆଇନ ପ୍ରଣୟନ ଦ୍ୱାରା ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ ନାହିଁ; ଏଥିପାଇଁ ଅଭିଭାବକ, ଶିକ୍ଷକ, ଶିକ୍ଷାନୁଷ୍ଠାନ, ପ୍ରଶାସନ ଓ ସାଧାରଣ ଜନତାଙ୍କ ମିଳିତ ସହଯୋଗ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ବାଳିକାମାନେ ସମାଜର ଭବିଷ୍ୟତ ଏବଂ ଦେଶର ପ୍ରଗତିର ମୁଖ୍ୟ ଆଧାର। ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ସୁରକ୍ଷା ଓ ସମାନ ସୁଯୋଗ ପ୍ରଦାନ କରାଗଲେ ସେମାନେ ନିଜ ଜୀବନରେ ସଫଳତା ହାସଲ କରିବା ସହ ସମାଜ ଓ ଦେଶର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ। ତେଣୁ ବାଳିକାମାନଙ୍କୁ ଅଳ୍ପ ବୟସରେ ବିବାହ ବନ୍ଧନରେ ଆବଦ୍ଧ ନକରି ସେମାନଙ୍କୁ ଉଚ୍ଚଶିକ୍ଷା ଓ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ନେବାକୁ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ବାର୍ତ୍ତା ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା।କାର୍ଯ୍ୟକ୍ରମରେ ସାବିତ୍ରୀ ପାତ୍ର, ସସ୍ମିତା ରାଜୁ, ସୁରେଶ ପାତ୍ର ଓ ଲକ୍ଷ୍ମୀଧର ବାରିକଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଶେଷରେ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ଉପସ୍ଥିତ ଅତିଥି ଓ ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବାଲ୍ୟ ବିବାହମୁକ୍ତ ସମାଜ ଗଠନ ସହ ବାଳିକାମାନଙ୍କ ଶିକ୍ଷା, ସୁରକ୍ଷା ଓ ସମ୍ମାନଜନକ ଜୀବନ ସୁନିଶ୍ଚିତ କରିବା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ସଭା ଆୟୋଜନ ପାଇଁ ଥାନାର ଅନ୍ୟ ଅଧିକାରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବିଜେଡି ପକ୍ଷରୁ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୧୧/୧୦ (ନି.ପ୍ର): କଲେଜ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀମାନଙ୍କୁ ଶନିବାର ଝାରସୁଗୁଡ଼ା ସହରର ସରବାହାଲସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳୀୟ ଉତରୀୟ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳୀ ଦାସ କହିଥିଲେ ଯେ, ଛାତ୍ର ସଂସଦ ନିର୍ବାଚନରେ ଏହି ବିଜୟ ବିଜୁ ଜନତା ଦଳର ବିଜୟ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ହକ୍ ଓ ଦାବିକୁ ଦୃଢ଼ ଭାବେ ଉପସ୍ଥାପନ କରିବା ଦିଗରେ ଏହା ପ୍ରଥମ ପାହାଚ।

ସମ୍ବର୍ଦ୍ଧିତ ହୋଇଥିବା ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ଏଲ୍.ଏନ୍. କଲେଜର ସଭାପତି ଏମ୍.ଡି. ନାସିର ହୁସେନ, ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟୀ ସାହୁ, କ୍ରୀଡ଼ା ସମ୍ପାଦକ ରିତୁରାଜ ପ୍ରଧାନ ଓ ନାଟକ ସମ୍ପାଦକ ମଧୁସ୍ମିତା କିସାନ ରହିଛନ୍ତି। ସେହିପରି ପି.କେ.ଏସ୍.ଏସ୍. କଲେଜ, ଏଚ୍. କଂଟାପାଲିର ଉପସଭାପତି ମନୀଷ ସାହୁ, ସାଧାରଣ ସମ୍ପାଦକ ଖୁସିଲ ରୋହିଦାସ ଓ ସାଂସ୍କୃତିକ ସମ୍ପାଦକ ଶୀତଲ ଭୋଇଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଯୁବ ବିଜେଡି ଜିଲ୍ଲା ସଭାପତି ରୁବିନ ପାଣ୍ଡେ ଓ ଛାତ୍ର ବିଜେଡି ଜିଲ୍ଲା ସଭାପତି ଶିବାଶିଷ ପଟ୍ଟନାୟକ ଉପସ୍ଥିତ ରହି ବିଜୟୀ ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଦୀପାଳୀ ଦାସ ଓ ବିଶାଳ ଦାସଙ୍କ ନେତୃତ୍ୱ ଏବଂ ଝାରସୁଗୁଡ଼ାବାସୀଙ୍କ ପ୍ରତି ସେମାନଙ୍କ ସେବା ମନୋଭାବ ଛାତ୍ରମାନଙ୍କୁ ପ୍ରେରଣା ଯୋଗାଇଥିବା ଛାତ୍ର ନେତାମାନେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ କଲେଜଗୁଡ଼ିକର ଉନ୍ନତି, ଶିକ୍ଷାର୍ଥୀଙ୍କ ସମସ୍ୟାର ସମାଧାନ ଓ ଛାତ୍ରସମାଜର ଅଧିକାର ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ ବୋଲି ନବନିର୍ବାଚିତ ପ୍ରତିନିଧିମାନେ କହିଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବଲାଙ୍ଗୀର,୧୧/୧୦ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ଅନୁସାରେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ହିରଣ୍ମୟ ବିଶୋଇଙ୍କ ଅନୁମତି କ୍ରମେ ବଲାଙ୍ଗୀର ଆଶ୍ରା ମାନସିକ ଭିନ୍ନକ୍ଷମ ସ୍କୁଲ ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ସ୍ପେସିଆଲ ଜଜ୍ ଭିଜିଲାନ୍ସ ବେଣୁଧର ପାତ୍ର, ବଲାଙ୍ଗୀର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ, ଜେ.ଏମ୍.ଏଫ୍.ସି. ସାଧକ କାରଜି, ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ର, ବଲାଙ୍ଗୀର ଡିଏଚ୍ଏଚ୍ ମନୋଚିକିତ୍ସକ ଡ଼କ୍ଟର ଅନିଲ ନାୟକ ଏବଂ ସମ୍ପାଦକ ଆଶ୍ରା ଅନୁଷ୍ଠାନ ଆଦି ଯୋଗ ଦେଇଥିଲେ। ଏହି ଶିବିରରେ ଶ୍ରୀ ପାତ୍ର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଜନସଚେତନତା ସୃଷ୍ଟି ଓ ମାନସିକ ରୋଗ ପ୍ରତି ସମାଜରେ ରହିଥିବା ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ଆହ୍ୱାନ କରିଥିଲେ। ସଚିବ ଶ୍ରୀ ପ୍ରଧାନ ମାନସିକ ସ୍ୱାସ୍ଥ୍ୟ ଶାରୀରିକ ସ୍ୱାସ୍ଥ୍ୟ ପରି ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଏଥିସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହଯୋଗରେ କିଭଳି ମାଗଣା ଆଇନ ସେବା ପାଇବା ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ କାରଜି ମାନସିକ ଚାପ, ଅବସାଦ, ଚିନ୍ତା ଓ ଅନ୍ୟାନ୍ୟ ମାନସିକ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କୁ ଅବହେଳା ନକରି ସେମାନଙ୍କ ପ୍ରତି ସହାନୁଭୂତି, ସହଯୋଗ ଓ ସମର୍ଥନ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରୀମତୀ ମିଶ୍ର ଆବଶ୍ୟକ ସ୍ଥଳେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା, ନିୟମିତ ଯୋଗ ଓ ବ୍ୟାୟାମକରିବା ତଥା ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଜୟପୁର,୧୧/୧୦ (ନି.ପ୍ର): ଜିଲ୍ଲା ଆଇନ ସେବାପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତତ୍ତ୍ୱାବଧାନରେ ଆଜି ବିଶ୍ୱ ମାନସିକ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର ସଭାଗୃହ ଠାରେ ପାଳିତ ହୋଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବରେ ଭାରପ୍ରାପ୍ତ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ତଥା ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା କୋର୍ଟ ବିଚାରପତି ଶ୍ରୀମତୀ ଅଳକାନନ୍ଦ ମହାନ୍ତି ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର ସମ୍ମାନୀୟ ଅତିଥି ଭାବେ ଡ.ଦୁର୍ଗା ପ୍ରସାଦ ପାତ୍ର, ମାନସିକ ବିଶେଷଜ୍ଞ ଅଧିକାରୀ ଡ.ସବ୍ୟସାଚୀ ମହାପାତ୍ର, ଜିଲ୍ଲା ମୁଖ୍ୟ ସିକିତ୍ସାଳୟ ପରିଚାଳକ ଶ୍ରୀମତୀ ରୂପଶ୍ରୀ ମଧୁମିତା ନାୟକ, କ୍ଲିନିକାଲ୍ ସାଇକୋଲୋଜି ଡ. ସମୀକ୍ଷା ସାହୁ, ମନସ୍ତତ୍ତ୍ୱ ସାମାଜିକ କର୍ମୀ ଲଲାଟେନ୍ଦୁ ମିଶ୍ର ଯୋଗଦେଇଥିଲେ। ଏହି ବିଶ୍ୱ ମାନସିକ ଦିବସ ଅବସରରେ ଅତିଥି ଗଣ ମାନସିକ ରୋଗର ଲକ୍ଷଣ ଏବଂ ପ୍ରତିରକ୍ଷା ବିଷୟ ଉପରେ ଆଲୋଚନା କରିଥିଲେ ଯେ, ମନରେ ଭ୍ରାନ୍ତ ଧାରଣା ପ୍ରବେଶ, ଅତ୍ୟଧିକ ସନ୍ଦେହ, ମନେ ମନେ ହସିବା, କାନ୍ଦିବା ବା ଗୁଣୁ ଗୁଣୁ ହୋଇ ଗପିବା ସମେତ ଅସଙ୍ଗତ ବ୍ୟବହାର, ନିଜ ଚିହ୍ନାଲୋକଙ୍କୁ ବିରୋଧି ଭାବିବା, ନିଜ ପରିବାରର ଚରିତ୍ରକୁ ନେଇ ସନ୍ଦେହ ଯେ କୌଣସି ଲୋକ କଥା ହେଲେ ନିଜ ବିଷୟରେ ଖାଲି ଭାବିବା, ଏକା ଏକା ଅନ୍ୟମନସ୍କ ରହିବା, ଶୂନ୍ୟରୁ କଥା ଶୁଣିବା ବା କିଛି ଦେଖିବା ଯାହା ଅନ୍ୟଙ୍କୁ ଦୃଶ୍ୟ ହେଉନଥିବା କାମରେ ଆଗ୍ରହ ନରହିବା ମୂର୍ତ୍ତୀ ଭଳି ବସି ରହିବା ନିଜକୁ ଯତ୍ନ ନନେବା ଇତ୍ୟାଦି ମାନସିକ ରୋଗ ଲକ୍ଷଣ ଏବଂ ଏଥିପାଇଁ ଯୋଗ, ମଧୁର ସଙ୍ଗିତ ଶୁଣିବା, ଧାନ କରିବା, ଶରୀର ମାଲିସ୍ କରିବା ଭଳି ମନକୁ ହାଲୁକା କରିବାର କୌଶଳ ଗ୍ରହଣ କରି ସମସ୍ୟା ଠାରୁ ଦୂରେଇ ରହିଲେ ମନ ହାଲୁକା ହେବାରେ ସାହାଯ୍ୟ କରେ, ମାନସିକ ଅବସାଦ ବା ଚାପ ସମୟରେ ଅତିରିକ୍ତ ନିଦ୍ରା ଯିବା ଆବଶ୍ୟକ, ପ୍ରତିଦିନ ଅତି କମରେ ୮ ଘଂଟା ସୁନିଦ୍ରା ଅତ୍ୟନ୍ତ ଆବଶ୍ୟକ, ଚାପଗ୍ରସ୍ତ ଥିଲେ ଧିରେ ଧିରେ ଦୀର୍ଘ ନିଶ୍ୱାସ ଓ ପ୍ରଶ୍ୱାସ ନେବା ଅଭ୍ୟାସ କରିବାକୁ ପଡେ । ନିଜ ସମସ୍ୟା ବା ଦଃଖକୁ ନିଜର ସାଙ୍ଗସାଥି ବା ପରିବାର ସଦସ୍ୟଙ୍କ ସହ ବାଣ୍ଟନ୍ତୁ ଆବଶ୍ୟକସ୍ଥଳେ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

# ୭୨ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ : ସମ୍ବଲପୁର ଚିଡ଼ିଆଖାନାରୁ ହୀରାକୁଦ-ଦେବ୍ରିଗଡ଼ ଅଭୟାରଣ୍ୟକୁ ଗଡିଲା ସଫାରି ଗାଡ଼ି

ସମ୍ବଲପୁର,୧୧/୧୦ (ନି.ପ୍ର): ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଶନିବାର ସମ୍ବଲପୁର ଚିଡ଼ିଆଖାନା ଓ ସଂରକ୍ଷଣ କେନ୍ଦ୍ରଠାରେ ୭୨ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁର ଚିଡ଼ିଆଖାନାରୁ ହୀରାକୁଦ-ଦେବ୍ରିଗଡ଼ ଅଂଚଳକୁ ଦୁଇଟି ସଫାରି ଗାଡ଼ି ସେବାର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ବନ୍ୟପ୍ରାଣୀ ସପ୍ତାହ ଅବସରରେ ସମ୍ବଲପୁର ଜିଲ୍ଲାର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୩୮ଟି ବିଦ୍ୟାଳୟ, ୧୦ଟି ମହାବିଦ୍ୟାଳୟ ଓ ୩ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମୋଟ ୨୫୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ କୁଇଜ୍ ଓ ଚିତ୍ରାଙ୍କନ, ମହାବିଦ୍ୟାଳୟ ସ୍ତରିୟ କୁଇଜ୍ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କଳା, ଫଟୋଗ୍ରାଫି ଓ ବିତର୍କ ପ୍ରତିଯୋଗିତା ହୋଇଥିଲା। ପ୍ରକୃତି ଓ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ବିଷୟ ଏହି ପ୍ରତିଯୋଗିତାରେ ସ୍ଥାନ ପାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ଜିଲ୍ଲାର ତିନିଟି ଉପଖଣ୍ଡରୁ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ସୃଷ୍ଟି ପ୍ରଧାନ (ସମ୍ବଲପୁର ଉପଖଣ୍ଡ), ଗଜେନ୍ଦ୍ର ନାଏକ (କୁଚିଣ୍ଡା ଉପଖଣ୍ଡ) ଓ ଛବିଳ କୁମାର ପ୍ରଧାନ (ରେଢ଼ାଖୋଲ ଉପଖଣ୍ଡ)ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି ଦିଆଯାଇଥିଲା। ସେହିପରି ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସମ୍ବଲପୁର ବନଖଣ୍ଡ ଅଧୀନରେ ଥିବା ଜଡୁଲୋଇସିଂହ ବନ ସୁରକ୍ଷା ସମିତି ସଭାପତି ଅମିତ ଭୋଇ, ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା ପଥୁରିଆ ଇକୋ-ଡେଭଲପମେଂଟ କମିଟି ସଭାପତି ମଳୟ ଝାଙ୍କର ଏବଂ ରେଢ଼ାଖୋଲ ବନଖଣ୍ଡ ଅଧୀନରେ ଥିବା ମା' ଭୁବନେଶ୍ୱରୀ ବନ ସୁରକ୍ଷା ସମିତି, ଡାଇଂଚା ସଭାପତି ସନ୍ତୋଷ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣରେ ଅବଦାନ ପାଇଁ ଦୁଇ ପ୍ରଫେସର ସମ୍ବର୍ଦ୍ଧିତ। ହୀରାକୁଦ-ଦେବ୍ରିଗଡ଼ ଅଂଚଳରେ ବନ୍ୟପ୍ରାଣୀ ଓ ଜଳାଭୂମି ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ଦୁଇ ଜଣ ବିଶିଷ୍ଟ ପ୍ରଫେସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଡେରାଡୁନ୍ ର ଅବସରପ୍ରାପ୍ତ ବରିଷ୍ଠ ପ୍ରଫେସର ତଥା ସାକନ୍ ର ପୂର୍ବତନ ନିର୍ଦ୍ଦେଶକ ଡ. କେ. ଶଙ୍କରଙ୍କୁ ହୀରାକୁଦ-ଦେବ୍ରିଗଡ଼ ଅଂଚଳରେ ଗୌର ସଂରକ୍ଷଣ ପାଇଁ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ସେହିପରି ମହାରାଷ୍ଟ୍ରର ଘାସଭୂମି ପରିବେଶ ବିଶେଷଜ୍ଞ ତଥା ପ୍ରଫେସର ଡ. ଗଜାନନ ଡି. ମୁରତକରଙ୍କୁ ଜଳାଭୂମି ସଂରକ୍ଷଣ ଓ ପରିବେଶଗତ ପୁନରୁଦ୍ଧାର କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ କେନ୍ଦୁପତ୍ର ତୋଳାଳି ପରିବାରର ୩୮ ଜଣଙ୍କୁ ମୃତ୍ୟୁଜନିତ କ୍ଷତିପୂରଣ ବାବଦରେ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା ଏବଂ ପ୍ରକୃତି ସହ ମଣିଷର ସହାବସ୍ଥାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ଓଡ଼ିଶା ଅଣ୍ଡର -୨୩ କ୍ରିକେଟ୍ ଦଳରେ ସ୍ଥାନ ପାଇଲେ ମାଲକାନଗିରିର ସୁବୀର ସର୍ଦ୍ଦାର

ମାଲକାନଗିରି,୧୧/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାର କ୍ରୀଡ଼ା ଜଗତ ପାଇଁ ଏକ ଖୁସିର ଖବର। ଚଳିତ ଓଡ଼ିଶା ଅଣ୍ଡର ୨୩ କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି ଏମଭି ୭୯ ସାବରୀ କ୍ରିକେଟ୍ କ୍ଲବ୍ର ପ୍ରତିଭାବାନ ବ୍ୟାଟସ ମ୍ୟାନ ସୁବୀର ସର୍ଦ୍ଦାର। ତାଙ୍କର ଏହି ସଫଳତା ମାଲକାନଗିରି ଜିଲ୍ଲା ସମେତ ଏମଭି ୭୯ ଅଞ୍ଚଳ ପାଇଁ ଗୌରବର ବିଷୟ ପାଲଟିଛି।

କ୍ରିକେଟ୍ ପ୍ରତି ଆଗ୍ରହ, ନିୟମିତ ଅଭ୍ୟାସ ଓ ନିଜର ଖେଳ ଦକ୍ଷତା ବଳରେ ସୁବୀର ରାଜ୍ୟସ୍ତରରେ ନିଜ ପରିଚୟ ସୃଷ୍ଟି କରିବାର ସୁଯୋଗ ପାଇଛନ୍ତି। ଓଡ଼ିଶାର ୨୩ ବର୍ଷରୁ କମ୍ କ୍ରିକେଟ୍ ଦଳରେ ସ୍ଥାନ ପାଇବା ତାଙ୍କ କ୍ରିକେଟ୍ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ବିଶେଷକରି ଜଣେ ବ୍ୟାଟ୍ସମ୍ୟାନ୍ ଭାବେ ରାଜ୍ୟ ଦଳରେ ସୁଯୋଗ ପାଇବା ତାଙ୍କ ଆଗାମୀ କ୍ରିକେଟ୍ ଯାତ୍ରା ପାଇଁ ନୂଆ ଆଶା ସୃଷ୍ଟି କରିଛି। ମାଲକାନଗିରି ଭଳି ଉପାନ୍ତ ଜିଲ୍ଲାରେ ଅନେକ ଯୁବ କ୍ରୀଡ଼ା ପ୍ରତିଭା ରହିଥିବାବେଳେ ସେମାନଙ୍କୁ ଉପଯୁକ୍ତ ଅଭ୍ୟାସ ଓ ସୁଯୋଗ ମିଳିଲେ ସେମାନେ ମଧ୍ୟ ରାଜ୍ୟ ତଥା ଜାତୀୟସ୍ତରରେ ନିଜ ପ୍ରତିଭା ଦେଖାଇପାରିବେ। ସୁବୀରଙ୍କ ଏହି ସଫଳତା ଅଞ୍ଚଳର ଅନ୍ୟ ଯୁବ କ୍ରିକେଟର୍ମାନଙ୍କୁ ଖେଳ ପ୍ରତି ଅଧିକ ଆଗ୍ରହୀ କରିବା ସହ ନିଜ ଲକ୍ଷ୍ୟ ପୂରଣ ପାଇଁ ପ୍ରେରଣା ଯୋଗାଇବ।

ସୁବୀରଙ୍କ ଏହି ସଫଳତା କୁ ନେଇ ଏମଭି ୭୯ ସାବରୀ କ୍ରିକେଟ୍ କ୍ଲବ୍ ଓ ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆଗାମୀ ଦିନରେ ସେ ନିଜର ବ୍ୟାଟିଂ ଦକ୍ଷତା ବଳରେ ଆହୁରି ସଫଳତା ହାସଲ କରି ମାଲକାନଗିରି ଜିଲ୍ଲା ଓ ଓଡ଼ିଶାର ନାମ ଉଜ୍ଜ୍ୱଳ କରିବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

ଜୟପୁର,୧୧/୧୦ (ନି.ପ୍ର): ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଆମ୍ବଗୁଡ଼ା ପରିସରରେ ଜୟପୁର ସଦର ଥାନା ପକ୍ଷରୁ ଶନିବାର 'ଜୁଭେଂଟିକା' ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ ପାଢ଼ୀ, ଏସ୍ଆଇ ଦୀପକ ବାରିକ ଏବଂ ଏଏସ୍ଆଇ ପଙ୍କଜିନୀ ଶବର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ ଚଳିତ ବର୍ଷର ବାର୍ତ୍ତା- 'ବାଲ୍ୟ ବିବାହର ଅନ୍ତ ଘଟାଇବା ଏବଂ ବାଳିକାଙ୍କ ଅଧିକାରରେ ବିନିଯୋଗ' ସମ୍ପର୍କରେ କହିଥିଲେ। ଏହା ସହ ବାଲ୍ୟବିବାହ ଏକ ସାମାଜିକ କୁପ୍ରଥା ଯାହା ଝିଅମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱାଧୀନତା ତଥା ଉଜ୍ଜ୍ୱଳ ଭବିଷ୍ୟତକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ତେଣୁ ପ୍ରତ୍ୟେକ ଝିଅ ସମ୍ମାନର ସହ ବଂଚି ଉପଯୁକ୍ତ ଶିକ୍ଷା ଲାଭ କରି ନିଜ ସ୍ୱପ୍ନ ପୂରଣ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ତେଣୁ କମ୍ ବୟସରେ ଝିଅର ବିବାହ ନକରି ଝିଅମାନଙ୍କୁ ଉଚ୍ଚଶିକ୍ଷା ତଥା ଆତ୍ମନିର୍ଭରଶୀଳ ହେବା ଦିଗରେ ପ୍ରୋତ୍ସାହିତ କରିବା ଉଚିତ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା।

# ମୟୂରଭଞ୍ଜର ଗର୍ବ ପାର୍ବତୀଙ୍କୁ ପୁଣି ଭାରତୀୟ ଦଳରେ ସୁଯୋଗ

ବାରିପଦା , ୧୧/୧୦ (ନି.ପ୍ର): ଗ୍ରାମାଞ୍ଚଳର ମାଟିରୁ ଆରମ୍ଭ କରି ଭାରତୀୟ ଜର୍ସି ପିନ୍ଧି ଅନ୍ତର୍ଜାତୀୟ ମଞ୍ଚରେ ନିଜ ପ୍ରତିଭାର ପରିଚୟ ଦେଇଥିବା ମୟୂରଭଞ୍ଜର ଝିଅ ପାର୍ବତୀ ହାଁସଦା ପୁଣି ଥରେ ଭାରତୀୟ ମହିଳା ରଗ୍‌ବୀ ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କାର କଲମ୍ବୋଠାରେ ଅକ୍ଟୋବର ୧୭ ଓ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ୍ ୨୦୨୬ର ଦ୍ୱିତୀୟ ପର୍ଯ୍ୟାୟରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ନିକଟରେ ଜାପାନର ନାଗୋୟାଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ରଗ୍‌ବୀ ଦଳର ସଦସ୍ୟା ଭାବେ ଦେଶକୁ ପ୍ରତିନିଧିତ୍ୱ କରି ଫେରିଥିବା ପାର୍ବତୀଙ୍କ ଏହି ନୂଆ ସଫଳତା ମୟୂରଭଞ୍ଜ ତଥା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ଓ ପାର୍ବତୀଙ୍କ କ୍ରୀଡ଼ା ଜୀବନ ସଂଘର୍ଷ, ଅଧ୍ୟବସାୟ ଓ ସଫଳତାର ଏକ ପ୍ରେରଣାଦାୟକ କାହାଣୀ। ସେ ୨୦୨୨ରେ ଏସିଆ ରଗ୍‌ବୀ ଅଣ୍ଡର-୧୮ ଓ ଅଣ୍ଡର-୨୦ ପ୍ରତିଯୋଗିତାରେ ଭାରତ ପକ୍ଷରୁ



ଖେଳି ଦୁଇଟି ରୌପ୍ୟପଦକ ହାସଲ କରିଥିଲେ। ଏହାବ୍ୟତୀତ ୨୦୨୨ ଜାତୀୟ କ୍ରୀଡ଼ା, ୨୦୨୩ ଜାତୀୟ ଚାମ୍ପିୟନସିପ୍, ୨୦୨୫ ଜାତୀୟ କ୍ରୀଡ଼ା ଏବଂ ୨୦୨୬ ସିନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍‌ରେ ଓଡ଼ିଶା ଦଳର ସ୍ୱର୍ଣ୍ଣପଦକ ବିଜୟରେ ସେ ଅଂଶୀଦାର ରହିଛନ୍ତି। କାସା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟରେ ଦଳର ଅଧିନାୟିକା ଭାବେ ଦାୟିତ୍ୱ ତୁଲାଇ ସେ ନିଜର ନେତୃତ୍ୱ ଦକ୍ଷତାର ମଧ୍ୟ ପରିଚୟ ଦେଇଛନ୍ତି ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ପ୍ରଶିକ୍ଷଣ ଓ ସହଯୋଗ ପାଇ ନିଜ ପ୍ରତିଭାକୁ ଶାଣିତ କରିଥିବା ପାର୍ବତୀଙ୍କ ଏହି ଯାତ୍ରା ପ୍ରମାଣ କରୁଛି ଯେ ଉପଯୁକ୍ତ ସୁଯୋଗ, ନିଷ୍ଠା ଓ କଠିନ ପରିଶ୍ରମ ମିଳିଲେ ଗ୍ରାମାଞ୍ଚଳର ପିଲାମାନେ ମଧ୍ୟ ଦେଶ ପାଇଁ ଗୌରବ ଆଣିପାରିବେଓ ପାର୍ବତୀଙ୍କ ଏହି ଅସାଧାରଣ ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ଓ ମଙ୍ଗଲ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ ଓ ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଏବଂ ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର ଓ ଅଜିତ କୁମାର ହାଁସଦା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ସଂଘ, ଓଡ଼ିଶା ରଗ୍‌ବୀ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

# ମାର୍ଚ୍ଚ ୨୦୨୭ ସୁଦ୍ଧା କନ୍ଧମାଳ ଓ ବୌଦ୍ଧ ହେବ ଗଞ୍ଜେଇ ମୁକ୍ତ ଜିଲ୍ଲା

କନ୍ଧମାଳ,୧୧/୧୦ (ନି.ପ୍ର): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶ ମାର୍ଚ୍ଚ ୨୦୨୯ ସୁଦ୍ଧା ସାରା ଭାରତ ବର୍ଷ ନିଶା ମୁକ୍ତ ହେହ ଏହି କର୍ମରେ ଓଡ଼ିଶା ମଧ୍ୟ ନିଶାମୁକ୍ତ ହେବ। କିନ୍ତୁ ୨୦୨୭ ସୁଦ୍ଧା କନ୍ଧମାଳ, ବୌଦ ଜିଲ୍ଲାରୁ ଗଞ୍ଜେଇ ମୁକ୍ତ ହେବ ବୋଲି ଆଜି ଫୁଲବାଣୀ ଠାରେ ଏକ କାର୍ଯ୍ୟ କର୍ମରେ ଘୋଷାଣ କଲେ ପୋଲିସ ଆଇଜି ତଥା ଏନ୍‌ଟିଏସ୍ ହିମାଂଶୁ କୁମାର ଲାଲ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ନିର୍ଦ୍ଦେଶ ମୁତାବକ ୨୦୨୯ ସୁଦ୍ଧା ଦେଶକୁ ଗଞ୍ଜେଇ ମୁକ୍ତ ଘୋଷଣାକୁ ଗୁରୁତ୍ୱ ଦେଇ ଆଜି କନ୍ଧମାଳ ଜିଲ୍ଲା ଫୁଲବାଣୀ ପଂଚାୟତ ଭବନ ଠାରେ ପୋଲିସ ଦ୍ୱାରା ଆୟାଜିତ ନିଶାମୁକ୍ତ ଓଡ଼ିଶା ଅଭିଯାନ। ଜିରୋ କାନାବିସ୍ କଲ୍‌ଟିଭେସନ୍ କାର୍ଯ୍ୟକ୍ରମ ମାଧ୍ୟମରେ(ଏଏନ୍‌ଟିଏଫ୍) ପୋଲିସ ମହାନିର୍ଦ୍ଦେଶକ ହିମାଂଶୁ କୁମାର ଲାଲ କନ୍ଧମାଳ ଓ ବୌଦ୍ଧକୁ ମାର୍ଚ୍ଚ ୨୦୨୭ ସୁଦ୍ଧା ଗଞ୍ଜେଇ ମୁକ୍ତ କରାଯିବ ବୋଲି ଘୋଷାଣ କରିଛନ୍ତି। ଗଞ୍ଜେଇ ମୁକ୍ତ ନିମନ୍ତେ ଯଥେଷ୍ଟ ଅର୍ଥ ଯୋଗାଇ ଦିଆଯିବା ସହ ଅଧିକ ୪୦ ପ୍ଲାଟୁନ୍ ଫୋର୍ସ ଯୋଗାଇ ଦିଆଯିବ। ଗୁଗଲ୍, ଷ୍ଟେରଲାଇଟ୍, ସହ ପୂର୍ବରୁ ନକ୍ସଲ ଦମନ ପାଇଁ ବ୍ୟବହୃତ ସମସ୍ତ ଡ୍ରୋନ୍‌କୁ ବ୍ୟବହାର କରାଯିବା ସହ ରାଜ୍ୟ ଏବଂ ଜିଲ୍ଲାସ୍ତରରୁ ୨୪ ଘଂଟା ନଜର ରଖାଯିବ। ପ୍ରତ୍ୟକ ଅଂଚଳ ରେଞ୍ଜର, ବିଡିଓ, ତହସିଲଦାର, ଏକ୍ସାଇଜ ବିଭାଗ ନିଜ ନିଜ ଅଂଚଳର ଗଞ୍ଜେଇ ଚାଷ ଉପରେ ଦୃଷ୍ଟି ରଖି ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିବା ସହ କିଭଳି ଚାଷ ହୋଇପାରିବ ନାହିଁ ସେଥିପ୍ରତି ଦୃଷ୍ଟିଦେବେ। ପ୍ରତିମାସରେ ତାହାର ରିପୋର୍ଟ ଦେବେ। ଯେଉଁମାନେ ଚାଷ କରିବେ ସେମାନଙ୍କୁ ଅଂଚଳର ଆଇଆଇସିମାନେ ଗିରଫ କରି କୋର୍ଟଚାଲାଣ କରିବେ ଏବଂ ଯେଉଁ ଅଧିକାରୀମାନେ ଅଧିକାରୀ କିମ୍ବା କର୍ମଚାରୀମାନେ ଗଞ୍ଜେଇ ଚାଷକୁ ସହଯୋଗ କରିବେ ସେମାନଙ୍କୁ ଧାରା ୪୭ ଅନୁଯାଇ ଦଣ୍ଡିତ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏନ୍‌ଟିଏଫ୍, ଡିଆଇଜି କନଓ୍ୱର ବିଶାଳ ସିଂ, ଏନ୍‌ସିବି, ଆଇଆର୍‌ଏସ୍ ନିର୍ଦ୍ଦେଶକ କୁନାଲ କୁମାର, ଏକ୍ସସାଇଜ ଡେପୁଟି କମିଶନର ମୋନଜ ସେଠୀ, କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ, ବୌଦ୍ଧ ଜିଲ୍ଲା ଏସ୍‌ପି କୁଳଦୀପ ମୀନାଙ୍କ ସମେତ ଉଭୟ ଜିଲ୍ଲାର ପୋଲିସ ଅଧିକାରୀ, ବନବିଭାଗର ଏସ୍‌ସିଏଫ୍ଓ, ରେଞ୍ଜର, ଫରେଷ୍ଟ ଗାର୍ଡ, ସମସ୍ତ ବ୍ଲକର ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

## ଅତ୍ୟଧିକ ମିଠା ଖାଇବା ସ୍ମରଣଶକ୍ତିକୁ କରିପାରେ ପ୍ରଭାବିତ



ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି । ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପୁଷ୍ଟିବିଜ୍ଞାନୀମାନେ । 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଏଭଳି ତଥ୍ୟ ମିଳିପାରିଛି । ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ । ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା ।






ମେଦବହୁଳତାରେ ପୀଡିତ ସମସ୍ତ ଲୋକ ଏକ ପରଫେକ୍ଟ ଫିଗର ପାଇବାକୁ ଚାହାଁନ୍ତି । ଯାହା ପାଇଁ କିଛି ଲୋକ ଘଣ୍ଟା ଘଣ୍ଟା ଧରି ଜିମ ଯାଆନ୍ତି, ଯେତେବେଳେ କିଛି ଲୋକ ପ୍ରୋଟିନ ବ୍ୟବହାର କରନ୍ତି । କିନ୍ତୁ ସମ୍ପ୍ରତି ଏକ ରିପୋର୍ଟରୁ ଜଣାପଡିଛି ଯେ ଅତ୍ୟଧିକ ବ୍ୟାୟାମ କର୍ଟିସୋଲ ଷ୍ଟ୍ରେସ ହରମୋନକୁ ବୃଦ୍ଧି କରେ, ଯାହା ଥକାପଣ, ନିଦ୍ରା ବିକାର ଏବଂ ଚିଡ଼ିଚିଡ଼ାପଣକୁ ବୃଦ୍ଧି କରେ । ଏନଆଇଏଚର ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ଫିଟନେସ ଉତ୍ସାହୀମାନଙ୍କ ମଧ୍ୟରେ ୫୫% ଆଘାତ ଅତ୍ୟଧିକ ବ୍ୟାୟାମ ଯୋଗୁ ହୋଇଥାଏ । ବାବା ରାମଦେବ ଏହା ମଧ୍ୟ କୁହନ୍ତି ଯେ ଫିଟନେସ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସନ୍ତୁଳନ ରହିବା ଉଚିତ ଏବଂ ଓଜନ ହ୍ରାସ କରିବା ପାଇଁ ୩-୩ଘଣ୍ଟା ବ୍ୟାୟାମ କରିବା ଆବଶ୍ୟକ ନୁହେଁ । ଆଜିକାଲି ସ୍ଥୁଳତା ଲୋକଙ୍କ ଖରାପ ଜୀବନଶୈଳୀ, ଫାଷ୍ଟଫୁଡ ଏବଂ କାର୍ବୋନେଟେଡ ପାନୀୟ, ମାନସିକ ଚାପ, ବ୍ୟାୟାମର ଅଭାବ, ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ନିଦ୍ରା ଅଭାବ ହେତୁ ହୋଇଥାଏ । ଯାହାକୁ ଲୋକମାନେ ଅଣଦେଖା କରନ୍ତି । ମେଦବହୁଳତା ହ୍ରାସ କରିବା ପାଇଁ, ପ୍ରତିଦିନ ସକାଳେ ଲେମ୍ବୁ ପାଣି ପିଅନ୍ତୁ, ଏହା ସହିତ ଆପଣ କଖାରୁ ସୁପ ଏବଂ ଜୁସ ମଧ୍ୟ ପିଇପାରିବେ । ଏହା ବ୍ୟତୀତ, ପ୍ରତିଦିନ ଖାଇବା ପୂର୍ବରୁ ସାଲାଡ ଖାଆନ୍ତୁ ଏବଂ ତା'ପରେ ଅଦା-ଲେମ୍ବୁ ଚା ପିଅନ୍ତୁ । ଅଦା ଚର୍ବି ନିୟନ୍ତ୍ରଣ କରେ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ସା ୭ଟା ପୂର୍ବରୁ ରାତ୍ରୀଭୋଜନ କରନ୍ତୁ ଏବଂ ଖାଇବାର ୧ଘଣ୍ଟା ପରେ ପାଣି ପିଅନ୍ତୁ । ହଜମ ଏବଂ ଓଜନ ହ୍ରାସ ପାଇଁ ରାତିରେ ଗରମ ପାଣି ସହିତ ୧ ଚାମଚ ତ୍ରିଫଳା ପିଅନ୍ତୁ । ଓଜନ ହ୍ରାସ ପାଇଁ, ୨୦୦ ଗ୍ରାମ ପାଣିରେ ୩ ରୁ ୬ ଗ୍ରାମ ଡାଲଚିନି ଫୁଟାନ୍ତୁ ଏବଂ ଏହା ଉଷୁମ ହୋଇଗଲେ, ଏଥିରେ ୧ ଚାମଚ ମହୁ ମିଶାଇ ପିଅନ୍ତୁ । ଓଜନ ନିୟନ୍ତ୍ରଣ କରିବା ପାଇଁ, ଲିଫ୍ଟ ବଦଳରେ ସିଡ଼ି ଚଢ଼ନ୍ତୁ, ବାରମ୍ବାର କଫି-ଚା ପିଅନ୍ତୁ ନାହିଁ, ଭୋକ ଲାଗିଲେ ପ୍ରଥମେ ପାଣି ପିଅନ୍ତୁ ଏବଂ ଖାଇବା ଏବଂ ଶୋଇବା ମଧ୍ୟରେ ୩ ଘଣ୍ଟାର ବ୍ୟବଧାନ ରଖନ୍ତୁ, ଏବଂ ସକାଳେ ଶୀଘ୍ର ଉଠିବା, ଶୋଇବା ସମୟ ସ୍ଥିର କରିବା, ନିଜକୁ ଚ୍ୟାଲେଞ୍ଜ କରିବା ଏବଂ ରାତିରେ ପାଣି ପିଇ ଶୋଇବା ପାଇଁ ଆପଣଙ୍କର ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ।




ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା । ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ । ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ । ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ?ଭାବରେ କରିପାରେ ନାହିଁ । ନିଦ କମିଯାଏ । ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ । କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ୍ୟ କହିଥାଏ । ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ । ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ । ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ । ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା, ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ । ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ । ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ । ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ । ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ ।




ଆମେ ପିଲାଦିନେ ମାଙ୍କଡ଼, କୁମ୍ଭୀର ଓ କଲିଜାର ଗପ ପଢ଼ିଛେ । ସବୁଦିନ ମିଠା ଜାମୁକୋଳି ଖାଉଥିବା ମାଙ୍କଡ଼ର କଲିଜା (ଯକୃତ) ଅତି ମିଠା ହୋଇଥିବ ଭାବି କୁମ୍ଭୀରର ସ୍ତ୍ରୀ ତାହା ଖାଇବା ପାଇଁ ଆଗ୍ରହୀ ଥିଲା । ମାତ୍ର ଏହାର ଶେଷ କିପରି ହେଲା ଏବଂ ବୋକା କୁମ୍ଭୀର କିପରି ବୁଦ୍ଧି ଶିଖିଲା ତାହା ଏହି ଗପରୁ ଜଣାପଡ଼େ । କଲିଜା ଏବଂ ଶରୀର ଅଲଗା ନୁହେଁ- ଏହାକୁ ବୁଦ୍ଧିମାନ ମାଙ୍କଡ଼ ବୋକା କୁମ୍ଭୀରକୁ ଶେଷରେ ବୁଝାଇଥିଲା । ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଲା ଯକୃତ ବା ଲିଭର । ଏହା ଠିକ୍ ଭାବରେ କାର୍ଯ୍ୟ କରିବା ସହ ଏହା ପ୍ରତି ଆମେ ଯତ୍ନବାନ ହେବା ଦରକାର । ମାତ୍ର ଏବେ ଆମେ ଅନେକ କ୍ଷତିକାରକ ଔଷଧ, ଖାଦ୍ୟ ଏବଂ ନିଶାଦ୍ରବ୍ୟ ବିଶେଷଭାବରେ ମଦ ପିଇବା ଯୋଗୁ ନିଜର ଯକୃତର ପ୍ରତିଦିନ କ୍ଷତି ପହଞ୍ଚାଉଛୁ । କେବଳ ସେତିକି ନୁହେଁ, ଅନେକେ ଏ ବିଷୟରେ ଅବଗତ ଥାଇ ମଧ୍ୟ ଜାଣି ନ ଜାଣିଲା ପରି ଯକୃତକୁ କ୍ଷତି କରାଉଛନ୍ତି । ଯକୃତ ହେଉଛି ଆମ ଶରୀର ଦ୍ୱିତୀୟ ବୃହତ୍ତମ ଅଙ୍ଗ । ଏହାର ଓଜନ ୧.୨ରୁ ୧.୫ ଗ୍ରାମ । ଫଲସିପାରମ ଲିଗାମେଣ୍ଟ ଦ୍ୱାରା ଏହା ଦକ୍ଷିଣ ଓ ବାମ-ଦୁଇ ଭାଗରେ ବିଭକ୍ତ । ସାଧାରଣତଃ ଯକୃତ ଆମର ଦକ୍ଷିଣ ପଟ ଫୁସ୍‌ଫୁସ୍‌ର ତଳକୁ ମଧ୍ୟଛଦର ନିମ୍ନରେ ଥାଏ । ଲିଭର ସହିତ ପିତ୍ତକୋଷ ଓ ଅଗ୍ନାଶୟ ମଧ୍ୟ ଲାଗିରହିଛି । ଶରୀରରେ ଲିଭର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ । ସେଥିଲାଗି ଥରେ ଲିଭର ରୋଗଗ୍ରସ୍ତ ହେଲେ ବଞ୍ଚିବା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ । ଲିଭର କରୁଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା- (୧) ଏହା ଶର୍କରା (ସୁଗାର), ଆମିନୋଏସିଡ (ପୁଷ୍ଟିସାର) ଓ ଲିପିଡ (ସେହ୍ନସାର)କୁ ବିଘଟନ କରିଥାଏ, (୨) ରକ୍ତ ଜମାଟ ହେବାର ତତ୍ତ୍ୱ ତିଆରି କରେ ଓ ବିଲିରୁବିନ ନାମକ ରେଣୁ ବିଘଟନ କରେ, (୩) ଭିଟାମିନ୍ ଓ ଖଣିଜ ଲବଣ ଇତ୍ୟାଦି ମହଜୁଦ ରଖିବା ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ରଖିବା ଇତ୍ୟାଦି । ଯକୃତର ଅନେକ ରୋଗଗୁଡ଼ିକ ମଧ୍ୟରୁ 'ଯକୃତ ପ୍ରଦାହ' ବା 'ହେପାଟାଇଟିସ୍' ହେଉଛି ମୁଖ୍ୟ ରୋଗ । ଏହି ରୋଗରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇ ଥାଆନ୍ତି । ଏଥିରୁ ଜଣାପଡୁଛି ଯେ ଏଭଳି ରୋଗରେ ଦିନକୁ ପ୍ରାୟ ସାଢ଼େ ତିନି ହଜାର ଲୋକ ମୃତ୍ୟୁବରଣ କରନ୍ତି, ଯାହାକି ଯକ୍ଷ୍ମାରୋଗର ଦୈନିକ ମୃତ୍ୟୁ ସଂଖ୍ୟା ସହ ସମାନ । ହେପାଟାଇଟିସ୍ ପରବର୍ତ୍ତୀ ସମୟରେ ଲିଭର କ୍ୟାନ୍‌ସର ଓ ଲିଭର ସିରୋସିସ୍‌ର କାରଣ ହୋଇଥାଏ । ହେପାଟାଇଟିସ୍‌ର ମୁଖ୍ୟ କାରଣ ହେଲା ଭୂତାଣୁ ସଂକ୍ରମଣ । ଭୂତାଣୁଜନିତ ଯକୃତ ପ୍ରଦାହ 'ହେପାଟାଇଟିସ୍-ଏ', ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଏବଂ ହେପାଟାଇଟିସ୍ -ଇ ବହୁଳ ଭାବରେ ହେଉଥିବା ବେଳେ ସାଇଟୋମେଗାଲୋ ଭାଇରସ, ଇ.ବି. ଭାଇରସ, ହରପେକ୍ସ ସିମଲେକ୍ସ ଭାଇରସ ଓ ପୀତ ଜ୍ୱର ଦ୍ୱାରା କମ୍ ମାତ୍ରାରେ ପରିଲିକ୍ଷିତ ହୁଏ । ହେପାଟାଇଟିସ୍-ଏ ହେଉଛି ବହୁ ମାତ୍ରାରେ ସଂକ୍ରାମକ । ଏହା ମଳ, ମଇଳା ପାଣି, ଦୂଷିତ ଖାଦ୍ୟ, ଦୂଷିତ ହାତ ଇତ୍ୟାଦି ଦ୍ୱାରା ବ୍ୟାପିଥାଏ । କେବଳ ସେତିକି ନୁହେଁ, ଏହା ବେଳେବେଳେ ମହାମାରୀ ରୂପ ନେଇଥାଏ । ସ୍ୱଚ୍ଛତା ଓ ସଚେତନତା ତଥା ନିରାପଦ ବିଶୁଦ୍ଧ ପାଣିର ଅଭାବ ମଧ୍ୟ ଏହାର ଅନ୍ୟତମ କାରଣ । ସହରଗୁଡ଼ିକରେ କେତେକ ସମୟରେ ପାଣି ପାଇପ୍‌ରେ ଡ୍ରେନ୍ ଏବଂ ଲାଟ୍ରିନ ପାଣି ମିଶିଯାଏ । ଫଳରେ ଏହି ପ୍ରଦୂଷିତ ପାଣି ପିଇଲେ ନିର୍ଦ୍ଦିଷ୍ଟ ସ୍ଥାନର ବାସିନ୍ଦାମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । କିନ୍ତୁ ଏଭଳି ପାଣି ସମସ୍ୟା ସାମୟିକ ହୋଇଥାଏ । ତେଣୁ ସବୁବେଳେ ବିଶୁଦ୍ଧ ପାଣି ପିଇବା ଦରକାର । ତା'ସହ ଏଭଳି ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହେପାଟାଇଟିସ୍-ବି ହେଉଛି ଦୀର୍ଘକାଳୀନ ଲିଭର ରୋଗର କାରଣ । ଏହା ରକ୍ତ ମାଧ୍ୟମରେ ବ୍ୟାପିଥାଏ । ଏକ ସଦ୍ୟତମ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଏହି ରୋଗରେ ବିଶ୍ୱରେ ପ୍ରାୟ ୨୫କୋଟିରୁ ଉର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ହୋଇଥାଆନ୍ତି । ସଂକ୍ରମିତ ଗର୍ଭବତୀ ମା' ଠାରୁ ଶିଶୁକୁ ଓ ରକ୍ତ ମାଧ୍ୟମରେ (ଇଞ୍ଜେକଶନ ଛୁଞ୍ଚିଅ, ଚିତାକୁଟା, ଆକୁପଙ୍କଚ୍‌ର ଛୁଞ୍ଚିଅ, ଛୁଞ୍ଚିଅଟ୍ଟାଡ଼ା କ୍ଷତ, ରେଜର, ଟୁଥ୍ ବ୍ରଶ, ଯୌନ ସଂକ୍ରମଣ) ଏହା ସଂକ୍ରମିତ ହୋଇଥାଏ । ଏହା ସାଧାରଣତଃ ୯୫ ପ୍ରତିଶତଙ୍କ କ୍ଷେତ୍ରରେ ଉପଶମ ହୋଇଥାଏ ମାତ୍ର ବଳକା ୫ ପ୍ରତିଶତଙ୍କ କ୍ଷେତ୍ରରେ ଏହା ଦୀର୍ଘକାଳୀନ ରୋଗକୁ ବଦଳିଯାଏ । ଏପରିକି ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍ ଏବଂ ଲିଭର କ୍ୟାନ୍‌ସରର କାରଣ ହୋଇଥାଏ । ଏହାର ଚିକିତ୍ସା ପାଇଁ ଆଣ୍ଟିଭାଇରାଲ ଔଷଧ ବ୍ୟବହାର କରାଯାଉଛି । ଯଦି ଏଚ୍‌ଆଇଭି-ଏଡ୍‌ସ ଦ୍ୱାରା ଆକ୍ରାନ୍ତ ତେବେ ଏଭିଳ ସମସ୍ୟା ଦେଖାଦେଲେ ଏଡ୍‌ସ ଔଷଧ ମଧ୍ୟ ନିୟମ ମୁତାବକ ଖାଇବାକୁ ପଡ଼ିଥାଏ ।

ହେପାଟାଇଟିସ୍-ସି ମଧ୍ୟ ହେପାଟାଇଟିସ୍-ବି ପରି ସଂକ୍ରମିତ ରକ୍ତ ମାଧ୍ୟମରେ ବ୍ୟାପିଥାଏ ଏବଂ ଏଥିରେ ସାରା ବିଶ୍ୱରେ ପାଖାପାଖି ୭କୋଟି ଲୋକ ସଂକ୍ରମିତ ହୋଇଥାଆନ୍ତି । ଏହି ରୋଗ ଅନେକ ସମୟରେ ଦୀର୍ଘଦିନ ଧରି ସଂକ୍ରମିତ କରିଥାଏ ଓ ସିରୋସିସ୍ ପରି ଗୁରୁତର ରୋଗ ସୃଷ୍ଟି କରିଥାଏ । ମାତ୍ର ହେପାଟାଇଟିସ-ଇ ସେପରି ଅଧିକ ଭୟାବହ ନୁହେଁ, ଯଦିଓ ଏହା 'ବି' ଏବଂ 'ସି' ପରି ସମାନ ଭାବରେ ସଂକ୍ରମଣ କରାଇଥାଏ । ହେପାଟାଇଟିସ୍‌ରୁ ରକ୍ଷା ପାଇବାର ଉପାୟ ହେଲା ଶିଶୁମାନଙ୍କୁ ଉପଯୁକ୍ତ ଟିକାକରଣ । ଏବେ ଜନ୍ମ ସମୟର ୨୪ ଘଣ୍ଟା ମଧ୍ୟରେ ଟିକାକରଣରେ 'ହେପାଟାଇଟିସ୍-ବି' ଟିକା ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାର ବୁଷ୍ଟର ଡୋଜ୍ ମଧ୍ୟ ଦିଆଯାଉଛି । ଫଳରେ ଏହି ରୋଗକୁ ନିୟନ୍ତ୍ରଣକୁ ଅଣାଯାଇଛି । ଆମ ରାଜ୍ୟରେ ପାଖାପାଖି ୯୮ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଥିବା ଯୋଗୁ ପ୍ରାୟତଃ ସମସ୍ତ ଜନ୍ମିତ ଶିଶୁ ଏହି ଟିକା ସହ ଅନ୍ୟ ଆବଶ୍ୟକ ଟିକା ପାଇପାରୁଛନ୍ତି । ଏହା ହେଉଛି ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ବଡ଼ ଉପଲବ୍ଧି ।

ମଦ୍ୟପାନ ନ କରିବା, ଲିଭର ଏବଂ କିଡ୍‌ନୀକୁ କ୍ଷତି ପହଞ୍ଚାଉଥିବା ଅନେକଗୁଡ଼ିଏ ଔଷଧ, ଯନ୍ତ୍ରଣାଲାଘବ ଔଷଧ, ଆଣ୍ଟିବାୟୋଟିକ, ସଂରକ୍ଷିତ ଔଷଧ, ଡ୍ରଗସ୍ ଓ ରାସାୟନିକ ପଦାର୍ଥ ଇତ୍ୟାଦି ବ୍ୟବହାର ନ କରିବା ଉଚିତ । ଏହାସହିତ ଶିଶୁକୁ ଉପଯୁକ୍ତ ଟିକାକରଣକୁ ଗୁରୁତ୍ୱ ଦିଆଯିବା ଦରକାର । ଡାକ୍ତରୀ ପରାମର୍ଶ ବିନା କୌଣସି ଔଷଧ ବ୍ୟବହାର କରିବା ଠିକ୍ ନୁହେଁ । ଏହା ସହିତ ଲିଭରକୁ ସୁସ୍ଥ ରଖିବା ପାଇଁ ଉପଯୁକ୍ତ ତନ୍ତୁଯୁକ୍ତ ସବୁଜ ପନିପରିବା, ଚୂନାମାଛ, ଫଳମୂଳ, ଗଜାମୁଗ ଇତ୍ୟାଦି ଖାଇବା ସହ ବିଶୁଦ୍ଧ ପାଣି ପିଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।




ସୁସ୍ଥ ରହିବାକୁ କିଏ ବା ନ ଚାହେଁ ? ହେଲେ ଏଥିପ୍ରତି ଆମକୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ । ତନ୍ମଧ୍ୟରୁ ପ୍ରଥମ ହେଲା ଜୀବନଶୈଳୀ । ଆମେ ଯଦି ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ତେବେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା । ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ । ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର । ତା'ସହ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଆବଶ୍ୟକ । କାରଣ ସୁସ୍ଥ ରହିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖାଦ୍ୟ ତାଲିକାରେ ଯେତେ ମସଲାଯୁକ୍ତ, ତେଲଯୁକ୍ତ ଖାଦ୍ୟ କମ୍ ସାମିଲ କରିବେ ସେତେ ଭଲ । ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ସୀମିତ ପରିମାଣରେ ଖାଆନ୍ତୁ । ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ । ଆଉ ଏକ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଆବଶ୍ୟକ । କୌଣସି ରୋଗର କାରଣ ଜାଣିବା ମାତ୍ରେ ତାହାକୁ ଅବହେଳା କରନ୍ତୁ ନାହିଁ । କାରଣ ଏହା ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ଏବଂ ସେଥିରୁ ଆରୋଗ୍ୟଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ । ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ ।

## ଖାଲି ପେଟରେ ଚା ପିଉଥିଲେ...

ଚା' ଓ କଫି ଅମ୍ଳୀୟ ଅଂଶ ରହିଛି । ତେଣୁ ଖାଲିପେଟରେ ଏହାକୁ ପିଇଲେ ଶରୀରରେ ଅମ୍ଳ ଓ କ୍ଷାରର ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପଡ଼େ । ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ । ଫଳରେ ପାକସ୍ଥଳୀ ନରମ ଥାଏ । ସକାଳୁ ଖାଲି ପେଟରେ ଚା' ପିଇଲେ ଝିଲ୍ଲୀ ଉପରେ ପ୍ରତିକୂଳ ପ୍ରଭାବ ପଡେ ଏବଂ ଦୀର୍ଘକାଳିକ ପାକସ୍ଥଳୀ ପ୍ରଦାହ ବା କ୍ରନିକ ଗାଷ୍ଟ୍ରାଇଟିସ୍ ସମସ୍ୟା ସୃଷ୍ଟି ହୋଇଥାଏ । ଏହି କାରଣରୁ ଅରୁଚି ହୋଇ ଭୋକ ମରିଯାଇପାରେ । ବିଶେଷଭାବରେ ଖାଲି ପେଟରେ କଡ଼ା ଚା' ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ । ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କିମ୍ବା କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଥାଆନ୍ତି ।



ଚା'ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ । ତେଣୁ ସକାଳେ ଖାଲିପେଟରେ ଚା' ହେଉ କି କଫି ପିଇବା ଆଦୌ ନିରାପଦ ନୁହେଁ । ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ । ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ । ସକାଳେ କିଛି ଖାଇ ସାରିବା ପରେ ହିଁ ଚା' ପିଆଯାଇପାରେ । ହେଲେ ଖାଲିପେଟରେ ଚା' କି କଫି ପିଇବା ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ ।

# ଡିଜିଟାଲ୍ ସୁବିଧା ନା ଡିଜିଟାଲ୍ ଲୁଟ୍: କନଭେନିଏନ୍ସ ଫି' ଆଢୁଆଳରେ ମୁନାଫା

ଆଜିର ଡିଜିଟାଲ୍ ଯୁଗରେ ଅନଲାଇନ୍ କାରବାର ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ଭାରତରେ ୟୁପିଆଇ ଏବଂ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାର ଦ୍ରୁତ ପ୍ରସାର ଫଳରେ ଖାଦ୍ୟ ଅର୍ଡର କରିବା ଠାରୁ ଆରମ୍ଭ କରି ଟ୍ରେନ୍, ବିମାନ କିମ୍ବା ସିନେମା ଟିକେଟ୍ ବୁକ୍ କରିବା ପର୍ଯ୍ୟନ୍ତ ସବୁକିଛି ଏବେ ସ୍ମାର୍ଟଫୋନ୍ ମାଧ୍ୟମରେ ସମ୍ଭବ ହୋଇପାରୁଛି । ଡିଜିଟାଲ୍ ପ୍ରକ୍ରିୟାଗୁଡିକର ମୂଳ ଲକ୍ଷ୍ୟ ଥିଲା ଗ୍ରାହକମାନଙ୍କୁ ସୁବିଧା ଯୋଗାଇଦେବା ଏବଂ କାରବାରକୁ ସହଜ ତଥା ସୁଲଭ କରିବା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଅନଲାଇନ୍ କମ୍ପାନୀଗୁଡ଼ିକ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ବିପୁଳ ରିହାତି, କ୍ୟାସବ୍ୟାକ୍ ଏବଂ ମାଗଣା ବିତରଣ ଭଳି ସୁବିଧା ପ୍ରଦାନ କରୁଥିଲେ । କିନ୍ତୁ ବର୍ତ୍ତମାନ ବଜାରରେ ନିଜର ଆଧିପତ୍ୟ ବିସ୍ତାର କରିସାରିବା ପରେ ସେମାନେ ନିଜର ପ୍ରକୃତ ବ୍ୟବସାୟିକ ରୂପ ଦେଖାଇବା ଆରମ୍ଭ କରିଛନ୍ତି । ବର୍ତ୍ତମାନ ଏହି ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ ସୁବିଧା ନାମରେ ଗ୍ରାହକଙ୍କୁ ଶୋଷଣ କରିବାର ଏକ ନୂଆ ମାଧ୍ୟମ ପାଲଟିଛନ୍ତି । ସୁବିଧା ଶୁଳ୍କ ବା କନଭେନିଏନ୍ସ ଫି, ପ୍ଲାଟଫର୍ମ ଫି ଏବଂ ଇଣ୍ଟରନେଟ୍ ହ୍ୟାଣ୍ଡଲିଂ ଫି ନାମରେ ଗ୍ରାହକଙ୍କ ଠାରୁ ଅତିରିକ୍ତ ଅର୍ଥ ଆଦାୟ କରାଯାଉଛି । ଉଦାହରଣସ୍ୱରୂପ ସ୍ୱିଗି, ଜୋମାଟୋ, ବୁକ୍ ମାଇଁ ଶୋ, ଆମାଜନ୍ ଏବଂ ଆଇଆରସିଟିସି ଭଳି ପ୍ଲାଟଫର୍ମଗୁଡ଼ିକ ଟିକେଟ୍ ବା ସାମଗ୍ରୀର ମୂଳ ଦର ଉପରେ ଏକ ଅତିରିକ୍ତ ଶୁଳ୍କ ଲଗାଉଛନ୍ତି ଯାହାଦ୍ୱାରା ଅନ୍ତିମ ବିଲ୍ ଆଶାତୀତ ଭାବେ ବୃଦ୍ଧି ପାଉଛି । ଏହା ଏକ ବିଡ଼ମ୍ବନାର ବିଷୟ ଯେ ଅନଲାଇନ୍ ସେବା ଯୋଗାଇବା ଦ୍ୱାରା କମ୍ପାନୀଗୁଡ଼ିକର ଭିତ୍ତିଭୂମି ଏବଂ କର୍ମଚାରୀ ଖର୍ଚ୍ଚ ବହୁ ମାତ୍ରାରେ କମିଯାଉଛି, ଅଥଚ ସେମାନେ ଏହି ଲାଭ ଗ୍ରାହକଙ୍କୁ ଦେବା ପରିବର୍ତ୍ତେ ଓଲଟା ସେମାନଙ୍କ ଠାରୁ ଅତିରିକ୍ତ ଶୁଳ୍କ ଆଦାୟ କରୁଛନ୍ତି । ଗୋଟିଏ ପଟେ ଡିଜିଟାଲ୍ ମାଧ୍ୟମ କମ୍ପାନୀଗୁଡ଼ିକର ପରିଚାଳନା ଖର୍ଚ୍ଚ କମାଉଥିବା ବେଳେ ଅନ୍ୟ ପଟେ ଗ୍ରାହକଙ୍କ ଉପରେ ଏହି ଅତିରିକ୍ତ ଆର୍ଥିକ ବୋଝ ପକାଇବା ସମ୍ପୂର୍ଣ୍ଣ ଅଯୌକ୍ତିକ ମନେହୁଏ ।

ଯଦି ଆମେ ତଥ୍ୟ ଏବଂ ଆର୍ଥିକ ଦିଗ ଉପରେ ନଜର ପକାଇବା, ତେବେ ଏହି ଲୁକ୍କାୟିତ ଶୁଳ୍କର ଅର୍ଥନୀତି କେତେ ବ୍ୟାପକ ତାହା ସ୍ପଷ୍ଟ ହୋଇଯିବ । ପ୍ରାୟ ତିନି ବର୍ଷ ତଳେ ଖାଦ୍ୟ ବିତରଣ ସଂସ୍ଥା ସ୍ୱିଗି ଏକ ପରୀକ୍ଷାମୂଳକ ପଦକ୍ଷେପ ସ୍ୱରୂପ ମାତ୍ର ଦୁଇ ଟଙ୍କାର ପ୍ଲାଟଫର୍ମ ଫି ଆରମ୍ଭ କରିଥିଲା । କିନ୍ତୁ ଆଜି ଏହା ସମଗ୍ର ଇ-କମର୍ସ ଏବଂ ସେବା ପ୍ରଦାନକାରୀ ଶିଳ୍ପ ପାଇଁ ଏକ ବ୍ୟବସାୟିକ ମାନକରେ ପରିଣତ ହୋଇଛି । ଶିଳ୍ପ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ବର୍ତ୍ତମାନ ସ୍ୱିଗି ଏବଂ ଜୋମାଟୋ ଭଳି କମ୍ପାନୀମାନେ କେବଳ ପ୍ଲାଟଫର୍ମ ଫି ବାବଦକୁ ବାର୍ଷିକ ପ୍ରାୟ ଏକ ହଜାରରୁ ବାର ଶହ କୋଟି ଟଙ୍କା ରୋଜଗାର କରୁଛନ୍ତି । ଯେତେବେଳେ ଦୈନିକ କୋଟି କୋଟି ସଂଖ୍ୟାରେ ଅନଲାଇନ୍ କାରବାର ହେଉଛି, ସେତେବେଳେ ମାତ୍ର ଦୁଇ କିମ୍ବା ପାଞ୍ଚ ଟଙ୍କାର ଛୋଟିଆ ଶୁଳ୍କ ମଧ୍ୟ କମ୍ପାନୀଗୁଡ଼ିକ ପାଇଁ କୋଟି କୋଟି ଟଙ୍କାର ମୁନାଫା ସୃଷ୍ଟି କରୁଛି । ସେହିପରି ରେଳ ଟିକେଟ୍ ବୁକିଂ ପ୍ଲାଟଫର୍ମ ଆଇଆରସିଟିସି ନନ୍-ଏସି ଟିକେଟ୍ ପାଇଁ ପନ୍ଦର ଟଙ୍କା ଏବଂ ଏସି ଟିକେଟ୍ ପାଇଁ ତିରିଶ ଟଙ୍କା କନଭେନିଏନ୍ସ ଫି ଆଦାୟ କରୁଛି । ୟୁପିଆଇ ମାଧ୍ୟମରେ ପେମେଣ୍ଟ କଲେ ଏହା ଯଥାକ୍ରମେ ଦଶ ଏବଂ କୋଡ଼ିଏ ଟଙ୍କା ରହୁଛି । ୨୦୨୬ ମସିହା ଜୁନ୍ ତ୍ରୈମାସିକରେ ଆଇଆରସିଟିସି କେବଳ କନଭେନିଏନ୍ସ ଫି ରୁ ୨୪୮ କୋଟି ଟଙ୍କା ଆୟ କରିଛି, ଯାହାକି କମ୍ପାନୀର ମୋଟ ୧୩୬୯ କୋଟି ଟଙ୍କା ରାଜସ୍ୱର ପ୍ରାୟ ଅଠର ପ୍ରତିଶତ ଏବଂ ଇ-ଟିକେଟିଂ ସେବାରୁ ମିଳିଥିବା ୩୬୧ କୋଟି ଟଙ୍କା ରାଜସ୍ୱର ଅଠଷଠି ପ୍ରତିଶତରୁ ଅଧିକ ଅଟେ । ଆମାଜନ୍ ଇଣ୍ଡିଆ ଭଳି ବୃହତ୍ ଇ-କମର୍ସ ପ୍ଲାଟଫର୍ମ ମଧ୍ୟ ବର୍ତ୍ତମାନ ଅଧିକାଂଶ ଅର୍ଡର ଉପରେ ପାଞ୍ଚ ଟଙ୍କାର ସର୍ଭିସିଂ ଫି ଲଗାଇବା ଆରମ୍ଭ କରିଦେଇଛନ୍ତି । ଏହି ଆକଳନରୁ ସ୍ପଷ୍ଟ ଜଣାପଡୁଛି ଯେ ସୁବିଧା ନାମରେ ଗ୍ରାହକଙ୍କ ଠାରୁ ଆଦାୟ କରାଯାଉଥିବା ଅର୍ଥ କମ୍ପାନୀଗୁଡ଼ିକର ଲାଭାଂଶକୁ ବହୁଗୁଣିତ କରୁଛି, କିନ୍ତୁ ଗ୍ରାହକଙ୍କ ପକେଟ୍ ଖାଲି କରୁଛି। ଏକ ପ୍ରଯୁକ୍ତିବିଦ୍ୟା ନିୟାମକ ସଂସ୍ଥାର ପୂର୍ବତନ ମୁଖ୍ୟଙ୍କ ମତରେ କନଭେନିଏନ୍ସ ଚାର୍ଜ ଶବ୍ଦଟି ହିଁ ଏକ ବିରୋଧାଭାସ, କାରଣ ଅନଲାଇନ୍ ସେବା ଯୋଗାଇବା ଦ୍ୱାରା ପ୍ରକୃତରେ ସେବା ପ୍ରଦାନକାରୀ ହିଁ ସର୍ବାଧିକ ଲାଭବାନ ହେଉଛନ୍ତି ଏବଂ ସେମାନଙ୍କର ହିଁ ଭିତ୍ତିଭୂମି ଖର୍ଚ୍ଚ ବଞ୍ଚୁଛି ।

ଏହି ଅତିରିକ୍ତ ଶୁଳ୍କ ବ୍ୟତୀତ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ ଦ୍ୱାରା ବ୍ୟବହୃତ ହେଉଥିବା 'ଡାର୍କ ପାଟର୍ଣ୍ଣ' ବା ପ୍ରତାରଣାମୂଳକ ଉପାୟ ଗ୍ରାହକଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ଡାର୍କ ପାଟର୍ଣ୍ଣ ହେଉଛି ଏପରି ଏକ ମନୋବିଜ୍ଞାନ ଭିତ୍ତିକ ୟୁଜର୍ ଇଣ୍ଟରଫେସ୍ ଡିଜାଇନ୍ ଯାହା ଗ୍ରାହକଙ୍କୁ ଭ୍ରମିତ କରି ଅଜାଣତରେ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ କରେ । ଏହାର ଏକ ପ୍ରମୁଖ ଉଦାହରଣ ହେଉଛି 'ଡ୍ରିପ୍ ପ୍ରାଇସିଂ' ବା ବିନ୍ଦୁମୂଲ୍ୟ ନିର୍ଦ୍ଧାରଣ । ଯେତେବେଳେ ଜଣେ ଗ୍ରାହକ ମେକମାଇଁଟ୍ରିପ୍, ଗୋଇବିବୋ କିମ୍ବା ଯାତ୍ରା ଭଳି ପ୍ଲାଟଫର୍ମରେ ବିମାନ ଟିକେଟ୍ ଖୋଜନ୍ତି, ସେତେବେଳେ ପ୍ରଥମେ ଏକ ଆକର୍ଷଣୀୟ କମ୍ ମୂଲ୍ୟ ପ୍ରଦର୍ଶିତ ହୁଏ । କିନ୍ତୁ ଯେତେବେଳେ ଗ୍ରାହକ ନିଜର ବ୍ୟକ୍ତିଗତ ତଥ୍ୟ ଦେଇ ଟିକେଟ୍ ବୁକ୍ କରିବା ପ୍ରକ୍ରିୟାରେ ଆଗକୁ ବଢ଼ନ୍ତି ଏବଂ ଶେଷରେ ତୃତୀୟ ପୃଷ୍ଠାରେ ପେମେଣ୍ଟ କରିବା ପାଇଁ ପହଞ୍ଚନ୍ତି, ସେତେବେଳେ ହଠାତ୍ କନଭେନିଏନ୍ସ ଫି ଏବଂ ଅନ୍ୟାନ୍ୟ ଟିକସ ଯୋଡ଼ିହୋଇ ଅନ୍ତିମ ବିଲ୍ ବହୁତ ବଢ଼ିଯାଏ । ଗ୍ରାହକ ସେତେବେଳକୁ ନିଜର ସମୟ ଏବଂ ପରିଶ୍ରମ ବିନିଯୋଗ କରିସାରିଥିବାରୁ ବାଧ୍ୟ ହୋଇ ବର୍ଦ୍ଧିତ ମୂଲ୍ୟ ଦେଇଥାନ୍ତି । ସେହିପରି 'ବାସ୍କେଟ୍ ସ୍ନିକିଂ' ନାମକ ଅନ୍ୟ ଏକ ଉପାୟରେ ପ୍ଲାଟଫର୍ମଗୁଡ଼ିକ ଗ୍ରାହକଙ୍କ ବିନା ଅନୁମତିରେ ସେମାନଙ୍କ କାର୍ଟରେ ଅତିରିକ୍ତ ସାମଗ୍ରୀ କିମ୍ବା ସଦସ୍ୟତା ଶୁଳ୍କ ଯୋଡ଼ିଦିଅନ୍ତି । ନିକଟରେ କ୍ୱିକ୍ କମର୍ସ କମ୍ପାନୀ ଜେପ୍ଟୋ ଏଭଳି ଉପାୟ ଅବଲମ୍ବନ କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଥମେ କମ୍ ଦାମ୍ ଦେଖାଇ ପରେ ଅତିରିକ୍ତ ହ୍ୟାଣ୍ଡଲିଂ ଚାର୍ଜ ଲଗାଇଥିବାରୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ବା ସିସିପିଏ ତାଙ୍କ ଉପରେ ସାତ ଲକ୍ଷ ଟଙ୍କାର ଜୋରିମାନା ଲଗାଇଥିଲେ। ଏହିସବୁ ଉପାୟ ଗ୍ରାହକଙ୍କ ଅଧିକାରର ସିଧାସଳଖ ଉଲ୍ଲଂଘନ କରୁଛି ଏବଂ ସେମାନଙ୍କୁ ମାନସିକ ତଥା ଆର୍ଥିକ ସ୍ତରରେ କ୍ଷତି ପହଞ୍ଚାଉଛି ।

ଏହି ସମସ୍ୟା କେବଳ ଯାତ୍ରା କିମ୍ବା ଖାଦ୍ୟ ବିତରଣରେ ସୀମିତ ନାହିଁ, ବରଂ ମନୋରଞ୍ଜନ ଏବଂ ଲାଇଭ୍ କନସର୍ଟ କ୍ଷେତ୍ରରେ ମଧ୍ୟ ଏହା ଏକ ଭୟଙ୍କର ରୂପ ନେଇଛି । ନିକଟରେ ବ୍ରିଟିଶ୍ ରକ୍ ବ୍ୟାଣ୍ଡ୍ କୋଲ୍ଡପ୍ଲେ ଏବଂ ଲୋକପ୍ରିୟ ପଞ୍ଜାବୀ ଗାୟକ ଦିଲଜିତ୍ ଦୋସାଞ୍ଜଙ୍କ କନସର୍ଟ ଟିକେଟ୍ ବିକ୍ରିକୁ ନେଇ ଯେଉଁ ବିବାଦ ସୃଷ୍ଟି ହେଲା, ତାହା ଅନଲାଇନ୍ ଟିକେଟିଂ ବ୍ୟବସ୍ଥାର ଅନ୍ଧକାର ଦିଗକୁ ପଦାରେ ପକାଇଛି । ଭାରତରେ କନସର୍ଟ ପର୍ଯ୍ୟଟନ ବା କନସର୍ଟ ଟୁରିଜିମ୍ ଏବେ ଏକ ବଡ଼ ଶିଳ୍ପରେ ପରିଣତ ହୋଇଛି । ବର୍ତ୍ତମାନର ଯୁବପିଢ଼ି ବା ଜେନ୍-ଜେଡ୍ ନିଜର ଅଭିଜ୍ଞତା ଏବଂ ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଛାଉ ନାହାନ୍ତି । ଏହି 'ଫିଅର୍ ଅଫ୍ ମିସିଂ ଆଉଟ୍' ବା ଫୋମୋ ମନୋବୃତ୍ତିର ଫାଇଦା ଉଠାଇ ଟିକେଟିଂ ପ୍ଲାଟଫର୍ମଗୁଡ଼ିକ ଗ୍ରାହକଙ୍କୁ ଆର୍ଥିକ ସ୍ତରରେ ଶୋଷଣ କରୁଛନ୍ତି । ଉଦାହରଣସ୍ୱରୂପ କୋଲ୍ଡପ୍ଲେ କନସର୍ଟର ପଚିଶ ହଜାର ଟଙ୍କିଆ ଟିକେଟ୍ ଉପରେ ଦଶ ପ୍ରତିଶତ ବୁକିଂ ଫି ଏବଂ ତା' ଉପରେ ଅଠର ପ୍ରତିଶତ ଜିଏସଟି ଲଗାଇବା ଫଳରେ ଗ୍ରାହକଙ୍କୁ ପ୍ରାୟ ଅଠାଇଶ ହଜାର ଟଙ୍କା ଦେବାକୁ ପଡୁଛି । ଏତେ ମାତ୍ରାରେ କନଭେନିଏନ୍ସ ଫି ଆଦାୟ କରିବା ସତ୍ତ୍ୱେ ପ୍ଲାଟଫର୍ମ କ୍ରାସ୍ ହେବା ଏବଂ ସାଧାରଣ ପ୍ରଶଂସକଙ୍କୁ ଟିକେଟ୍ ନ ମିଳିବା ଦର୍ଶାଉଛି ଯେ ବ୍ୟବସ୍ଥାରେ ସ୍ୱଚ୍ଛତାର ଘୋର ଅଭାବ ରହିଛି । ଡାଇନାମିକ୍ ପ୍ରାଇସିଂ ବା ଚାହିଦା ଅନୁଯାୟୀ ଦର ବୃଦ୍ଧି ନୀତି ମଧ୍ୟ କମ୍ପାନୀଗୁଡ଼ିକ ପାଇଁ ଲାଭଖୋର ମନୋବୃତ୍ତିର ଏକ ପ୍ରମୁଖ ଅସ୍ତ୍ର ପାଲଟିଛି ।

ଏହି ସମସ୍ତ ଘଟଣାବଳୀ ଏବଂ ତଥ୍ୟରୁ ଏହା ସ୍ପଷ୍ଟ ଯେ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକ ଗ୍ରାହକଙ୍କ ସୁବିଧା ଅପେକ୍ଷା ନିଜର ଲାଭ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି । ଏକଚାଟିଆ ବ୍ୟବସାୟ ବା ଡୁଓପୋଲି କାରଣରୁ ଗ୍ରାହକମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ରହୁନାହିଁ, ଯାହାର ସୁଯୋଗ ନେଇ କମ୍ପାନୀମାନେ ନିଜ ଇଚ୍ଛା ମୁତାବକ ଶୁଳ୍କ ନିର୍ଦ୍ଧାରଣ କରୁଛନ୍ତି । ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି, କିନ୍ତୁ ଏହିଭଳି ଲୁକ୍କାୟିତ ଶୁଳ୍କ ଏବଂ ଡାର୍କ ପାଟର୍ଣ୍ଣ ଡିଜିଟାଲ୍ ଅର୍ଥନୀତିର ମୂଳ ଲକ୍ଷ୍ୟକୁ ବାଧାପ୍ରାପ୍ତ କରୁଛି । କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ୨୦୨୩ ମସିହାରେ ଡାର୍କ ପାଟର୍ଣ୍ଣ ନିରୋଧୀ ମାର୍ଗଦର୍ଶିକା ଜାରି କରିଛନ୍ତି, କିନ୍ତୁ ଏହାର କଠୋର ଅନୁପାଳନ ନିହାତି ଜରୁରୀ ଅଟେ । କମ୍ପାନୀଗୁଡ଼ିକ ଟିକେଟ୍ କିମ୍ବା ସାମଗ୍ରୀର ସମସ୍ତ ଶୁଳ୍କ ସହିତ ଅନ୍ତିମ ମୂଲ୍ୟ ପ୍ରାରମ୍ଭରୁ ହିଁ ପ୍ରଦର୍ଶନ କରିବା ଉଚିତ୍, ଯାହାଦ୍ୱାରା ଗ୍ରାହକମାନେ ସଠିକ୍ ନିଷ୍ପତ୍ତି ନେଇପାରିବେ । କନଭେନିଏନ୍ସ ଫି ବା ପ୍ଲାଟଫର୍ମ ଫି ନାମରେ ଆଦାୟ କରାଯାଉଥିବା ଅର୍ଥର ଏକ ଯୁକ୍ତିଯୁକ୍ତ ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ । ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା ଆୟୋଗ ବା ସିସିଆଇ ଭଳି ସଂସ୍ଥାଗୁଡ଼ିକ ମଧ୍ୟ ଏହି ଏକଚାଟିଆ ବଜାର ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିବା ଦରକାର, ଯାହାଦ୍ୱାରା କୌଣସି ଗୋଟିଏ କିମ୍ବା ଦୁଇଟି କମ୍ପାନୀ ବଜାରକୁ ନିୟନ୍ତ୍ରଣ କରି ଗ୍ରାହକଙ୍କୁ ଶୋଷଣ କରିପାରିବେ ନାହିଁ । ଏହାସହ ଲାଇଭ୍ କନସର୍ଟ ଏବଂ ଇଭେଣ୍ଟ ଟିକେଟିଂ କ୍ଷେତ୍ରରେ କଳାବଜାରୀ ରୋକିବା ପାଇଁ ଟିକେଟ୍ ହସ୍ତାନ୍ତର ପ୍ରକ୍ରିୟାକୁ କଡ଼ାକଡ଼ି କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ନିୟାମକ ସଂସ୍ଥାଗୁଡ଼ିକ ଦୃଢ଼ ପଦକ୍ଷେପ ନେବା ଉଚିତ୍। ଗ୍ରାହକମାନେ ମଧ୍ୟ ନିଜର ଅଧିକାର ପ୍ରତି ସଚେତନ ହେବା ସହ ଏଭଳି ପ୍ରତାରଣା ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ । ଡିଜିଟାଲ୍ ସେବା ପ୍ରକୃତରେ ସୁବିଧାଜନକ ହେବା ଉଚିତ୍, ଏହା କୌଣସି ପରିସ୍ଥିତିରେ ଗ୍ରାହକଙ୍କ ପାଇଁ ଏକ ଆର୍ଥିକ ଫାଶରେ ପରିଣତ ହେବା ଉଚିତ୍ ନୁହେଁ ।

ଧ୍ୱନି ପ୍ରତିଧ୍ୱନି

# ଆଦ୍ୟାଶକ୍ତିଙ୍କର ଆତ୍ମ ପରିଚୟ

**ଡ. ବଂଶୀଧର ଦାଶ**

ମା'ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ପୂଜା ମହାଳୟା ଅମାବସ୍ୟା ପରଦିନଠାରୁ ଆରମ୍ଭ ହୋଇ ଦଶହରାରେ ବିସର୍ଜନ ଦିଆଯାଇଥାଏ । ଧର୍ମନିଷ୍ଠ ବ୍ରାହ୍ମଣ ବୈଦିକ ନିର୍ଦ୍ଦିଷ୍ଟ ବିଧି ବିଧାନ ସହିତ ପୂଜାର୍ଚ୍ଚନା କରିଥାନ୍ତି । ସକ୍ଷମ ଅନୁସାରେ ଷୋଡ଼ଶ ଉପଚାର କରାହୁଏ । ସେଥିରେ ମୁଖ୍ୟ ଅଂଶଟି ଥାଏ ଦେବୀଙ୍କ ସମ୍ମୁଖରେ ଶ୍ରୀଚଣ୍ଡୀ ପାଠ । କେତେକ ମାନସିକକାରୀ ବିଶେଷ ଭାବରେ ନିଜ ନିଜର ମଙ୍ଗଳ ପାଇଁ ବ୍ୟକ୍ତିଗତ ଶ୍ରୀଚଣ୍ଡୀ ପାରାୟଣ କରିଥାନ୍ତି । ବିଧାନ ଅନୁସାରେ ବୈଦିକ ମତରେ

"ରାତ୍ରିସୂକ୍ତ ପଠେଦାଦୌ
ମଧ୍ୟ ସପ୍ତଶତୀସ୍ତବମ୍ "

ଅର୍ଥାତ୍ ଶ୍ରୀଚଣ୍ଡୀ ପାଠ ପୂର୍ବରୁ ରାତ୍ରିସୂକ୍ତ ପଠନୀୟ ବିଧି ଅଟେ । କିନ୍ତୁ ତନ୍ତ୍ର ବିଧାନାନୁଯାୟୀ ସେମାନେ ତନ୍ତୋକ୍ତ ରାତିସୂକ୍ତ ପାଠକରନ୍ତି। ସନାତନ ଧର୍ମୀ ଅଧୁକ ବେଦ ବିଶ୍ୱାସୀ ଯୋଗୁଁ ବେଦୋକ୍ତ ରାତ୍ରିସୂକ୍ତ ଓ ପରେ ପରେ "ଶ୍ରୀ ଦେବ୍ୟଥର୍ବଶ୍ରୀର୍ଷମ୍" ପାଠ କରନ୍ତି।

ତନ୍ତୋକ୍ତ ରାତ୍ରିସୂକ୍ତରେ ମହାଦେବୀ, ମହାବିଦ୍ୟା ମହାମେଘା, ଓ ଗୁଣତ୍ରୟ ବିଭାଦିନୀ ଅଟନ୍ତି। ସେ ବିସୃଷ୍ଟ ସୃଷ୍ଟିରୂପା ସ୍ଥିତିରୂପା ପୁନଶ୍ଚ ସେ ସଂସ୍କୃତିରୂପା । ଅର୍ଥାତ୍ ସଂହାର କାରିଣୀ, ତାଙ୍କୁ ପୁଣି

"ତ୍ୱଂ ସ୍ୱହା, ତ୍ୱଂ ସ୍ୱଧା, ତ୍ୱଂ ହି ବଷଟ୍ରା ସ୍ୱରାୟିକା
ସ୍ୱଧା ତ୍ୱମକ୍ଷରେ ନିତ୍ୟେ ତ୍ରିଧା ମାତ୍ରାମ୍ନିକା ସ୍ଥିତା ।"

ଅର୍ଥାତ୍ ସେ ଓମ୍‌କାର ସ୍ୱରୂପ ଅଟନ୍ତି। ବୈଦିକ ଋଷିମାନେ ଦିବ୍ୟ ଓ ଆର୍ଷ ଦୃଷ୍ଟିରେ ଦେବତାଗଣ ମହାଦେବୀ ସମ୍ମୁଖରେ ଉପସ୍ଥିତ ହେବା ଅନୁଭବ କରନ୍ତି। ସମସ୍ତ ଦେବ ମଣ୍ଡଳୀ ସେହି ଦୈବୀଶକ୍ତିଙ୍କୁ ନମ୍ରତା ସହ ଜିଜ୍ଞାସା କରନ୍ତି ତଥା ବ୍ରହ୍ମସ୍ୱରୂପିଣୀ ଶୂନ୍ୟ ଓ ଅଶୂନ୍ୟ ଆନନ୍ଦ ଓ ଅନାନନ୍ଦମୟୀଙ୍କ ପ୍ରକୃତ ପରିଚୟ ଅବଗତ ହେବା ପାଇଁ ପ୍ରଶ୍ନ କରନ୍ତି । ନୈଷ୍ଟିକ ବେଦଜ୍ଞ ବ୍ରାହ୍ମଣ ଶ୍ରୀଚଣ୍ଡୀ ପାଠ ପୂର୍ବରୁ ବେଦୋକ୍ତ "ଶ୍ରୀ ଦେବ୍ୟଥର୍ବଶ୍ରୀର୍ଷମ୍" ଶୀର୍ଷ ପାଠ କରନ୍ତି। ପଠିତ ବୈଦିକ ଉଚ୍ଚାରଣ ହେଉଛି ଋକବେଦର ଦଶମ ମଣ୍ଡଳ ୧୨୫ତମ ସୂକ୍ତର ମନ୍ତ୍ର ସମୂହ । ଯେଉଁଥରେ ମା' ଭଗବତୀ ସ୍ୱରୂପ ପ୍ରକଟିତ କରନ୍ତି । ସେ ନିଜେ ସମଗ୍ର ବିଶ୍ୱ ସମ୍ମୁଖରେ ପରିଚୟ ପ୍ରଦାନ କରନ୍ତି ଭକ୍ତର କଲ୍ୟାଣ ପାଇଁ ।

"ଅହଂ ରାଷ୍ଟ୍ରୀ ସଂଗମନୀ ବସୁନାଚିକିତୁଷୀ ପ୍ରଥମା ଯଜ୍ଞୟାନାମ୍ ।
ତାଂ ମା ଦେବା ବ୍ୟଦଧୁଃ ପୁରୁତ୍ରା ଭୂମିସ୍ଥାତ୍ରା ଭୂର୍ଯବେଶୟନ୍ତୀମ୍"

ଅର୍ଥାତ୍ ହେ ମନୁଷ୍ୟମାନେ ! ତୁମେମାନେ ଯଦି ମୋର ପରିଚୟ ଜାଣିବାକୁ ଚାହୁଁଛ, ତେବେ ଶୁଣ। ମୁଁ ହେଲି ରାଷ୍ଟ୍ରୀ। ରାଷ୍ଟ୍ରର ଶକ୍ତିସ୍ୱରୂପା। ରାଷ୍ଟ୍ରର ଅଧୀଶ୍ୱରୀ । ମୁଁ ସମସ୍ତ ପ୍ରଜାବର୍ଗଙ୍କୁ ଶାସନ କରେ । ତେଣୁ ମୁଁ ହିଁ ସାମ୍ରାଜ୍ଞୀ । ମୁଁ ସମସ୍ତ ଐଶ୍ୱର୍ଯ୍ୟର ସଂଗମ କାରିଣୀ ଅଟେ। ବସୂନାଂ ସଂଗମନୀ ବୋଲି ଜାଣ। ସୂର୍ଯ୍ୟ ଚନ୍ଦ୍ର ପୃଥିବୀ, ମଙ୍ଗଳ ବୁଧ ବୃହସ୍ପତି ଆଦି ପିଣ୍ଡକୁ ବସୁ କୁହାଯାଏ। ସେମାନଙ୍କ ମଧ୍ୟରେ ଏକସୂତ୍ର ଦେଖାଯାଏ, ପରସ୍ପରର ସାମଞ୍ଜସ୍ୟ ଦୃଷ୍ଟି ଗୋଚର ହୁଏ । ଏହାର ଯଥାର୍ଥ ଭାବରେ ପରିଚାଳନାକାରିଣୀ ମୁଁ ହିଁ ଅଟେ। ମୋର ନିୟମ ଅନୁସାରେ ପୃଥିବୀ ଲୋକରେ ସୂର୍ଯ୍ୟ, ଅଗ୍ନି ଏବଂ ପବନ ମାଧ୍ୟମରେ ଜଳକୁ ଆକାଶରେ ପହଞ୍ଚାଇଥାଏ। ଆକାଶସ୍ଥ ସେହି ଜଳକୁ ପୃଥିବୀ ଉପରେ ବର୍ଷା କରେ । ଉତ୍ତପ୍ତ ପୃଥିବୀ ଶୀତଳ ହୁଏ। ମୋର ସେହି ବିଧାନ ଅନୁଯାୟୀ ସୂର୍ଯ୍ୟଙ୍କର ଆକର୍ଷଣ ଶକ୍ତିଦ୍ୱାରା ପୃଥିବୀ ଗତିଶୀଳ ହୁଏ । ପୃଥିବୀ ଆଦି ପିଣ୍ଡ ଆକର୍ଷିତ ହୋଇ ସୂର୍ଯ୍ୟଙ୍କୁ ପରିକ୍ରମା କରେ। ମୋର ହିଁ ନିୟମରେ ବନ୍ଧା ହୋଇ ସମସ୍ତ ଗ୍ରହାଦି ପିଣ୍ଡମାନ ପ୍ରଥମ ଦ୍ୱିତୀୟକୁ, ଦ୍ୱିତୀୟ ତୃତୀୟକୁ ଅନୁଗ୍ରହ କରିଥାଏ । ଅର୍ଥାତ୍ ନିଜ ଆଡକୁ ଆକର୍ଷଣ କରିଥାଏ । ବିନା ଆଧାରରେ ସେମାନେ ଆକାଶରେ ପରିକ୍ରମଣ କରିଥାନ୍ତି। ମୁଁ ମଧ୍ୟ 'ଚିକିତୁଷୀ' ଅଟେ। ଜ୍ଞାନବତୀ ଅଟେ। ବିଶ୍ୱର କୋଣ ଅନୁକୋଣରେ ଜ୍ଞାନ ଥିବାରୁ ମୁଁ ବିଜ୍ଞାନମୟୀ ମଧ୍ୟ । ସନ୍ତାନବର୍ଗଙ୍କ କଲ୍ୟାଣ ପାଇଁ ବେଦଜ୍ଞାନ ଦାତ୍ରୀ ଅଟେ। ମୁଁ ଯଜ୍ଞରେ ପ୍ରଥମ ପୂଜନୀୟ । ତେଣୁ ପରମ ପୂଜ୍ୟା ଅଟେ। ସାଧାରଣ ଭାବେ ମାତା, ପିତା, ଆଚାର୍ଯ୍ୟ ତଥା ଅତିଥି ଆଦି ଯେଉଁମାନେ ପୂଜାଯୋଗ୍ୟ ଭାବେ ସ୍ୱୀକୃତ ଅଟନ୍ତି, ସେମାନେ ମଧ୍ୟ ମୋର ପରେ ପୂଜାର ଅଧିକାରୀ ଅଟନ୍ତି । ମୁଁ ମଧ୍ୟ ଭୂରିସ୍ଥାତ୍ରୀ ବା ବହୁରୂପରେ ବିଦ୍ୟମାନ। ମୋର ଗୋଟିଏ ହେଉଛି ଜନୟତ୍ରୀ ରୂପ। ଦ୍ୱିତୀୟରେ ପାଳନକର୍ତ୍ତ୍ରୀ, ତୃତୀୟଟି ହେଉଛି ସଂହାରକର୍ତ୍ତ୍ରୀ । ଯେପରି ମୁଁ ଦୟାମୟୀ ଠିକ୍ ସେହିପରି ନ୍ୟାୟର ଅଧିଷ୍ଠାତ୍ରୀ। ସମସ୍ତଙ୍କ ସୁଖଦାତ୍ରୀ। ମୁଁ ମଧ୍ୟ ଜଗତର ସବୁ ବସ୍ତୁକୁ ନିଜ ନିଜ ସ୍ଥାନରେ ସ୍ଥାନିତ କରାଏ । ମୁଁ ଯେପରି ହିମାଳୟାଦି ପର୍ବତକୁ ସ୍ଥାପିତ କରିଛି, ମୁଁ ମଧ୍ୟ ଅନ୍ୟ ଦିଗରେ ସମୁଦ୍ରକୁ ସ୍ଥାନିତ କରିଛି । ମୋ ଯୋଗୁଁ ହିଁ ଆକାଶରେ ମେଘମଣ୍ଡଳ, ଚନ୍ଦ୍ର, ସୂର୍ଯ୍ୟ ପ୍ରାଣକୁ ସ୍ପନ୍ଦିତ କରନ୍ତି । ମୁଁ ଭୂମିର ଗର୍ଭରେ ସ୍ୱର୍ଣ୍ଣ ଓ ରୌପ୍ୟର ଖଣି ସ୍ଥାପନ କରିଛି । ଭୂମଣ୍ଡଳ ଉପରେ ବୃକ୍ଷ ବନସ୍ପତିମାନଙ୍କୁ ସୁଶୋଭିତ କରିଛି। ରତ୍ନାକାର ସମୁଦ୍ର ଗର୍ଭରେ ରତ୍ନର ଭଣ୍ଡାର ଭରପୂର କରିଛି। ଏତାଦୃଶ ଗୁଣଯୋଗୁଁ ଭକ୍ତଗଣ ବିଦ୍ୱାନମାନେ ମୋତେ ଜଗଦୀଶ୍ୱରୀ ମନେ କରି ଅନନ୍ତ ରୂପରେ ଧ୍ୟାନ କରନ୍ତି । ପୂଜାର ସମ୍ଭାର ପ୍ରଦାନ କରନ୍ତି।



କେବଳ ସେତିକି ନୁହଁ ବିଶ୍ୱର ସନାତନ ବିଶ୍ୱାସୀ ମାନଙ୍କୁ ଆହ୍ୱାନ ଦିଅନ୍ତି, ଯଦି ତୁମ୍ଭେମାନେ ମୋଠାରୁ କିଛି ଲାଭ ନେବାକୁ ଚାହୁଁଛ ମୋତେ ସ୍ମରଣ କର। ତୁମ୍ଭମାନଙ୍କର ସ୍ମରଣ ମାତ୍ରକେ ମୁଁ ନିଜେ ଦୌଡ଼ିଆସି ନିକଟରେ ପହଞ୍ଚି ସମସ୍ତ ଦୁଃଖ ଦୂର କରିବି। କାରଣ ତୁମ୍ଭେମାନେ ମୋତେ ମା' ଦୁର୍ଗା ବୋଲି ସମ୍ବୋଧନ କରୁଛ। ଯଦିଓ ସମସ୍ତେ ନୈଷ୍ଟିକ ବ୍ରାହ୍ମଣମାନେ ଏ ତତ୍ତ୍ୱର ଗୁଢାର୍ଥ ଅବଗତ ଥାଇ ନପାରନ୍ତି ତଥାପି ଶବ୍ଦଗୁମ୍ଫନରେ ଆକୃଷ୍ଟ ରାଷ୍ଟ୍ରଶକ୍ତି ଆର୍ଯ୍ୟାବର୍ତ୍ତକୁ ଆସୁରିକ ଶକ୍ତିଠାରୁ ରକ୍ଷା କରିବେ । ଏହାହିଁ ଭାରତ ବର୍ଷର ଶତ୍ରୁସଂହାରକାରଣୀ ମହିଷାମର୍ଦ୍ଦିନୀଙ୍କୁ ପ୍ରାର୍ଥନା । ତେଣୁ ସ୍ୱତଃ ଆର୍ଯ୍ୟାବର୍ତ୍ତରେ ନିନାଦିତ ହୁଏ "ମାତଃ ! ଦୁର୍ଗେ ବନ୍ଦେ ମାତରମ୍" ।

+ମୋ: ୮୨୪୯୦୭୯୬୧୩

# ଭାରତର ମହାନ ରାଷ୍ଟ୍ରନୀତିଜ୍ଞ: ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ



**ପ୍ରଶାନ୍ତ କୁମାର ନାୟକ**

ଭାରତର ମହାନ ରାଷ୍ଟ୍ରନୀତିଜ୍ଞ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଣେ ଦାର୍ଶନିକ, ସାମ୍ବାଦିକ ତଥା ଭାରତୀୟ ଜନସଂଘର ପ୍ରମୁଖ ନେତା ଥିଲେ । ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖ ଦିନ ସେ ଉତ୍ତର ପ୍ରଦେଶର ମଥୁରା ଜିଲ୍ଲା ଅନ୍ତର୍ଗତ ଚନ୍ଦ୍ରଭାନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଭାରତୀୟ ଜନତାପାର୍ଟିର ମୂଳ ସଂଗଠକ ଭାବରେ ଜଣାଶୁଣା ଭାରତୀୟ ଜନସଂଘର ପ୍ରତିଷ୍ଠା ଓ ବିସ୍ତାର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ସେ ତାଙ୍କର ପ୍ରସିଦ୍ଧ ମାନବବାଦୀ ଦର୍ଶନ 'ଏକାତ୍ମ ମାନବବାଦ' ଏବଂ ସମାଜର ଶେଷ ଧାଡିରେ ଥିବା ବ୍ୟକ୍ତିଙ୍କ ବିକାଶପାଇଁ 'ଅନ୍ତ୍ୟୋଦୟ'ର ଚିନ୍ତାଧାରା ପ୍ରଦାନ କରିଥିଲେ ।

ମାତ୍ର ୮ ବର୍ଷ ବୟସରେ ସେ ନିଜର ପିତାମାତାଙ୍କୁ ହରାଇ ବସିଥିଲେ। ଏହା ସତ୍ତ୍ୱେ ସେ ନିଜ ମାମୁଁ ଘରେ ରହି ଅତ୍ୟନ୍ତ ମେଧାବୀ ଛାତ୍ର ଭାବରେ ନିଜର ଶିକ୍ଷା ସମାପ୍ତ କରିପାରିଥିଲେ । ସେ ମାଟ୍ରିକ ଏବଂ ଇଣ୍ଟରମିଡିଏଟ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

୧୯୩୭ ମସିହାରେ କାନପୁର କଲେଜରେ ଅଧ୍ୟୟନ କରୁଥିବା ସମୟରେ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂସ୍ପର୍ଶରେ ଆସିଥିଲେ। ଶିକ୍ଷା ଶେଷ କରିବାପରେ ସେ ନିଜ ଜୀବନକୁ ଦେଶ ମାତୃକାର ସେବାରେ ଉତ୍ସର୍ଗକରି ସଂଘର ଜଣେ ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ କାର୍ଯ୍ୟାରମ୍ଭ କରିଥିଲେ ।

୧୯୫୧ ମସିହାରେ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହିତ ମିଶି ସେ ଭାରତୀୟ ଜନସଂଘର ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଦୀର୍ଘ ୧୫ ବର୍ଷଧରି ଏହି ଦଳର ସାଧାରଣ ସମ୍ପାଦକ ଭାବରେ ଦାୟିତ୍ୱ ନିର୍ବାହକରି ଦଳକୁ ସାରା ଦେଶରେ ମଜବୁତ କରି ପାରିଥିଲେ । ଡିସେମ୍ବର ୧୯୬୭ ରେ ସେ ଭାରତୀୟ ଜନସଂଘର ଜାତୀୟ ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

ସେ ଜଣେ ଉଚ୍ଚକୋଟୀର ସାମ୍ବାଦିକ ତଥା ଲେଖକ ମଧ୍ୟ ଥିଲେ । ସେ ସନାତନ ସଂସ୍କୃତି ଓ ଜାତୀୟତାବାଦର ପ୍ରଚାର ପ୍ରସାର ପାଇଁ ଅନେକ ପତ୍ର ପତ୍ରିକା ପ୍ରକାଶ କରିଥିଲେ ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା- ରାଷ୍ଟ୍ର ଧର୍ମ (ମାସିକ ପତ୍ରିକା), ପଞ୍ଚଜନ୍ୟ (ସାପ୍ତାହିକ ପତ୍ରିକା), ସ୍ୱଦେଶ (ଦୈନିକ)। ଏତଦବ୍ୟତୀତ ସେ 'ସମ୍ରାଟ ଚନ୍ଦ୍ରଗୁପ୍ତ' ଏବଂ 'ଜଗଦଗୁରୁ ଶଙ୍କରାଚାର୍ଯ୍ୟ' ଭଳି ପୁସ୍ତକ ମଧ୍ୟ ରଚନା କରିଥିଲେ।



୧୯୬୮ ମସିହା ଫେବ୍ରୁଆରୀ ୧୧ ତାରିଖଦିନ ଉତ୍ତର ପ୍ରଦେଶର ମୁଗଲସରାଇ ରେଳ ଷ୍ଟେସନ ନିକଟରେ ରହସ୍ୟଜନକ ଭାବରେ ତାଙ୍କର ମୃତଦେହ ମିଳିଥିଲା । ତାଙ୍କରି ସ୍ମୃତିରେ ଉତ୍ତର ପ୍ରଦେଶ ସରକାର ୨୦୧୮ ମସିହାରେ ଆନୁଷ୍ଠାନିକ ଭାବେ ମୁଗଲସରାଇ ଜଙ୍କସନର ନାମ ପରିବର୍ତ୍ତନ କରି 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କସନ୍ ' କରିଛନ୍ତି । ଯାହାର ପୂର୍ବତନ ଷ୍ଟେସନ କୋଡ୍ MSG ଥିଲା ଏବଂ ବର୍ତ୍ତମାନ ଏହା DDU ଭାବରେ ଜଣାଶୁଣା। ତାଙ୍କର ବିଚାରଧାରାକୁ ସମ୍ମାନ ଜଣାଇ ଭାରତ ସରକାର' ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା' ଓ 'ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା' ଭଳି ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରିଛନ୍ତି।

+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

# ବାଲେଶ୍ୱର ଜିଲ୍ଲାରେ ନିଶାମୁକ୍ତ ଓଡ଼ିଶା ଅଭିଯାନ' ଶୁଭାରମ୍ଭ



**ସୁବ୍ରତ କର**

ଏହା ନିଶ୍ଚିତ ଆମ ଜିଲ୍ଲା ବାଲେଶ୍ୱର ନିଶା ପାଇଁ ପ୍ରସିଦ୍ଧ ଏବଂ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲା କହିଲେ ବିଶେଷ କିଛି ଭୁଲ ହେବ ନାହିଁ । ସମସ୍ତେ ଜାଣନ୍ତି ଏହି ଜିଲ୍ଲା ଦେଇ ପଡ଼ୋଶୀ ରାଜ୍ୟରୁ ଧଳା ଜହର ପହଞ୍ଚିଲା ପରେ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କୁ ଏଜେଣ୍ଟ ମାଧ୍ୟମରେ ଉପଲବ୍ଧ ହୁଏ । ମଦ କଥା ନ କହିଲେ ଭଲ । ଦେଶି ମଦ ସରକାର ବହୁ ଜାଗାରେ ବ୍ୟବସାୟିକ ଭିତ୍ତିରେ ତିଆରି ହୋଇ ଜିଲ୍ଲା ଭିତରେ ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ପଠା ହୋଇଥାଏ । ପୁଣି ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରୁ ବାଲେଶ୍ୱରଦେଇ ଗଞ୍ଜେଇ ପଡ଼ୋଶୀ ରାଜ୍ୟ ମାନଙ୍କୁ ଯାଇଥାଏ । ଏହି କାର୍ଯ୍ୟକ୍ରମର ପେଣ୍ଠସ୍ଥଳୀ ହେଉଛି ଜଳେଶ୍ୱର । ଜଳେଶ୍ୱର ଠାରେ ଏକ ଅବକାରୀ ବିଭାଗର ଜିଲ୍ଲା ଅଫିସର ନିହାତି ଆବଶ୍ୟକତା ରହିଛି । ସରକାର ଶୁଣି କାର୍ଯ୍ୟକାରୀ କରିଲେ ଭଲ ହୁଅନ୍ତା । ବହୁ ଦିନ ପରେ ସରକାରଙ୍କୁ ମନେ ପଡ଼ିଛି ଗାନ୍ଧିଜୀଙ୍କ କଥା ଏବଂ ଆମର ପ୍ରଥମ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ କଥା । ମନେ ହୁଏତ ପଡ଼ିଛି ନବକୃଷ୍ଣ ଚୌଧୁରୀଙ୍କ ୧୯୫୬ ମସିହା ଆଇନ କଥା ଜଣା ନାହିଁ ସେହିଭଳି କିଛି ଆଇନ ସରକାର ଆଣିବେ କି ନାହି ? ଆଣିଲେ କିନ୍ତୁ ଭଲ ହୁଅନ୍ତା ଓ ସାରା ଓଡ଼ିଶା ବାସୀଙ୍କ ପାଇଁ । କାର୍ଯ୍ୟକାରୀତା ଏବଂ ସରକାରଙ୍କ ଧୀରେ ଧୀରେ ନେଉଥିବା ପଦକ୍ଷେପମାନ ସଂକେତ ହେଉଛି ଯେ ସରକାର ମଧ୍ୟ ଇଚ୍ଛା ପ୍ରକାଶ କରୁଛନ୍ତି ନିଶା ବିରୋଧ ଆଇନ ପାଇଁ । ଅଡୁଆହେଉଛି ୭୦୦-୮୦୦ କୋଟି ଟଙ୍କାର ରାଜସ୍ୱ, ଯାହାକି ସିଧା ସଳଖ ଏବଂ ଅତି ସହଜ ଉପାୟରେ ସରକାରଙ୍କ ତହବିଲକୁ ଏବେ ଆସୁଛି । ନିଶାମୁକ୍ତ ଓଡ଼ିଶା ଅଭିଯାନ'କୁ ଜିଲ୍ଲାର ଥିବା ସରକାରୀ କଳ ବ୍ୟବହାର କରିବାକୁ ଆରମ୍ଭ କରିଛି । ପ୍ରଥମ କରି ଜିଲ୍ଲାରେ ପୋଲିସ ବିଭାଗର ସର୍ବୋଚ୍ଚ କର୍ତ୍ତା ମାନେ ବିଶ୍ୱବିଦ୍ୟାଳୟ ପରିସରକୁ ଯାଇ କୂଳପତିଙ୍କ ସହିତ ହାତ ମିଳାଇ ଛାତ୍ରଛାତ୍ରୀମାନଙ୍କୁ ଏହି ଅଭିଯାନର ଆମ୍ବାସାଡାର ହେବାକୁ ଅନୁରୋଧ କରିଛନ୍ତି । ଏହା କିନ୍ତୁ ଅତି ଉତ୍ତମ ପ୍ରସ୍ତାବ ଏବଂ ମୁଁ ଭାବୁଛି ସରକାରୀ କଳର ପ୍ରଥମ ପଦକ୍ଷେପ ନିଶାକୁ ହଟାଇବା ପାଇଁଏବଂ ଦେଶ ବା ରାଜ୍ୟକୁ ବଞ୍ଚାଇବା । କିନ୍ତୁ ଡେରି ହେଲେ ବି ଏହ୦। ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ବାଲେଶ୍ୱର ସହରରେ ଥିବା ୧୨ ବର୍ଷର ପୁରୁଣା ସଂସ୍ଥା 'ମୋନା' । ସେହି ବିଶ୍ୱ ବିଦ୍ୟାଳୟ ପରିସରରେ ଏକ ନିଶା ବିରୁଦ୍ଧରେ ପିଲାମାନଙ୍କୁ ଜାଗରଣ କରିବା ପାଇଁ ଚେଷ୍ଟା କରିଥିଲା ଏବଂ ବେଶ୍ କିଛି ଫଳପ୍ରଦ ମଧ୍ୟ ହୋଇପାରିଥିଲେ । ଏହିଭଳି ସାଧାରଣ ଜନତା, ବିଭିନ୍ନ ଅନୁଷ୍ଠାନ ଏବଂ ବିଶେଷ କରି ସରକାରୀ କଳ ଯଦି ନିଶାକୁଅଟକେଇବା ପାଇଁ ଆଗକୁ ଆସିବେତେବେ ନିକଟ ଭବିଷ୍ୟତରେ ଆମ ରାଜ୍ୟ, ଜିଲ୍ଲା ଏବଂ ସହର ନିଶାମୁକ୍ତ ହୋଇପାରିବ ।



କବିତା କୋଣାର୍କ



# ଶରତେ ମରତ

**ମନୋଜ କୁମାର ମେହେର**

ଶରତେ ମରତ ଲାଗଇ ସୁନ୍ଦର
ସବୁଜ ଦିଶେ ଧରଣୀ,
ନାନାରଙ୍ଗ ଫୁଲେ
ସଜାଇ ହୋଇଛି
ପିନ୍ଧି ସବୁଜ ଓଢଣୀ ।।

ସୁନୀଳ ଆକାଶେ ମେଘ ଭାସିଯାଏ
ତାରା ଦିଶେ ଝଲମଲ,
କାଶତଣ୍ଡୀ ଝୁଲେ ନଈର କୂଳରେ
ତା ଦୃଶ୍ୟ କରେ ପାଗଳ ।।

ଶିଶିର ବିନ୍ଦୁରେ ଘାସ ଝଲମଲ,
ପୋଖରୀରେ ଫୁଟେ ପଦ୍ମ,
ମୃଦୁ ମଳୟର ମଧୁର ପବନ,
ମନକୁ କରେ ଆନନ୍ଦ।

ଧାନ କ୍ଷେତେ ହସେ ସୁନାର ଫସଲ
ଚାଷୀଭାଇ ହୁଏ ଖୁସି,
ନଦୀର ଜଳରେ ଆକାଶର ଛାୟା,
ରୂପାରେ ଯାଏ ଝଲସି ।।

ଶରତରେ ପୁଣି ମାଆ ଦଶଭୁଜା,
କରିବେ ତ ଆଗମନ,
ପୂଜା ମଣ୍ଡପରେ ଶଙ୍ଖ ହୁଳହୁଳି
ଅପୂର୍ବ ହେବ ଜୀବନ ।।

+ବଣ୍ଡାକୁଟୁରା,
ଜୁନାଗଡ଼, କଳାହାଣ୍ଡି
ମୋ-୯୩୩୭୭୯୩୧୫୭

# ନାନା ପାଟେକର

**ଜୟନ୍ତ କୁମାର ମଲ୍ଲିକ୍**



ସାହିତ୍ୟ ସଂସ୍କୃତି କଳାକୁ ଜୀବନେ
ଅତି ଆପଣାର ମଣି
ବହୁଜନ ହିତେ ପାଲଟି ଥିଲେ ସେ
ସବୁ ସୁଗୁଣର ଖଣି ।
ନାନା ପାଟେକର ନାମେ ସୁବିଦିତ
ଥିଲେ ସେତ ସବୁଠାରେ
ଅସରନ୍ତି ସ୍ମୃତି ଛାଡ଼ି ଆମ ପାଶେ
ଏବେ ସେତ ଆରପାରେ ।
ତାଙ୍କ ଅନୁପମ ଅଭିନୟ ବାସ୍ନା
ଏବେବି ରହିଛି ମନେ
ଗର୍ବ ଅହଂକାର ନଥିଲା ତାଙ୍କଠିଁ
ଲୋଭତ ନଥିଲା ଧନେ ।
ମଣିଷ ନିଜର ଟଙ୍କା ପର ବୋଲି
ଭାବୁଥିଲେ ସବୁବେଳେ
ପରମ ଆନନ୍ଦ ଲାଭ କରୁଥିଲେ
ଅସହାୟଙ୍କର ମେଳେ ।
ବିପଦ ବେଳରେ ବନ୍ଧୁଟିଏ ସାଜି
ବଢ଼ାଉ ଥିଲେ ସେ ହାତ
ସେବକ ଭାବରେ ସାରା ଜଗତରେ
ହୋଇଥିଲେ ତେଣୁ ଖ୍ୟାତ ।
ତାଙ୍କ ପରି ଯୋଗ୍ୟ ସୁମଣିଷ ପାଦେ
ନଇଁଯାଏ ଆମ ମଥା
ଯେତେ କହିଲେବି ନସରିବ କେବେ
ତାଙ୍କରି ଅସରା କଥା ।

+ ଶୂରଡିହ, ନନ୍ଦିପୁ. ଦଶରଥପୁର.
ଯାଜପୁର
ମୋ:-୯୪୩୭୮୬୫୭୨୭

# ଏକ ଅସମାପ୍ତ କାହାଣୀ

**ବିଷ୍ଣୁ ପ୍ରସାଦ ଦାସ**





ରିନା, ନାମଟି ଉଚ୍ଚାରଣ କଲେ ମୋ ମନ ଭିତରେ କେମିତି ଏକ ଅଦ୍ଭୁତ ଆଲୋଡନ ସୃଷ୍ଟି ହୁଏ । ନାମଟି ଯେମିତି ସୁନ୍ଦର, ରିନା ତା'ଠାରୁ ମଧ୍ୟ ଅଧିକ ଆକର୍ଷଣୀୟ ଜଣେ ଯୁବତୀ । ମନେହୁଏ ରିନା ଆଖିର ଗଭୀରତାରେ ଯେପରି ବହୁ ବର୍ଷର କୌଣସି ଅକୁହା କାହାଣୀ ଲୁଚି ରହିଛି, ଯେଉଁ କାହାଣୀର ଆରମ୍ଭ ଅଛି, କିନ୍ତୁ ଶେଷ ନାହିଁ ।

ରିନା ମୋର ଜୀବନର ଚଲା ପଥରେ କିଛି ଦିନ ପାଇଁ ଜଣେ ସହଯାତ୍ରୀ ଥିଲେ। ଯାତ୍ରା ଶେଷ ହୋଇ ଯାଇଛି ତଥାପି କାହିଁକି କେଜାଣି, ସେ ବାରମ୍ବାର ମୋ' ମନର ଖୋଲା ଝରକା ଦେଇ ନିଃଶବ୍ଦରେ ଚାଲି ଆସୁଛନ୍ତି ? ମୁଁ ତାଙ୍କୁ ଭୁଲି ଯିବାକୁ ଚାହେଁ, କିନ୍ତୁ ଯେତେଥର ଭୁଲିବାକୁ ଚେଷ୍ଟା କରେ, ସେତେଥର ସେ ଆହୁରି ଗଭୀର ଭାବରେ ମୋ' ମନକୁ ଆନ୍ଦୋଳିତ କରନ୍ତି । ମୁଁ କ'ଣ ସତରେ ରିନାଙ୍କୁ ଭଲ ପାଏ ? ହଁ, ଭଲ ପାଏ, କିନ୍ତୁ କାହିଁକି ?

ଜୀବନର ଏହି ପରିଣତ ବୟସରେ ଏହି ପ୍ରଶ୍ନର ଉତ୍ତର ଆଜି ମଧ୍ୟ ମୁଁ ଖୋଜି ପାଉନାହିଁ । କୌଣସି ନିର୍ଜନ ଅପରାହ୍ନରେ କିମ୍ବା ଗଭୀର ରାତିରେ, ରିନାଙ୍କର ସ୍ମୃତି ହଠାତ୍ ମୋ' ମନ ଭିତରେ ଗୁଞ୍ଜରି ଉଠେ ସେତେ ବେଳେ ମୋ ଆଖି ଆଗରେ ଭାସିଉଠେ ଏକ ଛୋଟ ଗଛ। ବହୁ ବର୍ଷ ପୂର୍ବେ ରିନା ମୋ' ବଗିଚାରେ ସେହି ଗଛଟିକୁ ଲଗାଇ ଥିଲେ। ଆଜି ଗଛଟି ବହୁତ ବଡ଼ ହୋଇ ଯାଇଛି। ତା'ର ଡାଳପତ୍ର ଫୁଲ, ଫଳରେ ଭରି ଯାଇଛି । କିନ୍ତୁ ରିନା ଜାଣନ୍ତି ନାହିଁ, ସେହି ଗଛ ସହିତ ମୋ ଜୀବନ ମଧ୍ୟ ବଦଳି ଯାଇଛି। କାରଣ, ମୋ ପାଇଁ ସେହି ଗଛଟି କେବଳ ଏକ ଗଛ ନୁହେଁ, ମୋ' ଜୀବନର ପ୍ରତୀକ, ମୋ' ଦାୟିତ୍ୱର ପ୍ରତୀକ, ମୋର ସବୁଠାରୁ ପ୍ରିୟ ମଣିଷ... ମୋ ଝିଅ ଅନିମାର ପ୍ରତୀକ। ରିନା ବର୍ତ୍ତମାନ କେଉଁଠି, ମୁଁ ଜାଣେ ନାହିଁ। ତାଙ୍କର କୌଣସି ଖୋଜ ଖବର ମଧ୍ୟ ରଖିନାହିଁ। ତଥାପି ୧୯୭୧ ମସିହାର ସେହି ସକାଳଟି ଆଜି ମଧ୍ୟ ମୋ ସ୍ମୃତିରେ ଅମଳିନ ହୋଇ ରହିଛି ।

ମୋ' ନାମ ସୁମନ ଚକ୍ରବର୍ତ୍ତୀ । କୋଲକାତାରେ ମୋର ନିଜର ଏକ ଛୋଟ ପ୍ରିଣ୍ଟିଂ ପ୍ରେସ୍ ଥିଲା । ସେତେବେଳେ ମୋ' ବୟସ ପ୍ରାୟ ପଞ୍ଚତିରିଶ ବର୍ଷ । ମୁଁ ଅବିବାହିତ ଥିଲି । ମୁଦ୍ରଣ କାର୍ଯ୍ୟକୁ ନେଇ ମୋର ଦିନ କଟି ଯାଉଥିଲା । ସେଦିନ ମଧ୍ୟ ପ୍ରେସ୍‌ରେ ବସି ହିସାବପତ୍ର ଦେଖୁଥିଲି । ହଠାତ୍ ଦ୍ୱାର ଖୋଲି ଜଣେ ଯୁବତୀ ଭିତରକୁ ପଶି ଆସିଲେ । ବୟସ ଏକୋଇଶ-ବାଇଶ ବର୍ଷରୁ ଅଧିକ ହେବ ନାହିଁ। ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡ଼କୁ ଚାହିଁ ରହିଲି। ଝିଅଟି କିଛି ସମୟ ନିରବ ରହି କହିଲେ .... "ମୁଁ ରିନା ବିଶ୍ୱାସ, ପୂର୍ବ ପାକିସ୍ତାନରୁ ଶରଣାର୍ଥୀ ଭାବେ ଏଠାକୁ ଆସିଛି । ମୁଁ ଜଣେ ସକ୍ରିୟ ମୁକ୍ତିଯୋଦ୍ଧା । ବହୁତ ଆଶା ନେଇ ଆପଣଙ୍କ ପାଖକୁ ଆସିଛି । ମୋର ଜୀବନ ପ୍ରତି ବିପଦ ରହିଛି, ଆପଣ କ'ଣ ମୋତେ ଟିକେ ସାହାଯ୍ୟ କରିପାରିବେ ?" ମୁଁ କିଛି ସମୟ ଚୁପ୍ ରହିଲି । ତାଙ୍କ ଆଖିରେ ସେତେବେଳେ ଥିଲା କ୍ଳାନ୍ତି, ଭୟ ଏବଂ ତା' ସହିତ ଏକ ଅଦ୍ଭୁତ ଆତ୍ମବିଶ୍ୱାସ ।

ରିନା ଥିଲେ ଢାକା ସହରର ଝିଅ, ଢାକା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ । ଏକ ଛୋଟ ସମ୍ବାଦପତ୍ର ପ୍ରକାଶନ ସଂସ୍ଥା ସହିତ ସେ ଜଡ଼ିତ ଥିଲେ । ସେହି ପତ୍ରିକାର ନାମ ଥିଲା 'ବଙ୍ଗଳାର ମଶାଲ'। ମୁକ୍ତିଯୁଦ୍ଧ ଆରମ୍ଭ ହେବା ପରେ ପାକିସ୍ତାନୀ ସେନା ବାହିନୀର ଦମନଲୀଳାର ଶିକାର ହୋଇଥିଲା ସେମାନଙ୍କ ସମ୍ବାଦପତ୍ର କାର୍ଯ୍ୟାଳୟ । ଛାପାଖାନାକୁ ଧ୍ୱଂସ କରି ଦିଆ ଯାଇଥିଲା । ରୀନା ଅନେକ ପରିଚିତ ଲୋକଙ୍କୁ ହରାଇ ଥିଲେ ଏବଂ ନିଜ ଜୀବନ ପ୍ରତି ଭୟ ଥିବାରୁ ଶେଷରେ ସେ ପଡୋଶୀ ଦେଶ ଭାରତରେ ଆଶ୍ରୟ ନେବାକୁ ଦେଶ ଛାଡି ଥିଲେ ।

ତାଙ୍କ ସ୍ୱପ୍ନ ଥିଲା....ବାଂଲାଦେଶ ସ୍ୱାଧୀନ ହେବ । ଶେଖ୍ ମୁଜିବୁର ରହମାନଙ୍କ ନେତୃତ୍ୱରେ ମୁକ୍ତିବାହିନୀ ସେହି ସ୍ୱପ୍ନକୁ ସାକାର କରିବାକୁ ନିଶ୍ଚିତ ସକ୍ଷମ ହେବ । ଦେଶ ପ୍ରେମର ସ୍ୱପ୍ନ ସେତେବେଳେ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟରେ ଅଗ୍ନି ଜଳାଇ ଦେଇଥିଲା । ପାକିସ୍ତାନୀ ସେନା ବାହିନୀଙ୍କୁ ସେମାନେ ଜୀବନ ଦେଇ ପ୍ରତିରୋଧ କରୁଥିଲେ । ରିନା କହି ଚାଲିଥିଲା ସୁମନ ବାବୁ "ମୁଁ ପୁଣି ମୋ ଦେଶ ପାଇଁ କାମ କରିବାକୁ ଚାହେଁ । ମୁଁ ଚାହେଁ, ବାଂଲାଦେଶର ସ୍ୱାଧୀନତା ପାଇଁ ମୋର ଯେତିକି ଶକ୍ତି ସାମର୍ଥ୍ୟ ଅଛି କୋଲକତାରେ ରହି ସେତିକି କରିବାକୁ ଆପ୍ରାଣ ଚେଷ୍ଟା କରିବି'। ରିନାଙ୍କର ଦେଶ ପ୍ରେମ , ତ୍ୟାଗ କଥା ଶୁଣି ମୁଁ ତାଙ୍କୁ ମୋ' ପ୍ରେସ୍‌ରେ କାମ କରିବାର ସୁଯୋଗ ଦେଲି ।

ସେହି ସମୟରେ କଲକାତାରେ ପ୍ରତିଦିନ ଅସଂଖ୍ୟ ଶରଣାର୍ଥୀ ଆସି ଆଶ୍ରୟ ନେଉଥିଲେ। ଲୋକ ମାନଙ୍କ ଆଖିରେ ଥିଲା ଆତଙ୍କ, ଅନିଶ୍ଚିତତା ଏବଂ ଭବିଷ୍ୟତକୁ ନେଇ ଗଭୀର ଉଦ୍‌ବେଗ । ରିନା ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ ଥିଲେ, କିନ୍ତୁ ରୀନା ଗୁପ୍ତରେ ମୁକ୍ତି ବାହିନୀକୁ ସବୁ ପ୍ରକାର ସହଯୋଗ କରୁଥିଲେ। ତାଙ୍କ ଭିତରେ ଭରି ରହି ଥିଲା ଏକ ଜୀବନ୍ତ ଆଗ୍ନେୟଗିରିର ଉତପ୍ତ ଲାଭା ଯାହା ପାକିସ୍ତାନୀ ସୈନ୍ୟ ବାହିନୀକୁ ପୋଡି ଜାଳି ଧ୍ୱଂସ କରି ଦେବାର ସାମର୍ଥ ରଖିଥିଲା।

କିଛିଦିନ ପରେ ପରିସ୍ଥିତି ଯୋଗୁଁ ରିନା ମୋ' ଘରେ ଅତିଥି ଭାବରେ ରହିବାକୁ ଲାଗିଲେ । ନିଆଁ ଘିଅ ଏକାଠି ଥିଲେ ମଧ୍ୟ ଆମ ମଧ୍ୟରେ କୌଣସି ଅନୈତିକ ସମ୍ପର୍କ ଗଢି ଉଠି ନଥିଲା । ବରଂ ଆମର ସମ୍ପର୍କ ଥିଲା ପାରସ୍ପରିକ ସମ୍ମାନ, ବିଶ୍ୱାସ ତଥା ମାନବିକତାର ଉପରେ ଆଧାରିତ। ଦିନେ ରିନା ମୋତେ ଏମିତି ଏକ କଥା କହିଲେ, ଯାହା ଶୁଣି ମୋ' ଛାତି ଭିତରଟା ଥରି ଉଠିଲା। ମୁଁ ଆକାଶରୁ ପଡିବା ପରି ଅନୁଭବ କରିଥିଲି , ସେ ଗର୍ଭବତୀ ଥିଲେ । ଆହୁରି ଭୟଙ୍କର ସତ୍ୟ ଥିଲା, ଗର୍ଭରେ ଥିବା ଶିଶୁର ପିତା କିଏ, ସେ ନିଜେ ମଧ୍ୟ ଜାଣି ନଥିଲେ ।

ଦେଶ ଛାଡି ପଳାୟନ ସମୟରେ ପାକିସ୍ତାନୀ ସେନାବାହିନୀର କବଳରେ ପଡି ସେ ଗଣଧର୍ଷଣର ଶିକାର ହୋଇ ଥିଲେ, ଦୁଇଦିନ ଦୁଇ ରାତି ଧରି ଅସହ୍ୟ କଷ୍ଟକୁ ସେ ଜୀବନରେ କେବେ ଭୁଲିବା ସମ୍ଭବ ନୁହେଁ । ଏହି ଘଟଣା ଗୁଡ଼ିକ ବର୍ଣ୍ଣନା କରିବା ସମୟରେ, ଅସହ୍ୟ ମାନସିକ ଯନ୍ତ୍ରଣାରେ ମୁଣ୍ଡ ନୁଆଁଇ ରିନା କାନ୍ଦୁଥିଲେ, ତାଙ୍କ ଗାଲ ଦେଇ ଉଷ୍ମ ଅଶ୍ରୁ ବହି ଯାଉଥିଲା । ପାକିସ୍ତାନୀ ସେନା ଦ୍ୱାରା କରାଯାଇଥିବା ଅମାନବୀୟ ଏବଂ ହୃଦୟ ବିଦାରକ ଅତ୍ୟାଚାର ଯୋଗୁଁ ହଜାର ହଜାର ବଙ୍ଗାଳୀ ମହିଳା ତଥା ଯୁବତୀ ନିଜର ସମ୍ମାନ ହରାଇ ଥିଲେ ଏବଂ ଆତ୍ମହତ୍ୟାର ପଥ ବାଛି ନେଇଥିଲେ । ରୀନା କିନ୍ତୁ ଜୀବନ ହାରିବା ବଦଳରେ ସଂଗ୍ରାମ କରିବାକୁ ଶପଥ ନେଇଛନ୍ତି, ତାଙ୍କ ଦେଶକୁ ସ୍ୱାଧୀନ କରିବାର ସ୍ୱପ୍ନ ଦେଖୁଛନ୍ତି । ରିନାଙ୍କର ହୃଦୟ ବିଦାରକ କାହାଣୀ ଶୁଣି ମୋ' ଆଖିରେ ମଧ୍ୟ ଲୁହ ଆସି ଯାଇଥିଲା, ତାଙ୍କ ଦୁଃଖରେ ମୁଁ ସମଦୁଃଖୀ ହୋଇଥିଲି ।

ରିନା କହିଲେ ..."ମୁଁ ଏହି ସନ୍ତାନକୁ ଚାହେଁ ନାହିଁ, ସୁମନ ବାବୁ । କିନ୍ତୁ ମୁଁ କ'ଣ କରିବି ? ମୋ' ପାଖରେ ତ' ଆଉ କୌଣସି ରାସ୍ତା ନାହିଁ।" ସେହି ଯୁଦ୍ଧ ଜନିତ ଅଶାନ୍ତ ପରିସ୍ଥିତିରେ ତାଙ୍କ ଇଚ୍ଛା ଅନୁସାରେ ଚିକିତ୍ସାର ବ୍ୟବସ୍ଥା/ ଗର୍ଭପାତ କରିବା ମଧ୍ୟ ସହଜ ନଥିଲା। ଶେଷରେ କିଛି ମାସ ପରେ ରିନାଙ୍କ ଗର୍ଭରୁ ଜନ୍ମ ନେଲା ଏକ ସୁନ୍ଦରୀ କନ୍ୟା ରତ୍ନ। ରିନା ଶିଶୁଟିକୁ କୋଳରେ ନେଇ ନିର୍ବାକ ହୋଇ ବସିଥିଲେ । ମୁଁ ତାଙ୍କ ଆଡ଼କୁ ଚାହିଁ କହିଲି, ରୀନା ତା'ର ନାମ ' ଅନିମା ' ରଖିବା। ସେହି ମୁହୂର୍ତ୍ତରେ ଶିଶୁଟିକୁ ଦେଖି ମୋ' ମନ ଭିତରେ ଏକ ଅଦ୍ଭୁତ ପ୍ରଶ୍ନ ଉଠିଲା। ଏହି ନିରୀହ ଶିଶୁର ଦୋଷ କ'ଣ ? ତା'ର ଜନ୍ମ ପଛରେ ଯେଉଁ ନିଷ୍ଠୁର ଇତିହାସ ରହିଛି, ସେଥିପାଇଁ ତ ଶିଶୁଟି ଦାୟୀ ନୁହେଁ । ସମାଜ ହୁଏତ ପ୍ରଶ୍ନ କରିବ, ଲୋକମାନେ ହୁଏତ କଟୁକଥା କହିବେ। କେହି ହୁଏତ କହିବେ, ମୁଁ କାହିଁକି ଜଣେ ଅବିବାହିତ ବିଦେଶୀ ମହିଳାଙ୍କୁ ନିଜ ଘରେ ସ୍ଥାନ ଦେଇଛି ? ଶିଶୁଟିର ପିତାଙ୍କ ପରିଚୟ ସମାଜ ଖୋଜିପାରେ। କିନ୍ତୁ ସେତେବେଳେ ଏହି ପ୍ରଶ୍ନ ଗୁଡ଼ିକର ମୋ' ପାଇଁ କୌଣସି ମୂଲ୍ୟ ନଥିଲା। ଏକ ନିରପରାଧ ଶିଶୁର ଭବିଷ୍ୟତ ହିଁ ମୋ' ପାଇଁ ସବୁଠାରୁ ବଡ଼ ଆହ୍ୱାନ ଥିଲା । ରିନାଙ୍କୁ ଶେଷରେ ସ୍ତ୍ରୀ ରୂପେ ଗ୍ରହଣ କରି ନେଇଥିଲି, ଅନିମାକୁ ତାର ପିତୃ ପରିଚୟ ମିଳି ଯାଇଥିଲା।

ହସ୍ପିଟାଲରେ ରିନାଙ୍କ ପାଖରେ ଠିଆ ହୋଇ ମୁଁ ଗର୍ବର ସହିତ ତାଙ୍କ ସ୍ୱାମୀ ଭାବରେ ପରିଚୟ ଦେଇଥିଲି । ରିନା ମୋ' ଆଡ଼କୁ ଅବାକ ହୋଇ ଚାହିଁ ରହିଥିଲେ । ତାଙ୍କ ଆଖିରେ କୃତଜ୍ଞତା, ଲଜ୍ଜା, ଯନ୍ତ୍ରଣା ଏବଂ ଲୁହ, ସବୁକିଛି ଏକାଠି ମିଶି ଯାଇଥିଲା। ସମାଜ ଆଖିରେ ଯଦିଓ ଆମେ ସ୍ୱାମୀ ସ୍ତ୍ରୀ ର ସମ୍ପର୍କରେ ପରିଚିତ ହୋଇ ଥିଲୁ କିନ୍ତୁ ଆମ ମଧ୍ୟରେ କୌଣସି ଦୈହିକ ସମ୍ପର୍କ ଗଢ଼ି ଉଠି ନଥିଲା । ଥିଲା କେବଳ ଗଭୀର ମାନବିକତାର ବନ୍ଧନ। ଥିଲା ଦାୟିତ୍ୱ, ଥିଲା ବିଶ୍ୱାସ, ଥିଲା ରିନାଙ୍କର ସ୍ୱପ୍ନକୁ ସଫଳ କରିବା, ତାଙ୍କୁ କୋଲକାତାରେ ସୁରକ୍ଷା ଯୋଗାଇ ଦେବା ଏବଂ ସର୍ବୋପରି ଅନିମାର ଭବିଷ୍ୟତ । ମୁଁ ନିଷ୍ପତ୍ତି ନେଇଥିଲି, ଯାହା ହେଉ ନା କାହିଁକି, ଏହି ଶିଶୁଟିକୁ ସମାଜରେ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବି ।

ସମୟ ନିଜ ଗତିରେ ଆଗେଇ ଚାଲିଲା । ଦିନେ ପୃଥିବୀ ମାନଚିତ୍ରରେ ବାଂଲାଦେଶ ଏକ ସ୍ୱାଧୀନ ରାଷ୍ଟ୍ରର ମର୍ଯ୍ୟାଦା ପାଇଲା । ରିନାର ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଗଲା । ବାଂଲାଦେଶର ନୂଆ ରାଷ୍ଟ୍ର ବ୍ୟବସ୍ଥାରେ ତାଙ୍କର ପୁରୁଣା ସହକର୍ମୀ ମାନେ ତାଙ୍କୁ ଖୋଜିବା ଆରମ୍ଭ କରି ଦେଲେ । ଦେଶ ପାଇଁ ଯେଉଁ ଝିଅଟି ଏତେଦିନ ଲଢ଼େଇ କରିଥିଲେ , ତାଙ୍କ ନିଜ ଦେଶ ଏବେ ତାଙ୍କୁ ଫେରି ପାଇବାକୁ ଆଗ୍ରହୀ ଥିଲା ।

ରିନା ଦ୍ୱନ୍ଦ୍ୱରେ ପଡି ଯାଇଥିଲେ । ଗୋଟିଏ ପଟେ ତାଙ୍କର ଦେଶ, ଅନ୍ୟ ପଟେ ନିଜ ସନ୍ତାନ ଅନିମା । ଶେଷରେ ଦିନେ ସେ ମୋ' ହାତରେ ଅନିମାକୁ ଦେଇ କହିଲେ, "ସୁମନ, ତୁମେ ଅନିମାକୁ ପିତୃ ପରିଚୟ ଦେଇଛ , ମୋର ଅନୁରୋଧ ତୁମେ ତାକୁ ମଣିଷପରି ଗଢ଼ି ତୋଳ। ମୁଁ ଜାଣେ, ତୁମେ ତାହା ନିଶ୍ଚିତ କରି ପାରିବ । ତୁମ ପାଇଁ ମୁଁ ଗର୍ବିତ , ତୁମର ତ୍ୟାଗ ଅନନ୍ୟ, ମୁଁ ଯେଉଁଠି ଥିଲେ ମଧ୍ୟ ତୁମ ଋଣ ଏହି ଜୀବନରେ କେବେ ସୁଝି ପାରିବି ନାହିଁ '। ମୁଁ କିଛି କହି ପାରିଲି ନାହିଁ, ଖାଲି ଭାବୁଥିଲି ରୀନା ସତରେ ତାଙ୍କ ଦେଶକୁ କେତେ ଭଲ ପାଆନ୍ତି, ନିଜ ଜନ୍ମିତ ଶିଶୁକୁ ମଧ୍ୟ ଦେଶ ପାଇଁ ତ୍ୟାଗ କରିଦେଇ ପାରିଲେ।

ରିନା ବାଂଲାଦେଶ ଫେରିଗଲେ । ଆଉ ଅନିମା ରହିଗଲା ମୋ' ପାଖରେ । ତା'ପରେ କଟିଗଲା ଗୋଟିଏ ପରେ ଗୋଟିଏ ବର୍ଷ । ମୁଁ ଅନିମାକୁ କେବେ ବୁଝିବାକୁ ଦେଇନି ଯେ ସେ ମୋର ଜୈବିକ ସନ୍ତାନ ନୁହେଁ । ମୋ' ପାଇଁ ସେ କେବଳ ମୋ ଝିଅ । ସେ ମୋତେ ବାପା ବୋଲି ହିଁ ଜାଣିଛି । ଆଜି ଅନିମା କୋଡିଏ ବର୍ଷରେ ପଦାର୍ପଣ କରିଛି । ସ୍ନାତକ ଶେଷ କରି ସେ ଆଇନ ପଢୁଛି । ବୁଦ୍ଧିମତୀ, ଆତ୍ମସମ୍ମାନ ସମ୍ପନ୍ନ ଏବଂ ସମ୍ବେଦନଶୀଳ ଜଣେ ଯୁବତୀ ଭାବେ ସେ ନିଜକୁ ସାବ୍ୟସ୍ତ କରି ପାରିଛି ।

୧୯୭୧ ମସିହାରେ ଯେଉଁ ଗଛଟି ରିନା ମୋ' ବଗିଚାରେ ଲଗାଇ ଥିଲେ , ତାହା ଧୀରେ ଧୀରେ ବଡ଼ ହୋଇଛି । ମୁଁ ପ୍ରାୟତଃ ଗଛଟି ସାମ୍ନାରେ ଠିଆ ହୋଇ ଭାବେ, ଏକ ଗଛକୁ ଯେପରି ଭଲପାଇବା, ଯତ୍ନ ଏବଂ ସମୟ ଦେଇ ବଡ଼ କରିବାକୁ ପଡ଼େ, ଜଣେ ମଣିଷକୁ ମଧ୍ୟ ସେହିପରି ଭାବରେ ଗଢ଼ି ତୋଳିବାକୁ ପଡ଼େ । ଅନିମା ମଧ୍ୟ ସ୍ନେହ ମମତା ପାଇ ଆଜି ବଡ଼ ହୋଇ ଯାଇଛି । ସେ ଜାଣେ, ତା'ର ମା' ନାହିଁ । ସେ ଜାଣେ, ମୁଁ ତା'ର ବାପା ଆଉ ମା' ଉଭୟ , ସେ ମୋତେ ଅନ୍ତରରୁ ଭଲପାଏ । ଏବେ ମୋର ଯେତେ ଚିନ୍ତା ଅନିମାକୁ ନେଇ....ତା'ର ଭବିଷ୍ୟତ, ତା'ର ପଢ଼ାଶୁଣା, ତା'ର ଜୀବନ, ତା'ର ବିବାହ....

କିନ୍ତୁ ରିନା ? ରିନା କେଉଁଠି ? ମୁଁ ଜାଣେ ନାହିଁ। ଜାଣିବାର କୌଣସି ଅଧିକାର ମଧ୍ୟ ବୋଧହୁଏ ମୋର ନାହିଁ । ତଥାପି ଜୀବନର କିଛି ନିର୍ଜନ ମୁହୂର୍ତ୍ତରେ ମୁଁ ତାଙ୍କୁ ଖୋଜେ । ତାଙ୍କ ସହିତ କଟାଇଥିବା ସେହି ଦିନ ଗୁଡ଼ିକର କଥା ମନେ ପଡ଼ିଲେ ମୋ ଛାତି ଭିତରଟା ଭାରି ହୋଇଯାଏ । ଆମ ମଧ୍ୟରେ କୌଣସି ଦାମ୍ପତ୍ୟ ସମ୍ପର୍କ ନଥିଲା । କିନ୍ତୁ ଥିଲା ଆତ୍ମାର ଏକ ଗଭୀର ସମ୍ପର୍କ....ଯେଉଁ ସମ୍ପର୍କର କୌଣସି ନାମ ନାହିଁ।

ବହୁ ବର୍ଷ ପରେ ଶୁଣିଲି, ରିନା ବାଂଲାଦେଶର ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅଛନ୍ତି । ମନ୍ତ୍ରିମଣ୍ଡଳରେ ମଧ୍ୟ ତାଙ୍କୁ ସ୍ଥାନ ମିଳିଛି । ଖବରଟି ଶୁଣି ମୋ' ଆଖିରେ ଲୁହ ଆସି ଯାଇଥିଲା । ମୁଁ ମନେ ମନେ କହିଥିଲି...."ରିନା, ତୁମେ ଯାହା ଚାହିଁଥିଲ ତାହା ପାଇଛ ।" ଥରେ ଶୁଣିଥିଲି, ରିନା ସରକାରୀ କାର୍ଯ୍ୟରେ ବାଂଲାଦେଶର ପ୍ରତିନିଧି ହୋଇ କୋଲକାତା ଆସିଥିଲେ । ସେ ମୋତେ ବହୁତ ଖୋଜି ଥିଲେ, କିନ୍ତୁ ମୁଁ ତାଙ୍କ ସାମ୍ନାକୁ ଯାଇ ନଥିଲି । କାହିଁକି ଯାଇ ନଥିଲି ? ହୁଏତ ମୁଁ ଅନିମା ଭବିଷ୍ୟତ ପାଇଁ ଭୟ ପାଇଥିଲି । ରିନାଙ୍କର ଅତୀତର ସେହି ଅନ୍ଧକାରମୟ ଅଧ୍ୟାୟକୁ ପୁଣି ତାଙ୍କ ସାମ୍ନାକୁ ଆଣିବାକୁ ମୁଁ ଚାହୁଁନଥିଲି । ମୁଁ ଚାହୁଁନଥିଲି, ପୁରୁଣା କ୍ଷତ ପୁଣି ରକ୍ତାକ୍ତ ହେଉ । ଆଉ ସବୁଠାରୁ ବଡ଼ କଥା, ମୁଁ ଚାହୁଁନଥିଲି ଅନିମା ସାମ୍ନାରେ ତା' ମା'ର ଜୀବନର ସେହି ନିଷ୍ଠୁର ସତ୍ୟ ପ୍ରକାଶ ପାଉ ।

ରିନା ମୋତେ ମନେ ରଖିଛନ୍ତି କି ନାହିଁ, ସେ କଥା କିଏ କହିବ ? ହୁଏତ ତାଙ୍କ ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ମୋର କୌଣସି ସ୍ଥାନ ନାହିଁ । କିନ୍ତୁ ମୋ ଜୀବନରେ ସେ ରହି ଯାଇଛନ୍ତି....ଆକାଶର ଉଜ୍ଜଳ ଧ୍ରୁବତାରା ସଦୃଶ। ମୋ ଜୀବନର ଏକ ଅସମାପ୍ତ କାହାଣୀ ପରି । ଏକ ନିରବ ସ୍ମୃତି ପରି । ତାଙ୍କର କର କମଳ ସ୍ପର୍ଶରେ ଲଗାଇଥିବା ସେଇ ଚାରା ଗଛଟି ଆଜି ବିରାଟ ବୃକ୍ଷ ଭାବେ ମୋ' ବଗିଚାରେ ଠିଆ ହୋଇଛି । କେବେ କେବେ ସେହି ଗଛର ଫୁଲର ସୁଗନ୍ଧରେ ମୁଁ ୧୯୭୧ ମସିହାର ସେହି ସକାଳକୁ ପୁଣି ଫେରିଯାଏ । ଦେଖେ, ପ୍ରେସ୍‌ର ଦ୍ୱାର ପାଖରେ ଠିଆ ହୋଇଛନ୍ତି ଜଣେ ଯୁବତୀ ରୀନା .....।

ଆଜି ମୋ ପାଖରେ ରିନାଙ୍କ ସ୍ମୃତି ଅନିମା ଅଛି, ଅନିମାର ଉଜ୍ଜଳ ଚକ୍ଷୁରେ ମୁଁ ରୀନାଙ୍କୁ ଦେଖି ପାରେ । ମୋ ଜୀବନର ସବୁଠାରୁ ବଡ଼ ସଫଳତା ମୋ' ଝିଅ ଅନିମା । ଏଇ ଜୀବନରେ କିଛି ସମ୍ପର୍କର କୌଣସି ନାମ ନଥାଏ । କିଛି ଭଲପାଇବାର କୌଣସି ଦାବି ନଥାଏ । କିଛି ମଣିଷ ଆମ ଜୀବନକୁ ଆସି ଆମର ଜୀବନର ଗତିପଥ ବଦଳାଇ ଦେଇ ଚାଲି ଯାଆନ୍ତି । କିନ୍ତୁ ସେମାନେ ନିଜେ ଆମ ଜୀବନର ଏକ ଅଙ୍ଗ ହୋଇ ମଧ୍ୟ ପରିସ୍ଥିତି ଚାପରେ ଆମ ସହିତ ଜୀବନ ଯାତ୍ରା କରିବାକୁ ସମର୍ଥ ହୁଅନ୍ତି ନାହିଁ । ରିନା... ତୁମେ ମୋ' ଜୀବନର ସେହି ଅସମାପ୍ତ କାହାଣୀ। ଯାହାର କୌଣସି ଶେଷ ନାହିଁ, ତଥାପି କାହାଣୀର ପ୍ରତ୍ୟେକ ଅଧ୍ୟାୟ ଆଜି ମଧ୍ୟ ମୋ ହୃଦୟରେ ଲିପିବଦ୍ଧ ହୋଇ ରହିଛି ।

+ ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# କର୍ତ୍ତବ୍ୟ

**ଦିଲ୍ଲୀପ କୁମାର ସ୍ୱାଇଁ**



ରାଜଧାନୀର ପ୍ରଶସ୍ତ ଛାତି ଉପରେ ଗଢିଉଠିଛି କେତେ ଯେ କେତେ ସୌଧ, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, କେବଳ ସେତିକି ନୁହେଁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଭଳି କି ଭଳି ବୃକ୍ଷ ରୋପଣ ଆହୁରି ଦ୍ୱିଗୁଣିତ କରୁଛି ସହରର ସୌନ୍ଦର୍ଯ୍ୟକୁ । ସୁଦୂର ଗାଁରୁ ଆସି କିଏ ନିଜର ସ୍ୱପ୍ନର ମିନାର ତିଆରି କରୁଛି ତ କିଏ ହସ୍ପିଟାଲରେ ରୋଗାକ୍ରାନ୍ତ ହୋଇ ଦିନ କାଟୁଛି । ଏତଦବ୍ୟତୀତ ମନ୍ଦିରମାଳିନୀ ଭାବରେ କେଉଁ କାଳରୁ ସନାତନ ଧର୍ମର ଶତ ଶୁଭଶଙ୍ଖ ବାଜି ଉଠୁଛି। ବିଦେଶରୁ ପର୍ଯ୍ୟଟକଙ୍କ ସମାଗମ ଆମର ସଂସ୍କୃତି ଓ ବୈଭବତାକୁ ଆହୁରି ପ୍ରସାରିତ କରିଛି ।

କାହିଁ କେଜାଣି ସେଦିନ ଦଶରଥ ବାବୁଙ୍କ ଅପରାହ୍ନରେ ଧଉଳି ଆଡେ ବୁଲିବାକୁ ମନ ବ୍ୟାକୁଳ ହୋଇଉଠିଲା। ଯାଉ ଯାଉ ସମ୍ମୁଖରେ ଝଟକି ଉଠିଲା ଏକ ଚକିତ କଲାଭଳି ଦୃଶ୍ୟପଟ । ଯେଉଁ ହାତରେ କଲମ ଧରି ଦେଶର ପ୍ରଗତିରେ ନିଜକୁ ସାମିଲ କରିବା କଥା କିନ୍ତୁ ସେ କଣ୍ କରୁଛି । ସବୁ କଥା ଭାବିବା ଆଗରୁ ତା' ଆଖି ସହ ମୋ ଆଖି ମିଶିବା କ୍ଷଣି ଲୋତକାପ୍ଲୁତ ଅଶ୍ରୁ କରିଦେଉଥିଲା ତା ଲୁହ ପଛର ବେଦନା ସବୁକୁ। ଏମିତି ନାନା ଭାବରେ ହୋଟେଲ ମଧ୍ୟରେ ଦଶରଥ ବାବୁଙ୍କ ଚର୍ଚ୍ଚା କରୁଥାଏ ସେଇ ନିଷ୍ପାପ ପିଲାଟିଏ । ମନ ମଧ୍ୟରେ ଅନେକ ଆନ୍ଦୋଳିତ କରୁଥାଏ ପିଲାଟିର ବିଷୟରେ ଜାଣିବାକୁ। ନିଜର ପଢା ବୟସରେ ଏମିତି କାର୍ଯ୍ୟରତ ନିଶ୍ଚିତ ଦଶରଥ ବାବୁଙ୍କୁ କଷ୍ଟ ଦେଇଛି । ରାତ୍ର ଦଶ ଘଟିବା ପର୍ଯ୍ୟନ୍ତ ସେମିତି ଦଶରଥ ବାବୁଙ୍କ ଅପେକ୍ଷାରତ ଥାଆନ୍ତି ପିଲାଟି ସହ କିଛି କଥା ହେବାକୁ । ହୋଟେଲ କାର୍ଯ୍ୟସାରି ପିଲାଟିର ଫେରିବାବେଳ । ପୋଷାକ ଗୁଡିକରେ ଖାଦ୍ୟ ପରସିବା ବେଳର ଛିଟା ଲାଗିଥାଏ, ଯିଏ ହେଲେ କହିଦେବ କେଉଁ ଏକ ହୋଟେଲରେ କାର୍ଯ୍ୟକରୁଛି ବୋଲି। ପଛରୁ ନିଜ ମୋଟର ସାଇକେଲ ଥାଇ ଡାକ ପକାଇଲେରେ ଛୁଆପୁଅ କୁଆଡେ ଯିବୁ। କେଉଁଠି ତୋ ଘର। ପିଲାଟି ଉତ୍ତର ଥାଏ ନାହିଁ ଆଜ୍ଞା ଏଇ ଆଗକୁ ଯିବି। ହେଉ ଆସେ ମୋ ସହ ବସ୍ ମୁଁ ଛାଡ଼ିଦେବି। ନାହିଁ ଆଜ୍ଞା ମୁଁ ଚାଲି ଚାଲି ପଳେଇବି। ବାଧ କରିବାରୁ ପିଲାଟି ମୋ ସହ ବସିଲା। ଆରେ ବାବୁ ତୋ ନାଁ କଣ ! ଆଜ୍ଞା ମୋ ନାଁ ରାହୁଲ ରଣା । ତୋର ବୟସ କେତେ । ଆଜ୍ଞା ତେର ବର୍ଷ । ତୋର କଣ କେହି ନାହାନ୍ତି ? ହଁ ଆଜ୍ଞା ସମସ୍ତେ ଅଛନ୍ତି। ମାଆ, ବାପା, ଭଉଣୀ ( ୮ ବର୍ଷର) ତେବେ ତୁ ସେମାନଙ୍କ ପାଖେ ନ ରହି ଏ ହୋଟେଲରେ କାହିଁ କାର୍ଯ୍ୟ କରୁଛୁ । ଏତିକି କହିବା ମାତ୍ରେ ପିଲାଟି ଝାଉଁଳି ପଡିଲା । ସତେ ଯେପରି କେଉଁ ଏକ କଳା ବାଦଲର ଭୟ ଖେଳିଗଲା ତା' ଚତୁଃପାର୍ଶ୍ୱରେ, ଅତ୍ୟନ୍ତ ଦୁଃଖ ପୂର୍ଣ୍ଣ ଭାବରେ ନିଜର ପରିବାର କଥା କହିଛି ।

ଆମ ଘର ଆଜ୍ଞା ଭଦ୍ରକ । ମୋ ବାପା ଜଣେ ଚାଷୀ। ଚାଷ କରିଥାନ୍ତି। ହଠାତ୍ ପ୍ରାକୃତିକ ଦୁର୍ବିପାକ ବନ୍ୟାରୁ ପ୍ରଭାବରେ ଆମ ସମସ୍ତ ଚାଷ ନଷ୍ଟ ହୋଇଗଲା । ଯାହା ଫଳରେ ଚାଷଋଣ ମଧ୍ୟ ସୁଝିବାକୁ ଅସମର୍ଥ ହେଲୁ । ବୀମାକାରୀ ସଂସ୍ଥା କୌଣସି ପ୍ରକାର ସାଲିସ୍ କରେ ନାହିଁ। ଫଳସ୍ୱରୂପ ଘରଟି ନିଲାମ ହୋଇଗଲା । ଏହି ଦୁଶ୍ଚିନ୍ତାରେ ବାପାଙ୍କର ବ୍ରେନ୍ ଷ୍ଟ୍ରୋକ ହୋଇଗଲା। ଏସ୍.ସି. ବି ମେଡିକାଲରେ ଚିକିତ୍ସାଧୀନ ବାପା। ମାଆ ଭଉଣୀ ସେମାନଙ୍କ ପାଖେ ସବୁତକ ବୋଝ ଯେପରି ମୋ ମୁଣ୍ଡରେ । ବୋଝ ନୁହେଁ କର୍ତ୍ତବ୍ୟବୋଧର ପ୍ରତିଜ୍ଞା । ପାଠ କଣ୍ ଆଉ ପଢ଼ିବି ନିଜ ପରିବାରର ଅସୁବିଧା ଦୂର କରିବାକୁ ଯାଇ ଚାଲିଆସିଲି ଭୁବନେଶ୍ୱର। ଶେଷରେ ଏ ହୋଟେଲରେ କାର୍ଯ୍ୟ କରିବା ସୁଯୋଗ ପାଇଲି । ମୋର ପାରିଶ୍ରମିକ ବାବଦକୁ ମାସକୁ ପାଞ୍ଚ ହଜାର ନେଇଥାଏ। ସେଥିରେ ବାପାଙ୍କ ଔଷଧ ଖର୍ଚ୍ଚ ବାଦ୍ ପରିବାର । ସବୁର ଦାୟିତ୍ୱ ମୋ ଉପରେ । ଦଶରଥ ବାବୁଙ୍କୁ ଆଚମ୍ୱିତ ହୋଇଗଲେ ଏବଂ ତାଙ୍କ ଆଖିରେ ଧାର ଧାର ଲୁହ। ରାଜଧାନୀରେ କିଏ ବିଳାସପୂର୍ଣ୍ଣ ଜୀବନ ବଞ୍ଚୁଥିବା ବେଳେ ଆଉ କିଏ, ଚାକଚକ୍ୟ ରାଜଧାନୀକୁ ଉପଭୋଗ କରୁଥାଏ ତାହାର ବୈଭବତାରେ । ଆଉ ଅବା କେଉଁଠି ବନ୍ଦ କୋଠରୀରେ ନିଜ ସ୍ୱପ୍ନକୁ ପୂରଣ କରିବାକୁ ଯାଇ ରାତିଦିନ ଏକ କରି ଲାଗିଥାଏ। କିନ୍ତୁ ରାହୁଲ ଯେଉଁ ବୟସରେ ଅନ୍ୟର ସାହାରା ଲୋଡ଼ିବା କଥା ସେ ନେଇଛି କର୍ତ୍ତବ୍ୟ ପରାୟଣର ଜ୍ୱଳନ୍ତ ଉଦାହରଣ।

ରାହୁଲ ହାତରେ ନିଜ ପକେଟରୁ ପାଞ୍ଚ ଶତ ଟଙ୍କା ବଢାଇ ଦେଇ ନିଜ ଘରେ ତାକୁ ରହିବାକୁ କହିଲେ । ଅଳିକ , କ୍ଷଣ ଭଙ୍ଗୁର ସମୟ ମଧ୍ୟରେ କାହାର ଦୁଃଖ ସାଥୀ ସେବା ହିଁ ବାସ୍ତବରେ ଈଶ୍ୱରଙ୍କ କୃପାଭିକ୍ଷା କରିବା ।ରାହୁଲ ଶେଷରେ କହୁଥାଏ ଆଜ୍ଞା ବାବୁ ଆପଣଙ୍କୁ ଧନ୍ୟବାଦ। ରାହୁଲ କହି କହି କାନ୍ଦୁଥାଏ। ଦଶରଥ ବାବୁ କହୁଥାନ୍ତି ନାଇରେ ଆଜିଠାରୁ ତୁ ପାଠ ପଢ଼ିବୁ। ବାପାଙ୍କ ଔଷଧ ଖର୍ଚ୍ଚ ପରିବାର କଥା ମୁଁ ବୁଝିବି। କିନ୍ତୁ ରାହୁଲ ନିଜର ପରିବାର ଖର୍ଚ୍ଚ ସହ ନିଜେ ତୁଲାଇବି ।

ରାହୁଲ କହିଛି ମୋ ବାପା କୁହନ୍ତି ଯେ କେବେ କାହାର ସାହାରା ହେବୁନି। ଭଗବାନ ହାତ ପାଦ ଦେଇଛନ୍ତି ନିଜେ ପରିଶ୍ରମ କରି ନିଜ ସ୍ୱାଭିମାନକୁ ତଳେ ପଠାଇବୁ ନାହିଁ। ଭଗବାନ ଦୁନିଆରେ ଥିଲେ ନିଶ୍ଚିତ ଆମ ଦୁଃଖ ଦୂର ହେବ। ପରିବାର ଏ କର୍ତ୍ତବ୍ୟବୋଧ ଅପସରି ଯିବ ।

+ ଅଧ୍ୟାପକ, ବୀରହନୁମାନଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ନିକିରାଇ, କେନ୍ଦ୍ରାପଡ଼ା
ମୋ: ୮୬୫୮୪୮୫୨୭୭

# ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ' : ସ୍ୱଚ୍ଛତାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ଉଚିତ୍ : ସାଂସଦ

ସମ୍ବଲପୁର,୧୧/୧୦ (ନି.ପ୍ର): ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହା ହେଉଛି ଆମର ନୈତିକ ସଂସ୍କାର । ସୁସ୍ଥ ରହିବା ପାଇଁ ହେଲେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଡ଼ିବ । ତେଣୁ ଏହାକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପବିତ୍ର 'ମହାଳୟା' ଅବସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆଜି ସମ୍ବଲପୁର ଜିଲ୍ଲାରେ ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ । ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଯୁବସାଥୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ନାଗରିକଙ୍କ ସହ ଅଂଶଗ୍ରହଣ କରି ସମ୍ବଲପୁରରେ ସଫେଇ କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ସଫେଇ କାର୍ଯ୍ୟ କରିବା ପାଇଁ ସଚେତନ କରିଥିଲେ । ଏହି ଅବସରରେ ସେ କହିଛନ୍ତି, ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନ ତରଫରୁ ଏବଂ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍ ତରଫରୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ଜନ ଆନ୍ଦୋଳନ ତଥା ସ୍ୱଚ୍ଛତା ପର୍ବ ଆରମ୍ଭ କରାଯାଇଛି । ପ୍ରଶାସନର ଯୋଜନା ଅନୁଯାୟୀ, ଆଜି ସମ୍ବଲପୁର ଜିଲ୍ଲାରେ ପାଖାପାଖି ଏକ ଲକ୍ଷ ଲୋକ ନିଜ ନିଜ ପରିସରରେ, ଆଖପାଖ ଓ ଘର ବାହାରକୁ ଯାଇ ସ୍ୱଚ୍ଛତା କାମରେ ଲାଗିଛନ୍ତି । ଆଜି ପବିତ୍ର ମହାଳୟା ଏବଂ ନବରାତ୍ରୀର ପୂର୍ବରୁ ସମ୍ବଲପୁର ଦେଶ ପାଇଁ ଏକ ନୂଆ ଉଦାହରଣ ତିଆରି କରିଛି । ସ୍ୱଚ୍ଛତା ଦ୍ୱାରା ସହର ସୁସ୍ଥ ରହିବ, ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ ଏବଂ ସମସ୍ତଙ୍କର ବିକାଶ ହେବ । ସେ ଆହୁରି କହିଛନ୍ତି ଯେ, ସ୍ୱଚ୍ଛତା ହିଁ ସେବା- ଏହା ହେଉଛି ଆମ ସମାଜର ମୂଳ ମନ୍ତ୍ର । ପୂଜ୍ୟ ବାପୁ (ମହାତ୍ମା ଗାନ୍ଧୀ) କହୁଥିଲେ ଯେ, ସ୍ୱଚ୍ଛତା ହେଉଛି ସ୍ୱାଧୀନତା ଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ସେହି ମହାନ ଚିନ୍ତାଧାରାକୁ ଆପଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସ୍ୱଚ୍ଛତା ହିଁ ସେବା' ମାଧ୍ୟମରେ ଏହାକୁ ଏକ ବିଶାଳ ଜନ-ଆନ୍ଦୋଳନରେ ପରିଣତ କରିଛନ୍ତି । ସ୍ୱଚ୍ଛତାକୁ ଜୀବନର ଚରିତ୍ର ଏବଂ ସ୍ୱଭାବ ବନେଇବାକୁ ପଡ଼ିବ । ଘର ଭିତରକୁ ଆମେ ନିଜେ ସଫା କରୁଛେ, କିନ୍ତୁ ଘର ବାହାରକୁ ସମସ୍ତେ ମିଶି ସମାଜକୁ ସଫା କରିବାକୁ ପଡ଼ିବ । 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ସମସ୍ତେ ନିଜ ପରିବେଶକୁ ଆବର୍ଜନାମୁକ୍ତ ରଖିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ଏବଂ ସ୍ୱଚ୍ଛତାକୁ ନିଜ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା । ନିଜ ଆଖପାଖ ପରିବେଶ, ଗ୍ରାମ ଓ ସହରକୁ ସବୁବେଳେ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ସମ୍ବଲପୁର ଜିଲ୍ଲାକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଜିଲ୍ଲା ଭାବେ ଗଢ଼ିବା ପାଇଁ ଆମେ ନିରନ୍ତର ପ୍ରୟାସ କରିବା ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

ଉଲ୍ଲେଖନୀୟ, 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍ ର ମିଳିତ ସହଯୋଗରେ ଆଜି ଜିଲ୍ଲାର ୫୦୦ରୁ ଅଧିକ ସ୍ଥାନରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ୧ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଶ୍ରୀ ପ୍ରଧାନ ସ୍ୱଚ୍ଛତାର ଶପଥ ପାଠ କରାଇବା ସହ ଧନ୍ୟବାଦ ଜଣାଇଛନ୍ତି ।

# କୋରାପୁଟ ଜିଲ୍ଲାରେ ସ୍ୱତନ୍ତ୍ର ଭୋଟର ନାମଲେଖା ଅଭିଯାନ ଶେଷ: ୧୫୨୪ଟି ଫର୍ମ-୬ ଦାଖଲ

ଜୟପୁର,୧୧/୧୦ (ନି.ପ୍ର): କୋରାପୁଟ ଜିଲ୍ଲାରେ ଗତ ୭ ଅକ୍ଟୋବରରୁ ଆରମ୍ଭ ହୋଇଥିବା ତିନିଦିନିଆ ସ୍ୱତନ୍ତ୍ର ଭୋଟର ନାମଲେଖା ଅଭିଯାନ ଆଜି ଶେଷ ହୋଇଛି । ୦୧.୧୦.୨୦୨୬କୁ ଯୋଗ୍ୟତା ନିର୍ଦ୍ଧାରଣ ତାରିଖ ଭାବେ ଗ୍ରହଣ କରି ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନୂତନ ଓ ଯୁବ ଭୋଟରଙ୍କ ସମେତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ନାଗରିକଙ୍କ ନାମ ପଞ୍ଜୀକରଣ ପାଇଁ ଏହି ଅଭିଯାନ ଆୟୋଜିତ ହୋଇଥିଲା । ଅଭିଯାନ ସମୟରେ ମୋଟ ୧୫୨୪ଟି ଫର୍ମ-୬ ଦାଖଲ ହୋଇଛି । ନୂତନ ଓ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ଜିଲ୍ଲାର ବିଭିନ୍ନ ପୋଲିଂ ଷ୍ଟେସନ ଓ କଲେଜରେ ସ୍ୱତନ୍ତ୍ର ନାମଲେଖା ଶିବିର ଆୟୋଜନ କରାଯାଇଥିଲା । ଏଥିସହିତ ଏସଆଇଆର –୨୦୨୬ ଅନ୍ତର୍ଗତ ଡ୍ରାଫ୍ଟ ଓ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ସମୟରେ ଚିହ୍ନଟ ହୋଇଥିବା (ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଓ ଦ୍ୱିଗୁଣିତ ଭୋଟର ତାଲିକାକୁ ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଂଟଙ୍କ ଉପସ୍ଥିତିରେ ପୋଲିଂ ଷ୍ଟେସନଗୁଡ଼ିକରେ ପୁନଃ ଯାଂଚ କରାଯାଇଥିଲା । ଜିଲ୍ଲାର କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ, ନୂତନ ଓ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଉତ୍ସାହିତ କରାଯାଇଥିଲା । ସ୍ୱତନ୍ତ୍ର ଅଭିଯାନ ଶେଷ ହୋଇଥିଲେ ମଧ୍ୟ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଏକ ନିରନ୍ତର ପ୍ରକ୍ରିୟା ଭାବେ ଜାରି ରହିବ । ଯୋଗ୍ୟ ନାଗରିକମାନେ ନିମ୍ନଲିଖିତ ମାଧ୍ୟମରେ ଯେକୌଣସି ସମୟରେ ଫର୍ମ-୬ ଦାଖଲ କରିପାରିବେ । ଭୋଟରମାନେ ବିଏଲଓ ଙ୍କ ସହ ଯୋଗାଯୋଗ, ଆବଶ୍ୟକ ସୂଚନା ଓ ସହାୟତା ପାଇଁ ୧୯୫୦ ଭୋଟର ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିପାରିବେ ।

# ବନ୍ତ ପୋଲିସ ପକ୍ଷରୁ ବାଲ୍ୟ ବିବାହ ସଚେତନତା ଶିବିର

ଭଦ୍ରକ,୧୧/୧୦ (ନି.ପ୍ର): ବନ୍ତ କଲେଜ ପରିସରରେ ବନ୍ତ ପୋଲିସ ପକ୍ଷରୁ ବାଲ୍ୟ ବିବାହ ଏବଂ ଆର୍ନ୍ତଜାତୀୟ କୈଶର ଜୁଭେନଟିକା ସଚେତନତା ଦିବସ ପାଳିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତି ଉପସ୍ଥିତ ରହି ବାଲ୍ୟ ବିବାହ ନିରାକରଣ, କୈଶର ସମ୍ବନ୍ଧୀୟ ସମସ୍ୟା ଓ ଜୁଭେନଟିକା ଟୀକାର ଉପକାରିତା ନେଇ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ବାଲ୍ୟ ବିବାହର ଅପକାରିତା, ଏହାକୁ ରୋକିବା, କୈଶର ଅବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ-ଗୁରୁତ୍ୱ-ଶିକ୍ଷା, ଲିଙ୍ଗଗତ ସମାନତା ଏବଂ କିଶୋରୀ ସୁରକ୍ଷା, ଅଧିକାର ଓ ମର୍ଯ୍ୟଦା ଉପରେ ବୁଝାଯାଇଥିଲା ।

# ସାବିତ୍ରୀଙ୍କ ସ୍ମୃତିରେ ଚକ୍ଷୁ ପରୀକ୍ଷା ଓ ବୃକ୍ଷ ରୋପଣ

ଭଦ୍ରକ,୧୧/୧୦ (ନି.ପ୍ର): ବନ୍ତର ବିଶିଷ୍ଟ ସମାଜ ସେବିକା ତଥା ନାଟ୍ୟକାର ଡ଼ ସୁଧାଂଶୁ ଶେଖର ନାୟକଙ୍କ ମା ସାବିତ୍ରୀ ନାୟକଙ୍କ ଏକାଦଶାହ ଅବସରରେ ମା ପାଇଁ ଗଛଟିଏ ଏବଂ ଚକ୍ଷୁ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସକାଳେ ଗଭରପୁର ସ୍ଥିତ ସାବିତ୍ରୀ ଉପବନ ପଡ଼ିଆରେ ସମାଜ ସେବିକାଙ୍କ ସ୍ମୃତିରେ ବୃକ୍ଷ ରୋପଣ କରାଯାଇଥିଲା ।ପରିବାରର ସୁଧାଂଶୁ, ରମେଶ ଅମରେଶ ,ସରେଶ,ମହେଶ, ମମତା, କଳ୍ପନା, କୁନି, ଗାଇନା, ରେବତୀ, ସରିତା, ହେମଲତା, ଲିଲି,ଏଲି, ଲକି, ଜକି ପ୍ରମୁଖ ବୃକ୍ଷ ରୋପଣ କରିଥିଲେ । ପରେ ଗଭରପୁର ସ୍କୁଲ ପରିସରରେ କେୟାର ନେତ୍ରମ୍ ଭୁବନେଶ୍ୱର ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସମ୍ପୃକ୍ତ ଅଂଚଳର ଟିଲୋ, ବସନ୍ତିଆ,ବନ୍ତ, ରାମଚନ୍ଦ୍ରପୁର, ପଦାନପଡ଼ା, ଆଡ଼ିଆ ଆଦି ପଂଚାୟତର ୧୦୬ ଜଣଙ୍କର ଚକ୍ଷୁ ପରିକ୍ଷା କରାଯାଇ ଶହେ ଜଣଙ୍କୁ ସାବିତ୍ରୀ ନାୟକଙ୍କ ସ୍ମୃତି ଉଦେଶ୍ୟରେ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା ।

# 'ନିଷ୍ଟୟ' କ୍ୱାଲିଟି ସର୍କଲ ପ୍ରକଳ୍ପ ମାଧ୍ୟମରେ ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ପି.ସି.ଆଇ ହାରରେ ଅଭିବୃଦ୍ଧି

ରାଉରେକେଲା,୧୧/୧୦ (ନି.ପ୍ର): ସେଲ୍, ରାଉରେକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର 'ନିଷ୍ଟୟ' କ୍ୱାଲିଟି ସର୍କଲ, ପି ସି ଆଇ କୋଇଲା ପରିବହନ ପାଇଁ ଏକ ସ୍ୱତନ୍ତ୍ର ନାଇଟ୍ରୋଜେନ୍ ଲାଇନ୍ ସଂଯୋଗ କରି ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ପଲଭରାଇଜଡ୍ କୋଲ୍ ଇଞ୍ଜେକ୍ସନ୍ (ପି.ସି.ଆଇ) ହାରକୁ ବୃଦ୍ଧି କରିପାରିଛି । ଏହି ସୁଧାର ପି.ସି.ଆଇ ର ପ୍ରବାହକୁ ସ୍ଥିର କରିବାରେ ସାହାଯ୍ୟ କରିବା ସହ କୋକ୍ ବ୍ୟବହାର ଏବଂ ପରିଚାଳନା ଖର୍ଚ୍ଚ କମାଇବାର ସମ୍ଭାବନା ସୃଷ୍ଟି କରିଛି ।



ପୂର୍ବରୁ, ପି.ସି.ଆଇ ସିଷ୍ଟମ୍ ଏକ ସାଧାରଣ ହେଡରରୁ ନାଇଟ୍ରୋଜେନ୍ ଗ୍ରହଣ କରୁଥିଲା, ଯାହା ଅନ୍ୟ ବିଭାଗଗୁଡ଼ିକୁ ମଧ୍ୟ ଯୋଗାଣ କରୁଥିଲା । ଯୋଗାଣ ଚାପ ରେ ପରିବର୍ତ୍ତନ ଯୋଗୁଁ କେତେକ ସମୟରେ ପି.ସି.ଆଇ ରିସିଭିଂ ଭେସେଲ୍‌ରେ ଚାପ ପ୍ରାୟ ୧୧ ରୁ ୧୧.୫ କିଲୋଗ୍ରାମ ପ୍ରତି ବର୍ଗ ସେମି କୁ କମିଯାଉଥିଲା, ଯାହା ପରିବହନ ସ୍ଥିରତାକୁ ପ୍ରଭାବିତ କରୁଥିଲା ଏବଂ ପି.ସି.ଆଇ ହାରକୁ ସୀମିତ ରଖୁଥିଲା । ଏହି ସମସ୍ୟାର ସମାଧାନ ପାଇଁ, ନିଷ୍ଟୟ ଟିମ୍ ପି.ସି.ଆଇ ପରିବହନ ପାଇଁ ଏକ ସ୍ୱତନ୍ତ୍ର ନାଇଟ୍ରୋଜେନ୍ ଲାଇନ୍ ସଂଯୋଗ କରିଥିଲା । ଏହି ସୁଧାର ପରେ, ପି.ସି.ଆଇ ସିଷ୍ଟମ୍‌ରେ ନାଇଟ୍ରୋଜେନ୍ ଚାପ ଅଧିକ ସ୍ଥିର ହୋଇଥିଲା, ଯାହା ସାଧାରଣତଃ ୧୪ ରୁ ୧୪.୫ କିଲୋଗ୍ରାମ ପ୍ରତି ବର୍ଗ ସେମି କୁ ଉନ୍ନୀତ ହୋଇଥିଲା । ଏହା ପରିବହନ ନିର୍ଭରଯୋଗ୍ୟତାକୁ ବୃଦ୍ଧି କରିବା ସହ ପି.ସି.ଆଇ ପ୍ରବାହରେ ହେଉଥିବା ବାରମ୍ବାର ପରିବର୍ତ୍ତନକୁ କମାଇଛି ଏବଂ ପି.ସି.ଆଇ ହାରକୁ ଘଣ୍ଟାପ୍ରତି ପ୍ରାୟ ୫୯ ଟନ୍ (ଟି.ପି.ଏଚ) ରୁ ବୃଦ୍ଧି କରି ପ୍ରାୟ ୬୪ ରୁ ୬୫ ଟନ୍ (ଟି.ପି.ଏଚ) ରେ ପହଞ୍ଚାଇବାକୁ ସକ୍ଷମ କରିଛି ।

ଏହି ପ୍ରକଳ୍ପ ପାଇଁ ବ୍ୟବହୃତ କାର୍ଯ୍ୟ ବଦଳ ଅନୁପାତ ଆଧାରରେ, ବାସ୍ତବ ଫର୍ଣ୍ଣେସ ପରିଚାଳନା ପରିସ୍ଥିତି ଅଧୀନରେ, ପ୍ରାୟ ୫ ଟି.ପି.ଏଚ ର ଅତିରିକ୍ତ ପି.ସି.ଆଇ ଇଞ୍ଜେକ୍ସନ୍ ଦ୍ୱାରା ପ୍ରାୟ ୪ ଟି.ପି.ଏଚ କୋକ୍‌କୁ ବ୍ୟୟକୁ କମ କରାଯାଇ ପାରିବାର ସମ୍ଭାବନା କୁ ଉଜ୍ଜ୍ୱଳ କରିଛି । ତେଣୁ ଏହି ସୁଧାର, ସୁରକ୍ଷିତ ଏବଂ ସ୍ଥିର ଫର୍ଣ୍ଣେସ ପରିଚାଳନା ବଜାୟ ରଖିବା ସହିତ ଅଧିକ ଖର୍ଚ୍ଚକାଟ କ୍ଷମତାକୁ ସହାୟକ ହେଉଛି । 'ନିଷ୍ଟୟ' କ୍ୟୁସି ଟିମ୍‌ରେ ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଧୋବେଇ ଦାସ, ଶ୍ରୀ ମାନସ ରଞ୍ଜନ ବେହେରା, ଶ୍ରୀ ଦ୍ୱୈପାୟନ ପାତ୍ର ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଉମାକାନ୍ତ ମହାପାତ୍ର ସାମିଲ ଥିବା ବେଳେ ଡେପୁଟି ମ୍ୟାନେଜର ଶ୍ରୀ ସିଦ୍ଧାର୍ଥ ଶଙ୍କର ଜେନା ଏହି ଟିମ୍‌ର ନେତୃତ୍ୱ ନେଇଥିଲେ । ଏହି ପ୍ରଚେଷ୍ଟା, ଏକ ଲକ୍ଷ୍ୟଧାର୍ଯ୍ୟ ପ୍ରକ୍ରିୟା ସୁଧାର ମାଧ୍ୟମରେ କାର୍ଯ୍ୟ ସମସ୍ୟାର ସମାଧାନ କରିବା ପାଇଁ ନିଷ୍ଟୟ ଗୁଣବତ୍ତା ଦଳର ନିଷ୍ଠାକୁ ଦର୍ଶାଉଛି ।

# ଭଦ୍ରକ ସହରରେ ଦୁର୍ଗାପୂଜା-୨୦୨୬ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭଦ୍ରକ,୧୧/୧୦ (ନି.ପ୍ର): ଭଦ୍ରକ ସହରରେ ଦୁର୍ଗାପୂଜା-୨୦୨୬କୁ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ଆଜି ସଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଂଶୁମାନ ଦ୍ୱିବେଦୀ, ଉପ-ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଶ୍ରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

ବୈଠକରେ ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ, ବିଦ୍ୟୁତ୍ ଯୋଗାଣ, ଆମ୍ବୁଲାନ୍ସ ଓ ମେଡିକାଲ ଟିମ୍ ପ୍ରସ୍ତୁତି, ଅବକାରୀ ବିଭାଗ ଦ୍ୱାରା ଅବୈଧ ମଦ କାରବାର ଉପରେ ସ୍ୱତନ୍ତ୍ର ଚଢ଼ାଉ, ଶବ୍ଦ ପ୍ରଦୂଷଣ ନିୟମ ପାଳନ, ପୂଜା ସାମଗ୍ରୀକୁ ନିର୍ଦ୍ଧାରିତ ସ୍ଥାନରେ ବିସର୍ଜନ ଏବଂ ଜନସାଧାରଣଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପ୍ରଶାସନ, ପୋଲିସ ଓ ସମ୍ପୃକ୍ତ ବିଭାଗଗୁଡ଼ିକର ମିଳିତ ସହଯୋଗରେ ଦୁର୍ଗାପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ପାଳନ କରିବା ନିମନ୍ତେ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଥିଲା ।ଉକ୍ତ ବୈଠକରେ ସମସ୍ତ ପୂଜା କମିଟିର ସଭାପତି ତଥା ସମ୍ପାଦକ, ସମସ୍ତ ବିଭାଗୀୟ ଅଧିକାରୀ, ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀ ବିଦ୍ୟାଧର ସାହୁ ଓ ମୁସଲିମ ଜମାତରୁ ଜନାବ ଅବଦୁଲ ମୋକିମ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆଇନ ସଚେତନତା ଶିବିର

ପୁରୀ,୧୧/୧୦ (ନି.ପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ପୂର୍ବାହ୍ନ୧୧ଟା ୩୦ ସମୟରେ ଖ୍ରୀଷ୍ଟୋଜ୍ୟୋତି ଆଶ୍ରମ, ବଳିଆପଣ୍ଡା, ପୁରୀ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ସେଠାକାର ରହୁଥିବା ଅନ୍ତେବାସୀ ମାନଙ୍କର ମାନସିକ ସ୍ୱାସ୍ଥ୍ୟ, ତା'ର ନିରାକରଣ ଏବଂ ମାନସିକ ବିକାଶ ଉପରେ ଧ୍ୟାନ ଦେବାକୁ ଉକ୍ତ ଅନୁଷ୍ଠାନର ଅଧିକ୍ଷକ ସମେତ ନିୟୋଜିତ ହୋଇଥିବା କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ମାନସିକ ବ୍ୟକ୍ତି ମାନଙ୍କର ସୁରକ୍ଷା ଏବଂ ଯତ୍ନ ସମସ୍ତଙ୍କର କର୍ତବ୍ୟ ବୋଲି ଉପସ୍ଥାପନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନୁଷ୍ଠାନର ଅଧିକ୍ଷକ ରୁବେନ କେରକେଟା, ଅନ୍ତେବାସୀ ଏବଂ ସେଠାକାର ଉପସ୍ଥିତ କର୍ମକର୍ତା ମାନଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀ ତରଫରୁ ଧନ୍ୟବାଦ ଅର୍ପଣ ସହ ଟିଫିନ୍ ପ୍ୟାକେଟ ବଂଟାଯାଇଥିଲା ଏବଂ ଅନ୍ତେବାସୀ ଓ କର୍ମକର୍ତାଙ୍କୁ ଆଇନ ସେବାର ଉପଯୋଗୀତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଅନୁଷ୍ଠାନର କର୍ମକର୍ତା ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ' ପାଳିତ

ଭଦ୍ରକ,୧୧/୧୦ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ପ୍ରଦତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ସାଇ ସ୍ୱରୂପ ମାନସିକ ଭିନ୍ନକ୍ଷମ ଅନୁଷ୍ଠାନ, ଗେଲପୁର, ଭଦ୍ରକଠାରେ 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ' ପାଳନ ଅବସରରେ 'ମାନସିକ ସ୍ୱାସ୍ଥ୍ୟ ଆଇନ' ଏବଂ 'ନାଲସା (ମାନସିକ ରୋଗ ଓ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ ସେବା) ଯୋଜନା, ୨୦୨୪' ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଅଛି । ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଏଡିଏମୋ (ଏମ ଏସ ) ଡାକ୍ତର ଶୁଦ୍ଧିରଞ୍ଜନ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ଯତ୍ନ କମିଟି ସଦସ୍ୟ ପ୍ରଦିପ୍ତ କୁମାର କର, ଅଧିବକ୍ତା ତଥା ଆଇନଗତ ସହାୟକ ପରାମର୍ଶଦାତା ଅତିସ କୁମାର ବେହେରା, ଡକ୍ଟର ତାପସ କୁମାର ମହାନ୍ତି, ବରିଷ୍ଠ ନାଗରିକ ମଂଚର ସଂପାଦକ କୈଳାସ ଚନ୍ଦ୍ର ମହାପାତ୍ର ତଥା ମନୋବିଜ୍ଞାନୀ ଅଶୋକ କୁମାର ଦାସ,ଭଦ୍ରକ ମହିଳା କଲେଜର ମନୋବିଜ୍ଞାନୀ ସେଲିଷ୍ଟିନା ଏକା, ତଥା ମାନସିକ ଭିନ୍ନକ୍ଷମ ପିଲାମାନଙ୍କର ଅଭିଭାବକଗଣ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅତିଥିଗଣ ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ଯେଉଁମାନେ ମାନସିକ ରୋଗରେ ପୀଡ଼ିତ, ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିମାନେ ଯେପରି ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ସୁବିଧା କିମ୍ବା ସେବାଗୁଡ଼ିକର ସମାନ ସୁଯୋଗ ପାଇପାରିବେ ଏବଂ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଓ ବୌଦ୍ଧିକ କ୍ଷମତାକୁ ବିଚାରକୁ ନେଇ ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ପଦ୍ଧତି ଅବଲମ୍ବନ କରାଯିବ । କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣର କର୍ମୀ ମାନେ ଏହି କାର୍ଯ୍ୟେକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଅଧକ୍ଷା ରଜନୀ ରାଣୀ ପତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା

# ଖଣ୍ଡାସଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ

ଧର୍ମଶାଳା,୧୧/୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ଅନ୍ତର୍ଗତ ଖଣ୍ଡାସଠାରେ ଉତ୍କଳମଣି କ୍ଲବ ପକ୍ଷରୁ ସେବା,ତ୍ୟାମ ଓ ମାନବିକତାର ଅନନ୍ୟ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ୧୪୯ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି କ୍ରମରେ କ୍ଲବର ସମସ୍ତ ସଭ୍ୟମାନେ ବିଭିନ୍ନ ଅଂଚଳକୁ ସଫେଇ କରିଥିଲେ । ପରେ କ୍ଲବ ପରିସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ଜେନାଙ୍କ ସଭାପତିତ୍ୱରେ ଏହି ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀ,ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ କାମଦେବ ଶତପଥୀ ଓ ସମ୍ମାନୀତ ଅତିଥିଭାବେ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟାପିକା ବନଲତା ଲେଙ୍କା,ମଙ୍ଗରାଜପୁର ପଂଚାୟତର ପ୍ରାକ୍ତନ ସରପଂଚ ରାମ ଚନ୍ଦ୍ର ସାହୁ ଓ କବି ନିମାଇଁ ଚରଣ ଦାସ ପ୍ରମୁଖ ଯୋଗ ଦେଇ ଓଡିଶାର ମହାନ ଜନନାୟକ, ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନେ କ୍ଲବ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କ୍ଲବର ସଭାପତି ନିରଞ୍ଜନ ନାୟକ ଅତିଥି ପରିଚୟ ଓ ରୂପକ ପାଣ୍ଡେ ବାର୍ଷିକ ବିବରଣୀପାଠ କରିଥିବା ବେଳେ ଶିକ୍ଷକ ବିରେନ୍ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଂଚଳରେ ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବା ମହିଳା ଓ ପୁରୁଷମାନଙ୍କୁ ଅତିଥିମାନେ ନୂତନ ବସ୍ତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ହିମାଂଶୁ ନାୟକ, ପ୍ରଶାନ୍ତ ମୁଦୁଲି, ବୁଲବୁଲ ନାୟକ,ପ୍ରମୋଦ ମଲ୍ଲିକ, ଦଶରଥ ମଲ୍ଲିକ, କ୍ଷେତ୍ରବାସୀ ମଲ୍ଲିକ, ଅହିଂଶୁ ନାୟକ ଓ ଗଙ୍ଗାଧର ଜେନା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କ୍ଲବର କୋଷାଧ୍ୟକ୍ଷ ଦିପକ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଲପାହାଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଝାରସୁଗୁଡ଼ା,୧୧/୧୦ (ନି.ପ୍ର): ବେଲପାହାଡ଼ ବିଜୁ ଜନତା ଦଳ ପକ୍ଷରୁ ଗୁମାଡେରାଠାରେ ଏକ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଗୁମାଡେରା ମାଉସୀ ମା' ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଗୁମାଡେରା ଗୁରୁଦ୍ୱାର ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଦଳର ବହୁ ନେତା, କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ସାମିଲ ହୋଇଥିଲେ ।

ଏହି ପଦଯାତ୍ରାରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଯୋଗଦେଇ ଦଳୀୟ ନେତା ଓ କର୍ମୀଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କ ସହ ଦୁର୍ଗେଶ ମହାନ୍ତି, ଶମ୍ଭୁ ମହାନ୍ତି, ବସନ୍ତ ମହାନ୍ତି ଓ ରାଜେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହାବ୍ୟତୀତ ବିଜୁ ଜନତା ଦଳର ବହୁ ସଂଖ୍ୟକ କର୍ମୀ ଓ ସମର୍ଥକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଦଯାତ୍ରାକୁ ସଫଳ କରିଥିଲେ ।

ପଦଯାତ୍ରା ଅବସରରେ ଦଳୀୟ ନେତା ଓ କର୍ମୀମାନେ ସ୍ଥାନୀୟ ଅଂଚଳରେ ଜନସାଧାରଣଙ୍କ ସହ ସମ୍ପର୍କ ସ୍ଥାପନ କରିବା ସହ ଲୋକଙ୍କ ନିକଟରେ ପହଂଚିବା ଉପରେ ଗୁରୁତ୍ୱ ଦେଇଥିଲେ । ଜନସାଧାରଣଙ୍କ ସହ ସିଧାସଳଖ ଯୋଡ଼ି ହେବା, ସେମାନଙ୍କ ସହ ମତ ବିନିମୟ କରିବା ଏବଂ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ମଜଭୁତ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଗୁମାଡେରା ଅଂଚଳରେ ଆୟୋଜିତ ଏହି ପଦଯାତ୍ରା ମାଧ୍ୟମରେ ବିଜେଡି ପକ୍ଷରୁ ଜନସମ୍ପର୍କ ବୃଦ୍ଧି ସହ ଦଳୀୟ କର୍ମୀଙ୍କ ମଧ୍ୟରେ ସମନ୍ୱୟ ଓ ସଂଗଠନକୁ ସୁଦୃଢ଼ କରିବାର ପ୍ରୟାସ କରାଯାଇଥିଲା । ପଦଯାତ୍ରାରେ ନେତା ଓ କର୍ମୀଙ୍କ ଉପସ୍ଥିତି ଅଂଚଳରେ ଦଳୀୟ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚା ସୃଷ୍ଟି କରିଥିଲା ।

# ବୁର୍ଲା ଶିବ ମନ୍ଦିରରୁ ଚୋରି ଘଟଣା : ଚୋରି ସାମଗ୍ରୀ ଜବତ, ୩ ଗିରଫ

ସମ୍ବଲପୁର,୧୧/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ସଦେଇପାଲି ସ୍ଥିତ ୟୁପି ସ୍କୁଲ ପଛପଟେ ଥିବା ପ୍ରଭୁ ଶିବଶଙ୍କରଙ୍କ ମନ୍ଦିରରୁ ହୋଇଥିବା ଚୋରି ଘଟଣାରେ ବୁର୍ଲା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ମହତାବନଗର ସୁଇପର କଲୋନିର ଶାନ କୁମ୍ଭାର, ବୋର୍ଡ କଲୋନିର ଅମନ କୁମ୍ଭାର ଓ ଶଙ୍କର ବିଶ୍ୱାଳ ଥିବା ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ, ଗତ ୭ ଓ ୮ ଅକ୍ଟୋବର ରାତିରେ ଅଭିଯୁକ୍ତମାନେ ମନ୍ଦିରରେ ପଶି ବିଭିନ୍ନ ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇ ଯାଇଥିଲେ । ଏନେଇ ଅଭିଯୋଗ ହେବାପରେ ବୁର୍ଲା ଥାନାରେ ପୋଲିସ ୪୩୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୋଲିସ ଏକ ବିଶ୍ୱାସନୀୟ ସୂଚନା ଆଧାରରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ସମସ୍ତ ଚୋରି ସାମଗ୍ରୀ ଜବତ କରିବାରେ ସମର୍ଥ ହୋଇଥିଲା ଜବତ ସାମଗ୍ରୀ ମଧ୍ୟରେ ୨ଟି ବାଲ୍ଟି, ୬ଟି ଛୋଟବଡ଼ ଗଡ଼ୁ, ଗୋଟିଏ ଶୀତଳ ହାଣ୍ଡି, ୨ଟି ଆରତି ଦୀପ, ୨ଟି କନ୍ଦାଲୁ ଗଡ଼ୁ, ୨ଟି ଚନ୍ଦନ ଗିନା, ୫ଟି ଛୋଟ ପ୍ରସାଦ ଥାଳି, ୨ଟି ଘଂଟି, ୫ଟି ଛୋଟବଡ଼ ହୋମ ସାମଗ୍ରୀ ପାତ୍ର, ୧୧ଟି ଛୋଟବଡ଼ ଥାଳି, ୫ଟି ଦୀପ, ୨ଟି ଧୂପଦାନି, ୩ଟି ଛୋଟ ଗ୍ଲାସ, ଅନ୍ୟ ୨ଟି ଘଂଟି ଏବଂ ଗୋଟିଏ ସୁନାପାଣି ଦିଆ ହାର ରହିଛି ।

# ମା' ଶ୍ୟାମା କାଳୀପୂଜା ପାଇଁ ମାଟି ଆସିଲା

କେନ୍ଦୁଝର,୧୧/୧୦ (ନି.ପ୍ର): ଘଟଗାଁ ବ୍ଲକ୍ ଢ଼େଙ୍କିକୋଟ ବଜାରରେ ହେବାକୁଥିବା ମା ଶ୍ୟାମା କାଳୀ ଙ୍କ ପୁଜା ପାଇଁ ଆଜି, ମାଟିଅଣାଯାଇଛି, ମହାଳୟା ଅ୍ୱସରରେ, ପାଖ କେଲ ଦୁମା ବନ୍ଧରୁ ମାଟି ବରଣୀ ପୂଜା ପରେ କମିଟି ସଦସ୍ୟ ସହ ପୂଜକ ଆଦିତ୍ୟ ଶତପଥୀ ଯଥା ରୀତିମୁତାବକ ପୂଜା କରିଥିବା ବେଳେ, ବାଜା ମହୁରୀ, ଘଂଟ, ଘଂଟା, ସହ, ମାଙ୍କ ପୂଜା କମିଟିର ସଦସ୍ୟ, ସାତ୍ୱକ ଗିରି, ବିଜୟ ମଣ୍ଡଳ, କୁନିଆ ମଣ୍ଡଳ, ଜିତୁ ସିଂହ, ଜଗବନ୍ଧୁ ନାୟକ ପ୍ରମୁଖ ସଦସ୍ୟ ଏହି ପର୍ବରେ ପଟୁଆରରେ ଆସିଥିଲେ ।

# ଦୃଢ ଇଚ୍ଛାଶକ୍ତିର ଅନ୍ୟ ନାମ: ଯାଜ୍ଞସେନୀ




ନୀଳଗିରି, ୧୧/୧୦ (ନି.ପ୍ର): ଅକ୍ଟୋବର ୨ ତାରିଖ ନୀଳଗିରି ମହାବିଦ୍ୟାଳୟ, ନୀଳଗିରି ଇତିହାସରେ ପୁଣି ଏକ ଅଭୁଲା ଅଧ୍ୟାୟ ଯୋଡ଼ି ହୋଇଯାଇଛି। ବିଶ୍ୱବିଦ୍ୟାଳୟସ୍ତରୀୟ ନବପ୍ରବର୍ତ୍ତନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ-୨୦୨୬ରେ ଅଂଶଗ୍ରହଣକରି ଏହି ସୁନାମଧନ୍ୟ ମହାବିଦ୍ୟାଳୟର ସମ୍ମାନଧନ୍ୟା ଯୁକ୍ତ ୩ ତୃତୀୟବର୍ଷ ପଦାର୍ଥବିଜ୍ଞାନ (ସମ୍ମାନ)ର ଛାତ୍ରୀ ଯାଜ୍ଞସେନୀ ରାଉତଙ୍କ ଅଭିନବ ଉଦ୍ଭାବନ - "ଅନ୍ଧ ବ୍ୟକ୍ତିଙ୍କ ପାଇଁ ସ୍ମାର୍ଟ ପାଖୁ" ଆଜି ଦୁନିଆର ଅନ୍ଧ ବ୍ୟକ୍ତିଙ୍କ ଲାଗି ଏକ ଅଦ୍ଭୁତ ସୁଖଦ ଅନୁଭୂତି ଆଣିଦେଇଛି। ଏହି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ସୂର୍ଯ୍ୟନ୍ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ପ୍ରଯନ୍ ଓ ମହନୀୟ ମାର୍ଗଦର୍ଶନରେ ଯାଜ୍ଞସେନୀଙ୍କ ଏହି ଯାଦୁକରୀ ଉଦ୍ଭାବନ ଆଜି ଏହି ମହାବିଦ୍ୟାଳୟର ଇତିହାସରେ ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର। ସେ ଏଥି ନିମନ୍ତେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସ୍ଲେର ଡଃ ସନ୍ତୋଷ କୁମାର ତ୍ରିପାଠୀ ଙ୍କ ଶ୍ରୀହସ୍ତରୁ ୧ ଲକ୍ଷ ଟଙ୍କାର ଚେକ୍, ଟ୍ରଫି ସହ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ଠାରୁ ସଦେବ ସମ୍ମାନ ଗ୍ରହଣ ସହିତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଅଜସ୍ର ଆଶୀର୍ବାଦ ଓ ପୁଳାପୁଳା ପ୍ରଶଂସାରେ ତାଙ୍କ ଅଦମ୍ୟ ଉଦ୍ୟମ ଆଜି ଫଳବତୀ ହୋଇଛି। ପରିବାର, ସାଙ୍ଗସାଥୀ ମହଲରୁ ଧନ୍ୟବାଦର ସୁଅ ଛୁଟି ଚାଲିଛି। ସବୁରି ମୁଖରେ ସେଇ ଗୋଟିଏ କଥା – "ଦୃଢ ଇଚ୍ଛାଶକ୍ତିର ଅନ୍ୟନାମ ଏକି ଆମ ସୁନା ଝିଅ ଯାଜ୍ଞସେନୀ"।

# ସୂଚନା ଅଧିକାର ସଂଘ ବାଲିଆପାଳ ଶାଖା ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ

ବାଲିଆପାଳ , ୧୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ସୂଚନା ଅଧିକାର ସଂଘ ପକ୍ଷରୁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ଠାରେ ଏକ ସୂଚନା ଆଇନ ସମ୍ପର୍କିତ ସଚେତନାତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ସୂଚନା ଅଧିକର ସଂଘ ବାଲିଆପାଳ ଶାଖାର ସଭାପତି ଅନୁଜ କୁମାର ମାହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କୁଶଧ୍ୱଜ ଜେନା, ଦେବେନ୍ଦ୍ର ଦାସ,ଗୋପାଳ ଗଙ୍ଗାଇ, ଦିବାକର ଦାସ, କାହ୍ନୁ ଚରଣ ପାତ୍ର, ପ୍ରହ୍ଲାଦ ଘଡାଇଙ୍କ ସମେତ ଅନ୍ୟ ସଦସ୍ୟ ଯୋଗ ଦେଇ ଦୈନନ୍ଦିନ ଜୀବନରେ ସର୍ବ ସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ତାର ଆଇନ ଗତ ସମାଧାନ ବିଷୟରେ ବକ୍ତବ୍ୟ ମାଧ୍ୟମରେ ପ୍ରାସଙ୍ଗିକ ଆଲୋଚନା କରିଥିଲେ। ତେବେ ଜନସାଧାରଣ ଆଇନ ପ୍ରତି ସଚେତନ ହେଉନଥିବାରୁ ବିଭିନ୍ନ ସରକାରୀ ଅଧିକାରୀ ମାନେ ସେମାନଙ୍କର କ୍ଷମତାକୁ ଅପବ୍ୟବହାର କରୁଛନ୍ତି। ଯଦି ଜନସାଧାରଣ ବିଭିନ୍ନ ଆଇନ ପ୍ରତି ସଚେତନ ହେବେ ତାହେଲେ ସରକାରୀ ଅଧିକାରୀ ମାନେ ଜନସାଧାରଣଙ୍କୁ ହଇରାଣ ହରକତ କରିବାକୁ ଭୟ କରିବେ ବୋଲି ସୂଚନା ଅଧିକର ସଂଘ ବାଲିଆପାଳ ଶାଖାର ସଭାପତି ଅନୁଜ କୁମାର ମାହାପାତ୍ର କହିବା ସହିତ ଆଇନ ପ୍ରତି ସଚେତନ ହେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପ୍ରତିବାଦକାରୀଙ୍କ ଉପରେ...

ଲୋକଙ୍କୁ ଆଇନ ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟା ବ୍ୟତୀତ ଅଟକ ରଖାଯାଇପାରିବ ନାହିଁ। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ କଟକଣା ଲାଗୁ ହୋଇନଥିବା ଅଞ୍ଚଳରେ ଏଭଳି ଅଟକକୁ ଅଦାଲତ ବିଶେଷ ଭାବେ ଗୁରୁତ୍ୱ ଦେଇଥିଲେ। ସହରରେ ବ୍ୟାରିକେଡ୍ ଲଗାଇବା ପ୍ରସଙ୍ଗରେ ଖଣ୍ଡପୀଠ କହିଥିଲେ ଯେ ଆଇନଶୃଙ୍ଖଳା ଓ ଯାତାୟାତର ପରିସ୍ଥିତିକୁ ଦେଖି ଏହାର ସମୀକ୍ଷା କରାଯିବା ଆବଶ୍ୟକ। ଏଥିସହ ଓକିଲ, ସାମ୍ବାଦିକ ଓ ଅନ୍ୟ ପେସାଦାର ବ୍ୟକ୍ତିଙ୍କୁ ନିଜ କାର୍ଯ୍ୟ କରିବାରେ ବାଧା ନ ଦେବାକୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିଶ୍ଚିତ କରିବାକୁ କହିଥିଲେ।

### ଚେନ୍ନାଇ ମେଟ୍ରୋର...

ରବିବାର ଅପରାହ୍ଣ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ରୁଟ୍‌ରେ ଯାତ୍ରୀବାହୀ ମେଟ୍ରୋ ଚଳାଚଳ କରିଥିବା ବେଳେ ସୋମବାରଠାରୁ ପ୍ରତିଦିନ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ କରିବ। ଉଭୟ ପ୍ରାନ୍ତରୁ ଶେଷ ଟ୍ରେନ୍ ରାତି ୯ଟାରେ ଛାଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଚେନ୍ନାଇ ଗସ୍ତ ଅବସରରେ ତାମିଲନାଡୁରେ ୧୩,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏଥିରେ ସଡ଼କ, ରେଳ, ବନ୍ଦର, ଶିଳ୍ପ ଓ ଶିକ୍ଷା କ୍ଷେତ୍ରର ପ୍ରକଳ୍ପ ସାମିଲ ହୋଇଛି।

### ଅସମ୍ଭବ ଭାବେ...

୧୦ରୁ ୩୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଚାଉଳ କ୍ୱିଣ୍ଟାଲ ପିଛା ଗତବର୍ଷ ୬ ହଜାର ଟଙ୍କା ଥିବାବେଳେ ଏବେ ୮ ହଜାରରେ ପହଞ୍ଚିଛି । ଅର୍ଥାତ୍ କିଲୋ ପିଛା ସିଧାସଳଖ ୨୦ ଟଙ୍କା ବୃଦ୍ଧି। ଡାଲି ଦର ଗତବର୍ଷ କିଲୋ ପ୍ରତି ୧୦୦ରୁ ୧୧୦ ଟଙ୍କା ଥିବାବେଳେ ଏବେ ୧୩୦ରୁ ୧୫୦ ଟଙ୍କା ଛୁଇଁଲାଣି। କିଛି କିଛି ଜାଗାରେ ୧୬୦ ଟଙ୍କା କିଲୋ ବି ବିକ୍ରି ହେଉଛି । ବୁଟ ଡାଲି କ୍ୱିଣ୍ଟାଲ ପିଛା ୬ ହଜାରରୁ ବଢ଼ି ଏବେ ୯ ହଜାର ଟଙ୍କା ଛୁଇଁଲାଣି । ଚିନି କିଲୋ ପିଛା ୪୦ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କା ଛୁଇଁଲାଣି। ଏପରି ସ୍ଥିତିରେ କେବଳ ରିଫାଇନ୍ ତେଲ ଦର ସ୍ଥିର ରହିଛି । ବାକି ସଉଦାର ବୋଝ ତଳେ ଚାପି ହୋଇଯାଉଛି ଖାଉଟି । ପାର୍ବଣରେ ଘରେ ଘରେ ପିଠାପଣା ଆଉ ମିଠାର ଆସର ଜମେ। କିନ୍ତୁ ସବୁକିଛି ମହଙ୍ଗା ହୋଇଥିବାରୁ ଏଥର ଉତ୍ସବର ମିଠା ଫିକା ପଡ଼ିବ ନିଶ୍ଚୟ । ବ୍ୟବସାୟୀଙ୍କ କହିବା କଥା, ଆମଦାନୀ କମ୍ ଏବଂ ପରିବହନ ଖର୍ଚ୍ଚ ଯୋଗୁଁ ଦର ବଢୁଛି ।

### କାଳ ହେଲା ଏଲପିଜି ...

ଘଟଣା ଦେଖି ଲୋକେ ପ୍ରଥମେ ନିଆଁକୁ ଆୟତ୍ତ କରିବା ସହ ସେମାନଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚିବା ବେଳକୁ ଝିଅ ପାପାଲିର ଜୀବନ ଚାଇଯାଇଥିଲା। ନିଆଁ ଆୟତ୍ତ ହେବା ପରେ ସ୍ଥାନିୟ ଲୋକେ ସେମାନଙ୍କୁ ଧର୍ମଶାଳା ମେଡିକାଲ କୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ଅଭିରାମ ଓ ତିଲୋତ୍ତମାଙ୍କୁ କଟକ ବଡ଼ମେଡ଼ିକାଲରେ ସ୍ଥାନାନ୍ତର କରାଯାଇଛି। ଉଭୟ ଆଇସିୟୁ ରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତେବେ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଗ୍ୟାସ ବିତରକଙ୍କ ପକ୍ଷରୁ ଦିଆ ଯାଉଥିବା ସିଲିଣ୍ଡର ଗୁଡ଼ିକ ଯାଞ୍ଚ ହେଉ ନଥିବାରୁ ଦୂର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। କିନ୍ତୁ ନିୟମ ଅନୁସାରେ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁନି। ବିତରକ କମ୍ପାନୀ ଗୁଡ଼ିକ ମଧ୍ୟ କ୍ଷତିପୂରଣ ଦେବାକୁ ଆଗ୍ରହ ଦେଖାଉ ନାହାନ୍ତି।

### ଶ୍ରୀମୟୀଙ୍କ 'ଓଡ଼ିଶା...

ଅଧ୍ୟାୟକୁ ବଡ଼ ପରଦା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରୟାସ କରାଯାଉଥିବା କୁହାଯାଉଛି । ରାଜନୈତିକ ବାସ୍ତବ କାହାଣୀ ଉପରେ ଆଧାରିତ ଏହି ଫିଲ୍ମ ମାଧ୍ୟମରେ ପାଣ୍ଡିଆନଙ୍କ ସମସ୍ତ ଗୁମର ଖୋଲିବାକୁ ଯାଉଥିବା ଚର୍ଚ୍ଚା ଏବେ ବିଜେଡି ଶିବିରରେ କମ୍ପନ ସୃଷ୍ଟି କରିଛି । ରାଜନୈତିକ ବିଶ୍ଳେଷକଙ୍କ ମତରେ, ଶ୍ରୀମୟୀଙ୍କ ଏହି ପଦକ୍ଷେପ କେବଳ ଅଭିନୟରେ ପାଦ ଥାପିବା ନୁହେଁ, ବରଂ ନିଜ ପୂର୍ବତନ ଦଳର ଶକ୍ତିଶାଳୀ କ୍ଷମତାକେନ୍ଦ୍ରଙ୍କ ବିରୋଧରେ ଏକ ଯୋଜନାବଦ୍ଧ ରାଜନୈତିକ ଆକ୍ରମଣ। ବଡ଼ ପରଦାରେ ପାଣ୍ଡିଆନଙ୍କ କାରନାମା ଓ ବିଜେଡି ପତନର ଏହି ଷଡ଼ଯନ୍ତ୍ର କାହାଣୀ ସାମ୍ନାକୁ ଆସିଲେ, ତାହା ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ଆଉ ଏକ ବଡ଼ ବିସ୍ଫୋରଣ ଘଟାଇବା ଏକପ୍ରକାର ନିଶ୍ଚିତ ବୋଲି ଚର୍ଚ୍ଚା। ସିଦ୍ଧି ପ୍ରଡକ୍ସନ୍ସ ବ୍ୟାନରରେ ଅନ୍ୱେଷା ରଥଙ୍କ ପ୍ରଯୋଜିତ ଏବଂ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଶୁଭାରମ୍ଭ ଆଜି ରାୟଗଡ଼ାର ମା' ମାଝୀଘରିଆଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରସାଦ ତ୍ରିବେଣୀ ରିସୋର୍ଟରେ ଅନୁଷ୍ଠିତ ହୋଇଛି। ମଳୟ ମିଶ୍ରଙ୍କ ସଙ୍ଗୀତ ସଂଯୋଜନାରେ ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ଶ୍ରୀମୟୀ ମିଶ୍ର ଏକ ଦମଦାର ଚରିତ୍ରରେ ନଜର ଆସୁଥିବା ବେଳେ ଖୁବ୍ ଶୀଘ୍ର ରାୟଗଡ଼ା, କୋରାପୁଟ, ଭୁବନେଶ୍ୱର ଓ କଟକରେ ଏହାର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

### ନେପାଳରେ ପୁଣି ଆକସ୍ମିକ ...

ତେବେ ବନ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ବୈଷୟିକ ଯାଞ୍ଚ ଚାଲିଛି। ନେପାଳର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପ୍ରାଧିକରଣ କହିଛି ଯେ ଏହି ବନ୍ୟା ବର୍ଷା ଯୋଗୁଁ ହୋଇନାହିଁ। ସଂସ୍ଥାର ତଥ୍ୟ ଅନୁଯାୟୀ, ରବିବାର ସକାଳ ୬ଟା ୩୦ ମିନିଟ୍‌ରେ ନଦୀର ଜଳସ୍ତର ୩.୬୬ ମିଟର ଥିବାବେଳେ ସକାଳ ୮ଟା ୪୦ ମିନିଟ୍‌ରେ ଏହା ୮.୪୩ ମିଟରରେ ପହଞ୍ଚିଥିଲା। ନଦୀର ବିପଦ ସଙ୍କେତ ୫ ମିଟର ଥିବାରୁ ପରିସ୍ଥିତିର ଗମ୍ଭୀରତା ଅନୁମାନ କରାଯାଇପାରେ। ବନ୍ୟାରେ ଜଳସ୍ତର ମାପିବା କେନ୍ଦ୍ର ଓ ଏହା ସହ ସଂଯୁକ୍ତ ସେତୁ ମଧ୍ୟ ଭାସିଯାଇଛି। ବନ୍ୟାରେ ଅନେକ ଘର ଓ ସେତୁ ନଷ୍ଟ ହୋଇଥିବାବେଳେ କିଛି ଲୋକ ନିଖୋଜ ଥିବା ଖବର ମିଳିଛି। ସେନା ଓ ଅନ୍ୟ ଉଦ୍ଧାରକାରୀ ଦଳ ହେଲିକପ୍ଟର ଏବଂ ସ୍ଥଳପଥରେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଗୋରଖା ସହ ପଡ଼ୋଶୀ ଧାଦିଂ ଜିଲ୍ଲାକୁ ସଂଯୋଗ କରୁଥିବା ଏକ ରାଜପଥ ସେତୁ ମଧ୍ୟ ଭାସିଯାଇଛି। ଗୋରଖା, ତନାହୁଁ, ଚିତୱନ ଏବଂ ପୂର୍ବ ଓ ପଶ୍ଚିମ ନୱାଲପରାସି ଜିଲ୍ଲାର ନଦୀକୂଳବାସୀଙ୍କୁ ସତର୍କ କରାଯାଇଛି। ଅଗଷ୍ଟରେ ନେପାଳ-ତିବ୍ବତ ସୀମାନ୍ତରେ ହୋଇଥିବା ଭୟଙ୍କର ବନ୍ୟାରେ ୧୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ପରେ ଏହି ନୂଆ ବିପର୍ଯ୍ୟୟ ନେପାଳର ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟକୁ ଆହୁରି ଜଟିଳ କରିଛି।

### କୁରୁଡାସ୍ଥିତ ବିବେକାନନ୍ଦ...

ପ୍ରାନ୍ତ ନିରୀକ୍ଷକ ରବିନାରାୟଣ ରାଉତ ଓ ବରିଷ୍ଠ ସଦସ୍ୟ ନରେନ୍ଦ୍ର ରାଉତ, ବିଶିପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିଚାଳନା ସମିତି ସମ୍ପାଦକ ଶାନ୍ତି ପ୍ରବୀର ରାଉତ ଏବଂ କୁରୁଡା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିଚାଳନା ସମିତି ସମ୍ପାଦକ ମନୋଜ କୁମାର ପଣ୍ଡା ପ୍ରମୁଖ ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଷଦର ରେମୁଣା ସଙ୍କୁଳ ପ୍ରମୁଖ ରାମାନନ୍ଦ ମହାପାତ୍ର ଏଥିରେ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଚାରି ଦିନିଆ ଶିବିରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମୂହର ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ ।

# ପାରାଦୀପ ବନ୍ଦରର ନୂତନ ରେକର୍ଡ: ଗୋଟିଏ ଦିନରେ ସର୍ବାଧିକ କୋଇଲା ଲୋଡିଂ




ପାରାଦୀପ, ୧୧/୧୦ (ନି.ପ୍ର): ପ୍ଲାଣ୍ଟ (ଏମସିଏଚପି) ରେ ଗତ ଶନିବାର ଦିନ ଗୋଟିଏ ଦିନରେ ସର୍ବାଧିକ ୧,୪୦,୦୨୨ ମେଟ୍ରିକ୍ ଟନ୍ କୋଇଲା ଲୋଡ଼ିଂ କରି ନୂତନ ରେକର୍ଡ ସ୍ଥାପନ କରିଛି। ଏମ.ଭି.ଏପିଜେ ଇନ୍ଦ୍ରାଣୀ ଏବଂ ଏମ.ଭି.ରିପ୍ଲେ ପିନାକ୍ଲ ନାମକ ଦୁଇଟି ଜାହାଜରେ ଏହି କୋଇଲା ଲୋଡିଂ କରାଯାଇଛି। ଏହି ସଫଳତା ଗତ ୨୦୨୨ ମସିହା ମେ ୨୯ରେ ଏମ.ଭି. ଅରେଥୋଉସା ଏବଂ ଏମ.ଭି.ଆଇଏସଏଲ ଷ୍ଟାର ଜାହାଜରେ ହାସଲ ହୋଇଥିବା ୧,୩୭,୫୦୦ ମେଟ୍ରିକ୍ ଟନ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ନୂତନ ରେକର୍ଡ ପୂର୍ବ ରେକର୍ଡଠାରୁ ୨,୫୨୨ ମେଟ୍ରିକ୍ ଟନ୍ ଅଧିକ, ଯାହା ବନ୍ଦରର ପଣ୍ୟ ପରିଚାଳନା ଦକ୍ଷତା ଓ କାର୍ଯ୍ୟକ୍ଷମତାରେ ଉନ୍ନତିକୁ ପ୍ରତିଫଳିତ କରୁଛି। ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଏମସିଏଚପି ସହ ସମ୍ପୃକ୍ତ ସମସ୍ତ ଶ୍ରମିକ, ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ସେମାନଙ୍କର ନିଷ୍ଠା, ସମନ୍ୱିତ ପ୍ରୟାସ ଓ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହି ସଫଳତାକୁ ବନ୍ଦର କର୍ମଚାରୀଙ୍କ ସାମୂହିକ ଉଦ୍ୟମର ଫଳ ବୋଲି ଅଭିହିତ କରିଛନ୍ତି। ଏହି ମାଇଲଖୁଣ୍ଟ ପାରାଦୀପ ବନ୍ଦରର ଦକ୍ଷ ପଣ୍ୟ ପରିଚାଳନା, ଜାହାଜ ପରିଚାଳନାରେ ସମନ୍ୱୟ ଏବଂ ଉପଲବ୍ଧ ଭିତ୍ତିଭୂମିର ଉତ୍ତମ ଉପଯୋଗକୁ ପ୍ରମାଣିତ କରୁଛି। ଏଥିସହିତ ଦେଶର ବାଣିଜ୍ୟ ଓ ଲଜିଷ୍ଟିକ୍ସ କ୍ଷେତ୍ରକୁ ସମର୍ଥନ ଯୋଗାଇବା ସହ ଭାରତର ପୂର୍ବ ଉପକୂଳରେ ଏକ ପ୍ରମୁଖ ନୌବାଣିଜ୍ୟିକ କେନ୍ଦ୍ର ଭାବେ ପାରାଦୀପ ବନ୍ଦରର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି ।

# ଭଦ୍ରକରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପଞ୍ଚମ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ: ୧୧୭ ତୀର୍ଥଯାତ୍ରୀଙ୍କ ଯାତ୍ରା



ଭଦ୍ରକ, ୧୧/୧୦ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୬ର ପଞ୍ଚମ ପର୍ଯ୍ୟାୟ ଯାତ୍ରା ରବିବାର ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଛି। ଏହି ଯୋଜନା ଅଧୀନରେ ଜିଲ୍ଲାର ମୋଟ ୧୧୭ ଜଣ ତୀର୍ଥଯାତ୍ରୀ ପବିତ୍ର ତୀର୍ଥସ୍ଥଳୀ ଅଭିମୁଖେ ଯାତ୍ରା କରିଛନ୍ତି। ରାଜ୍ୟ ସରକାରଙ୍କ ଫ୍ଲାଗ୍‌ସିପ୍ ଜନକଲ୍ୟାଣକାରୀ ଯୋଜନା 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ୨୦୨୬-୨୭ ଅଧୀନରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକରୁ ମନୋନୀତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ପଞ୍ଚମ ପର୍ଯ୍ୟାୟ ଯାତ୍ରା ଅକ୍ଟୋବର ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଯାତ୍ରାରେ ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଓ ବାରାଣସୀ ଗସ୍ତ କରିବେ। ଯାତ୍ରା ବାଲେଶ୍ୱର ରେଳ ଷ୍ଟେସନରୁ ଆରମ୍ଭ ହେବ।ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ପର୍ଯ୍ୟଟନ ବିକାଶ ଅଧିକାରୀ ପ୍ରମୋଦ କୁମାର ସିଂ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା। ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିସହ ସମସ୍ତ ଯାତ୍ରୀଙ୍କୁ ନିରାପଦ, ସୁଖଦ ଓ ଆଧ୍ୟାତ୍ମିକ ଅନୁଭୂତିରେ ପରିପୂର୍ଣ୍ଣ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ।ଯାତ୍ରା ସମୟରେ ତୀର୍ଥଯାତ୍ରୀଙ୍କ ସହାୟତା, ସୁରକ୍ଷା ଓ ସୁବିଧା ସୁନିଶ୍ଚିତ କରିବା ପାଇଁ ଏସ୍‌ଓ ସୌମ୍ୟଜିତ ସାହୁ (ପିଇଓ), ସୁଦାମ ଚରଣ ପୃଷ୍ଟି (ଜେଆରଏ), ହିମାଂଶୁ ଶେଖର ନାୟକ (ଜେଆରଏ) ଏବଂ ନିର୍ମଳ କୁମାର ସାହୁ (ଡିଡବ୍ଲ୍ୟୁଓ କର୍ମଚାରୀ) ଏସ୍କର୍ଟ ଅଧିକାରୀ ଭାବେ ଯାତ୍ରୀମାନଙ୍କ ସହ ଯାତ୍ରା କରିଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ବହନ କରୁଥିବା ପବିତ୍ର ସ୍ଥାନଗୁଡ଼ିକ ପରିଦର୍ଶନ କରିବାର ସୁଯୋଗ ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ବରିଷ୍ଠ ନାଗରିକମାନେ ନିଜର ଧାର୍ମିକ ଆକାଂକ୍ଷା ପୂରଣ କରିବା ସହ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିପାରିବେ। ଏହି ପଦକ୍ଷେପ ବରିଷ୍ଠ ନାଗରିକଙ୍କ କଲ୍ୟାଣ ଓ ସାମାଜିକ ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ବିକାଶର କଥା ଓ କାର୍ଯ୍ୟାନ୍ୱୟନର ସାରଥୀ ନୀଳଗିରି ବିକାଶମଞ୍ଚ

ନୀଳଗିରି, ୧୧/୧୦ (ନି.ପ୍ର): ସାଧାରଣଜନତାଙ୍କ ଦୁଃଖ,ଯନ୍ତ୍ରଣା ଓ ଅନ୍ତର୍ବେଦନାକୁ ସାଥିକରି କାନ୍ଧରେ କାନ୍ଧ ମିଳାଇ ଚାଲିବାର ଛୋଟପ୍ରୟାସ ଜାରିରଖିଛ ନୀଳଗିରି ବିକାଶମଞ୍ଚ। ମଞ୍ଚର ଆବାହକ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ସରୋଜ କୁମାର ସେଠୀ ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତାକୁ ପାଥେୟକରି ପ୍ରଶାସନର ପେଞ୍ଚକୁ ସଠିକ ଭାବରେ ବୁଝିଥିବାରୁ କିପରି ପ୍ରତ୍ୟେକ ଲୋକଙ୍କ ସମସ୍ୟା ସମାଧାନ କରିପାରିବେ ସେଥିପାଇଁ ଅବସର ସମୟକୁ ନୀଳଗିରି ବାସୀଙ୍କ ପାଇଁ ଉତ୍ସର୍ଗୀକୃତ କରିଛନ୍ତି। ବନ୍ୟା ହେଉ କି ବାତ୍ୟା, ପୋଡ଼ି ହେଉକି ମରୁଡ଼ି ଏପରିକି ରାସନ ଠାରୁ ଆବାସ ପର୍ଯ୍ୟନ୍ତ ସବୁସମୟରେ ଲୋକଙ୍କ ପାଖରେ ଠିଆହୋଇଥିବା ପରିଲକ୍ଷିତ ହେଉଛନ୍ତି।ଗତ ୮ତାରିଖ ନୀଳଗିରି ବ୍ଲକ କେସିପୁର ପଞ୍ଚାୟତର ଭାଲିଆପୋଷି ଏବଂ ବଢେଇପଲା ଠାରେ ପହଞ୍ଚି ଲୋକଙ୍କ ମୌଳିକସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାସନ, ପାନୀୟଜଳ, ଭତ୍ତା, ଆବାସଗୃହ ଇତ୍ୟାଦି ସ୍ଥାନୀୟଲୋକଙ୍କ ପ୍ରମୁଖ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ରାଜନୀତିର ପଶାପାଲି ରେ ଛନ୍ଦିହୋଇ ସେମାନେ ସେମାନଙ୍କର ହକ୍ ପାଇବାରୁ ବଞ୍ଚିତ ହୋଇଥିବା ଶ୍ରୀଯୁକ୍ତ ସେଠୀଙ୍କୁ ଅବଗତ କରାଇଥିଲେ। ଶ୍ରୀଯୁକ୍ତ ସେଠୀ ଲୋକମାନେ କିପରି ନ୍ୟାୟ ପାଇପାରିବେ ସେଥିପ୍ରତି ଦୃଷ୍ଟିଦେବା ସହିତ ଆଗାମୀଦିନରେ ସରକାର ଓ ପ୍ରଶାସନିକ ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ ଉପରେ ନୀଳଗିରି ବିକାଶମଞ୍ଚ ଗୁରୁତ୍ୱଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀଯୁକ୍ତ ସେଠୀଙ୍କ ନିଷ୍ଠାପର ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଥିଲା ବେଳେ ନୀଳଗିରି ବିକାଶମଞ୍ଚରେ ସ୍ୱତସ୍ଫୁତ ଭାବେ ସାଧାରଣଜନତା ଯୋଡ଼ି ହୋଇଥିବା ଦେଖିବାକୁ ମିଳିଛି। ଏହି ଗସ୍ତ କାର୍ଯ୍ୟକ୍ରମରେ ମଞ୍ଚର ସଦସ୍ୟ ଅନ୍ତର୍ଯ୍ୟାମୀ ବୁଗୁଡ଼ାଇ, ପୁରୁଷୋତ୍ତମ ଦାସ, ବିପ୍ର ସରେନ୍, ହରିଶ୍ଚନ୍ଦ୍ର ରାଉତ,ରତିକାନ୍ତ ବେହେରା, ଲାଲମୋହନ ଟୁଡୁ, ଲକ୍ଷ୍ମଣ ହେମ୍ବ୍ରମ, ତାରିଣୀ ନାୟକ, ପୂର୍ବତନ ସରପଞ୍ଚ ଯଶୋଦା ନାୟକ, ଉପେନ୍ଦ୍ର ମଢେଇ, ରଙ୍ଗଲତା ମଢେଇ ପ୍ରମୁଖ ସାମିଲଥିବା ଦେଖିବାକୁ ମିଳିଥିଲା।

# ସାର୍ବଜନୀନ ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲିଆପାଳ , ୧୧/୧୦ (ନି.ପ୍ର): ବଳରମପୁର ପଞ୍ଚାୟତ ତ୍ରୀପୁରେଶ୍ୱର ବଜାର ପ୍ରାଙ୍ଗଣରେ ଦୀର୍ଘ ୫୦ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଦୁର୍ଗାପୂଜା ର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି, ଦୁର୍ଗାପୂଜା କମିଟି ର ସଭାପତି ତଥା ପଞ୍ଚାୟତ ର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକ ରେ ସମ୍ପାଦକ ଦେବେନ୍ଦ୍ର ରାଉତ, ଉପସଭାପତି କୀର୍ତ୍ତନ ଧଳ, ସହ ସମ୍ପାଦକ ଯୋଗେନ୍ଦ୍ର ବାଗ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଗିରି ପ୍ରମୁଖ ଉପସ୍ଥିତ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ, ତ୍ରୀପୁରେଶ୍ୱର ବଜାର ରେ ୧୯୭୭ ମସିହା ରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଚଳିତ ବର୍ଷ ୫୦ ବର୍ଷ ରେ ପଦାର୍ପଣ କରିବାକୁ ଯାଉଥିବାରୁ ଚଳିତ ବର୍ଷ ଦୁର୍ଗାପୂଜା କୁ ବର୍ଣ୍ଣାଢ୍ୟ ଭାବରେ ପାଳନ କରିବା ପାଂଇ କମିଟି ପକ୍ଷରୁ ସୂଚନା ଦିଆ ଯାଇଥିବା ବେଳେ ମା ଦୁର୍ଗା ଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ୧୦ ଦିନ ବ୍ୟାପୀ ସାଂସ୍କୃତିକ କାର ?ୟ୍ୟକ୍ରମ ଅନୁଷ୍ଠିତ କରିବା ପାଂଇ ନିଷ୍ପତ୍ତି ହୋଇଥିଲା, ତିନି ଦିନ ଧରି ସଂଧ୍ୟା ରେ ବିଶିଷ୍ଟ ପ୍ରବଚକ ଙ୍କ ଦ୍ୱାରା ପ୍ରବଚନ, ଯାତ୍ରା ଏବଂ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ ପ୍ରତୀଯୋଗୀତା ଅନୁଷ୍ଠିତ ହେବା ସହ ବିଶିଷ୍ଟ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବାର କାର ?ୟ୍ୟକ୍ରମ ରହିଛି, ବିଶେଷ ଭାବରେ ଦଶହରା ରେ ଅନୁଷ୍ଠିତ ହେଉଥିବା ରାବଣ ପୋଡି ଉତ୍ସବ ରେ ହଜାର ହଜାର ଲୋକ ଙ୍କ ସମାଗମ ଦୃଷ୍ଟି ରେ ରଖି କାର ?ୟ୍ୟକ୍ରମ କୁ ସୂଚାରୁ ରୂପେ ପାଳନ ପାଂଇ ସୁବର୍ଣ୍ଣ ଜୟନ୍ତୀ ନୂତନ କମିଟି ଗଠନ କରାଯାଇ ଥିଲା, ସଭାପତି ଭାବରେ ଜ୍ୟୋତିଶଙ୍କର ଭୂୟାଂ, ଉପସଭାପତି ଭାବରେ ଚନ୍ଦନ କାମିଳା, ସମ୍ପାଦକ ରବୀନ୍ଦ୍ର ଜେନା, ସହ ସମ୍ପାଦକ ମନୋରଞ୍ଜନ ସେନାପତି, କୋଷାଧ୍ୟକ୍ଷ ଭାବରେ ହରିହର ପଣ୍ଡା ଏବଂ ଜୟନାରାୟଣ ଦାସ ଙ୍କୁ ମନୋନୀତ କରା ଯାଇ ଥିଲା।

# ଜଗତିପୁର ପଂଚାୟତରେ କଂଗ୍ରେସ ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୧୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗତିପୁର ପଂଚାୟତରେ କଂଗ୍ରେସ ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବ ରେ ପଂଚାୟତରେ ସଭାପତି ତଥା ସରପଞ୍ଚ ସୁବାସ ବେହେରାଙ୍କ ନେତୃତ୍ୱରେ ସୁଧା ସିନ୍ଧୁ ସାହୁଙ୍କ ସଭାପତିତ୍ୱ ରେ ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ମୂରଲୀମୋହନ ସାହୁ , କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜନ ନାୟକ, ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର, ଉପସ୍ଥିତ ଥିଲେ । ଅନ୍ୟ ଦଳ ଛାଡି ଶତାଧିକ କର୍ମୀ କଂଗ୍ରେସ ଦଳର ନିତି ଆଦର୍ଶ ରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ସାମିଲ ହୋଇଥିଲେ । ସଂଜୟ ଜେନା, ସତ୍ୟ ସୁନ୍ଦର ସାମନ୍ତରାୟ, ଭୀମ ମହୁରି , ବାବୁଲୀ ମହୁରି , ସୁଜୟ ଜେନା, ଅଜୟ ଜେନା, ଶିବପ୍ରସାଦ ବେହେରାଙ୍କ ସମେତ ବହୁ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉମେଶ ନାୟକ ସଂଜୟ ପାତ୍ର, ବିରଂଚି ପାତ୍ର, ଶିବପ୍ରସାଦ ଜେନା ଅରବିନ୍ଦ ଜେନା,ସୁଜିତ ପଣ୍ଡା, ପ୍ରଦୀପସେଠି, ସାଧୁ ଚରଣ ସି, ରବିନ୍ଦ୍ର ବିଶ୍ୱାଳ , ବରେନ୍ଦ୍ର ରାଉତ , କାହ୍ନୁ ପରିଡା ପ୍ରମୁଖ କଂଗ୍ରେସ କର୍ମ ଉପସ୍ଥିତ ଥିଲେ ।

# ନବରାତ୍ରର ପ୍ରଥମ ଦିନରେ ମା' ବିରଜାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଯାଜପୁର, ୧୧/୧୦ (ନି.ପ୍ର): ନବରାତ୍ରର ପ୍ରଥମ ଦିନରେ ଆଜି ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁମାନେ ମା' ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି ।ଆଜି ସକାଳୁ ମା' ଙ୍କ ପାଦ ଦର୍ଶନ ପରେ ଅନ୍ୟାନ୍ୟ ନୀତିକାନ୍ତି ଜାରି ରହିଛି । ବର୍ଷକରେ ୯ ଦିନ କେବଳ ନବରାତ୍ରୀ ସମୟରେ ଭକ୍ତମାନେ ମା' ବିରଜାଙ୍କ ପାଦ ଦର୍ଶନର ସୁଯୋଗ ପାଇଥାନ୍ତି । ଏହା ସହିତ ଆଜି ସନ୍ଧ୍ୟା ଠାରୁ ମା' ଙ୍କ ବିଜେ ପ୍ରତିମା ନବ ଦିନ ବ୍ୟାପୀ ପ୍ରତ୍ୟେହ ସନ୍ଧ୍ୟା ସମୟରେ ରଥାରୁଢ଼ ହୋଇ ମନ୍ଦିର ଚର୍ତୁପାର୍ଶ୍ୱ ପରିକ୍ରମା କରିବେ ।

# ରାଇରଂଗପୁର ଜିଲ୍ଲା ପୋଲିସକୁ ଚେନ ଲୁଟେରାଙ୍କ ଖୋଲା ଚ୍ୟାଲେଂଜ

ରାଇରଂଗପୁର , ୧୧/୧୦ (ନି.ପ୍ର): ପୁଣି ଆଉ ଏକ ସୁନା ଚେନ ଲୁଟ୍ । ଆଜି ସକାଳ ସମୟରେ ରାଇରଂଗପୁର ଟାଉନ ଥାନା ଅଂଚଳରେ ନିଜ ଘର ସମ୍ମୁଖରୁ ସୁନା ଚେନ୍ ଲୁଟ୍ ହୋଇଛି । ରାଇରଙ୍ଗପୁର ଟାଉନ୍ ଥାନା ଠାରୁ ମାତ୍ର ୨୦୦/୩୦୦ ମିଟର ଦୂରରେ ଆଜି ସକାଳେ ଏହି ଅଭାବନୀୟ ଘଟଣା ସଂଘଟିତ ହୋଇଯାଇଛି ।ମହାମହିମ ରାଷ୍ଟ୍ରପତି ଙ୍କ ଓଡିଶା ଗସ୍ତରେ ବ୍ୟବହୃତ ହୋଇଥିବା ଭାରତୀୟ ବାୟୁସେନାର ହେଲିକପ୍ଟରକୁ ପାଇଲଟିଂ କରିଥିବା ଯୁବ ଅଫିସରଙ୍କ ନିଜ ଜେଜେମା ଙ୍କ ବେକରୁ ଏହି ସୁନା ଚେନ୍ ଲୁଟ୍ ହୋଇଛି । ଦୁଇ ଜଣ ଦୁର୍ବୃତ୍ତ କଳା ମୋଟରସାଇକେଲ ରେ ଆସି ଏହି ଘଟଣା ଘଟାଇଛନ୍ତି ।ଗୋଟିଏ ମାସରେ ମହାମହିମ ଙ୍କ ନିଜସ୍ୱ ଥାନା ଅଂଚଳରେ ୭/୮ଥର ସୁନା ଚେନ୍ ଲୁଟ୍ ଘଟଣା ସଂଘଟିତ ହେଲାଣି,ତଥାପି ପୋଲିସ ହାତ ଖାଲି ? ଆଗକୁ ପାର୍ବଣ ସମୟରେ ଆଉ କେତେ ଘଟଣା ଘଟିବ ତାହା ଦେଖିବାକୁ ବାକି ରହିଲା ? ଆଜି ସକାଳୁ ୱାର୍ଡ଼ ନମ୍ବର ୩ ସ୍ଥିତ ବଡବନ୍ଧ ନିକଟସ୍ଥ ନିଜ ବାସଭବନ ସମ୍ମୁଖରେ ଏହି ଅଭାବନୀୟ ଘଟଣା ଘଟିଛି । ପୋଲିସ ଜିଲ୍ଲା ମାନ୍ୟତା ପାଇଲା ସତ କିନ୍ତୁ ଅଫିସର ଓ କର୍ମଚାରୀ ଙ୍କ ଘୋର ଅଭାବ ଯୋଗୁଁ ଦିନ କୁ ଦିନ ଚେନ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।ରାଇରଙ୍ଗପୁର ପୋଲିସ ଜିଲ୍ଲା ହେଲା ପରେ ସତେ ଯେମିତି ଅଭିଶାପ ପାଲଟିଛି ବୋଲି ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ।

ସୋମବାର, ଅକ୍ଟୋବର ୧୨, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମୋବାଇଲ୍ ଟର୍ଚ୍ଚ ଆଲୁଅରେ ରୋଗୀସେବା: ବିଦ୍ୟୁତ୍‌କାଟ୍‌ରୁ ଡାକ୍ତରଖାନା ଜେନେରେଟର୍ ଖରାପ



ବାଲିଆପାଳ , ୧୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ କାଟ୍ ହୋଇଥିଲା ସେପଟେ ଡାକ୍ତରଖାନାର ଜେନେରେଟର୍ ମଧ୍ୟ ଅଚଳ ପଡ଼ିଥିଲା । ଫଳରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ମୋବାଇଲ୍ ଟର୍ଚ୍ଚ ଆଲୁଅରେ ରୋଗୀସେବା କରିବାକୁ ପଡ଼ିଛି ।ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ପ୍ରୀତମ ସାହୁଙ୍କ ପ୍ରତିକ୍ରିୟା ନିଆଯାଇଥିଲା । ସେ କହିଛନ୍ତି, ଜେନେରେଟର୍ ଖରାପ ହେବା ନେଇ ଆମେ ଉପସ୍ଥିତ ଅଧିକାରୀଙ୍କୁ ଜଣାଇଛୁ ଅନ୍ୟ ଗୋଟିଏ ଜେନେରେଟର୍ ଭଡ଼ାରେ ଆଣିବା ପାଇଁ ଗତକାଲିଠାରୁ ଉଦ୍ୟମ କରାଯାଇଥିଲାଯାହା ଆଜି ଦିନ ୧୧ଟା ପରେ ପହଞ୍ଚିଛି ଏବଂ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛିହ୍ଚ ଡାକ୍ତରଖାନା ଜେନେରେଟର୍ ସଜଡ଼ାନହେବା ପର ?ୟ୍ୟନ୍ତ ଭଡ଼ାରେ ଆସିଥିବା ଜେନେରେଟର୍ଟି ରହିବା ରୋଗୀଙ୍କ ଚିକିତ୍ସାରେ ଯେପରି କୌଣସି ଅସୁବିଧାନହେବ, ସେନେଇ ଗୁରୁତ୍ୱ ଦିଆଯାଉଛି ।ରୋଗୀଙ୍କ ଶାରୀରିକ ସ୍ଥିତି ଯାଞ୍ଚ, ଔଷଧ ପ୍ରଦାନ, ଇଞ୍ଜେକ୍ସନ ଓ ଜରୁରୀକାଳୀନ ଚିକିତ୍ସା ପାଇଁ ପର ?ୟ୍ୟାପ୍ତ ଆଲୋକ ଜରୁରୀ । ଏପରି ସ୍ଥିତିରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ସହ ବିକଳ୍ପ ବ୍ୟବସ୍ଥା ମଧ୍ୟ କାମ ନକରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି । ଆଗାମୀ ଦିନରେ ଯେପରି ଏମିତି ସମସ୍ୟା ଆଉ ନଉପୁଜେ, ସେନେଇ ଡାମକ୍ତରଖାନା କର୍ତ୍ତୃପକ୍ଷ ଧ୍ୟାନ ଦେବା ଉଚିତ ବୋଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ କହିଛନ୍ତି ।

## ଶାନ୍ତି କମିଟି ବୈଠକ: ପୂଜା ମଣ୍ଡପ ଓ ତୋରଣ ମୁଖ୍ୟ ରାସ୍ତାରେ ନକରିବାକୁ ପରାମର୍ଶ

ଉଦଳା , ୧୦/୧୦ (ନି.ପ୍ର): କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଳିତ ବର୍ଷ ପାଳିତ ହେବାକୁ ଥିବା ଦୁର୍ଗାପୂଜା, ରାବଣପୋଡ଼ି ଓ କାଳୀପୂଜା ପାଇଁ ଗତ ୯ ତାରିଖ ଶୁକ୍ରବାର ଦିନ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ପରିସରରେ ଡ଼େପୁଟି କଲେକ୍ଟର ପ୍ରତିକ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପୂଜା ମଣ୍ଡପ ଓ ତୋରଣ ମୁଖ୍ୟ ରାସ୍ତାରେ ନକରିବାକୁ ସମସ୍ତ ପୂଜା କମିଟି କର୍ମକର୍ତାଙ୍କୁ ପରାମର୍ଶ ଦିଆଯାଇଛି । ପୂଜା କମିଟି ଗୁଡ଼ିକ ଅଗ୍ନିଶମ ଓ ଟି.ପି.ଏନ.ଓ.ଡ଼ି.ଏଲ. ଅଧିକାରୀଙ୍କ ନିକଟରୁ ଆବଶ୍ୟକ ଅନୁମତି ଆଣିବାକୁ କୁହାଯାଇଛି । ଶାନ୍ତିଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାର୍କିଂ ବ୍ୟବସ୍ଥା ସକାଶେ ଆବଶ୍ୟକ



ପୁଲିସ ମୁତୟନ ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଛି । ସ୍ୱାସ୍ଥ୍ୟସେବା, ପାନୀୟଜଳ ଓ ରାସ୍ତା ମରାମତି ପାଁ ବିଭାଗୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ମାଦକ ଦ୍ରବ୍ୟ ସେବନ ଓ ବିକ୍ରୟ ଉପରେ ମଧ କଟକଣା ରହିବ ବୋଲି ବୈଠକରେ ନିଷ୍ପତି ହୋଇଛି । ଆଜିର ଏହି ଶାନ୍ତି କମିଟି ବୈଠକରେ ନଗରପାଳ ପ୍ରମିଳା ପଣ୍ଡା, ଉଦଳା ତହସିଲଦାର ସୁପ୍ରଭା ଦାସ, ଗୋପବନ୍ଧୁନଗର ତହସିଲଦାର ଓମ୍ ପ୍ରକାଶ ମହାନ୍ତି, ଖୁଂଟା ତହସିଲଦାର ଶିବାନି ଭଂଜଦେଓ ଓ ଡ଼େପୁଟି କଲେକ୍ଟର ଦିଲିପ ନାୟକ ପ୍ରମୁଖ ଙ୍କ ସହ ପୂଜା କମିଟି, ଓକିଲ ସଂଘ ଓ ସାମ୍ବାଦିକ ସଂଘର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ ।

## ତିଲୋତ୍ତମା ବାଗ୍‌ଙ୍କ ବାସଭବନରେ ନବରାତ୍ରି ପୂଜା ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୧୧/୧୦ (ନି.ପ୍ର): ମା' ଦୁର୍ଗାଙ୍କ ଆରାଧନାରେ ଭକ୍ତିମୟ ପରିବେଶ ଧର୍ମ ଓ ସଂସ୍କୃତି: ହିନ୍ଦୁ ଧର୍ମର ଅନ୍ୟତମ ପବିତ୍ର ପର୍ବ ହେଉଛି ନବରାତ୍ରି । ଶକ୍ତି, ଭକ୍ତି ଓ ଆସ୍ଥାର ପ୍ରତୀକ ଏହି ପର୍ବରେ ନଅ ଦିନ ଧରି ଜଗତଜନନୀ ମା' ଦୁର୍ଗାଙ୍କ ନଅଟି ସ୍ୱରୂପଙ୍କୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଏ ବସ୍ତା ବ୍ଲକ ଗୋସାଇଁପାଟଣା ଗାଁ ର ତିଲୋତ୍ତମା ବାଗ ଙ୍କ ବାସଭବନ ରେ ପାଳନ କରାଯାଇଛି ଧାର୍ମିକ ବିଶ୍ୱାସ ଅନୁଯାୟୀ, ନବରାତ୍ରିର ନଅ ଦିନ ମା'ଙ୍କ ଆରାଧନା କଲେ ଜୀବନରୁ ଦୁଃଖ, କଷ୍ଟ ଓ ବାଧାବିଘ୍ନ ଦୂର ହୋଇଥାଏ । ଭକ୍ତମାନେ ଉପବାସ, ଦୀପଦାନ, ଚଣ୍ଡୀପାଠ ଓ ବିଶେଷ ପୂଜା ମାଧ୍ୟମରେ ମା'ଙ୍କ ଆଶୀର୍ବାଦ କାମନା କରିଥାନ୍ତି । ନବରାତ୍ରିର ପ୍ରଥମ ଦିନ ମା' ଶୈଳପୁତ୍ରୀଙ୍କଠାରୁ ଆରମ୍ଭ କରି ନବମ ଦିନ ମା' ସିଦ୍ଧିଦାତ୍ରୀଙ୍କ ପର୍ଯ୍ୟନ୍ତ ନବଦୁର୍ଗାଙ୍କ ଆରାଧନା କରାଯାଏ । ଏହି ପବିତ୍ର ପର୍ବ ଅସତ୍ୟ ଉପରେ ସତ୍ୟର ଏବଂ ଅଧର୍ମ ଉପରେ ଧର୍ମର ବିଜୟର ବାର୍ତ୍ତା ଦେଇଥାଏ । ବିଶେଷକରି ଓଡ଼ିଶାରେ ଶାରଦୀୟ ନବରାତ୍ରି ଓ ଦୁର୍ଗାପୂଜାର ରହିଛି ସ୍ୱତନ୍ତ୍ର ମହତ୍ତ୍ୱ । ବିଭିନ୍ନ ଶକ୍ତିପୀଠରେ ମା'ଙ୍କ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜା କରାଯାଏ । ନବରାତ୍ରି କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏହା ନାରୀଶକ୍ତି, ଆଧ୍ୟାତ୍ମିକ ଚେତନା ଓ ସାମାଜିକ ଏକତାର ଅନନ୍ୟ ପ୍ରତୀକ । ନବରାତ୍ରି ପୂଜା ଅନୁଷ୍ଠିତ ଏହି ପୂଜା ରେ ଉମାକାନ୍ତ ବାଗ,ରମାକାନ୍ତ ବାଗ ପୂର୍ଣ୍ଣଚନ୍ଦ୍ର ବାଗ,ରଜନୀକାନ୍ତ ବାଗ, ଶୁଭେନ୍ଦୁ ବାଗ, ଅର୍ଦ୍ଧେନ୍ଦୁ ବାଗ, ଅନନ୍ୟା ବାଗ, ଅନିମା ବାଗ, ଶୁଭଶ୍ରୀ ବାଗ, ତେଜସ ବାଗ, ଚେତନା ବାଗ, ଶୀତଳ ବାଗ ପୂଜା ରେ ସହଯୋଗ କରିଥିଲେ ।

## ରେମୁଣା 'ପୂଜ୍ୟପୂଜା ସଂସଦ' ତରଫରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ତମ ଜୟନ୍ତୀ ପାଳିତ



ରେମୁଣା , ୧୧/୧୦ (ନି.ପ୍ର): ରେମୁଣା ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ ତମ ଜୟନ୍ତୀ ଉତ୍ସବ ସଭାପତି ଡ. ନରହରି ଦାସଙ୍କ ପୌରୋହିତ୍ୟରେ ଗୋପୀନାଥପୁର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ମନ୍ତ୍ରୀ ଓଡ଼ିଶା ବିଧାନସଭା ଶ୍ରୀଯୁକ୍ତ ରଘୁନାଥ ମହାନ୍ତି, ମୁଖ୍ୟବକ୍ତା ସମାଜର ବରିଷ୍ଠ ସହ ସମ୍ପାଦକ ଡ. ଜଗନ୍ନାଥ ମାଝୀ, ସମ୍ମାନିତ ଅତିଥି ପ୍ରଫେସର ଆଦିତ୍ୟଜାନ ମଲ୍ଲିକ, ସମ୍ମାନିତ ବକ୍ତା ଡ. ମହେଶ୍ୱର ମହାପାତ୍ର, ବିଶେଷ ଅତିଥି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଗୋପବନ୍ଧୁ ଥିଲେ ନିଷ୍କାମ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଓ ତାଙ୍କର ଅମର ସେବା ବୋଲି ବିପୁଳ ଆଜିପର୍ଯ୍ୟନ୍ତ ଜୀବନ୍ତ ହୋଇରହିଛି ବୋଲି ଆଲୋଚନା ମାଧ୍ୟମରେ ମତ ପ୍ରକାଶ କରିଥିଲେ । ସଭା ଆରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ ପରେ ଶ୍ରୀ ଗୁରୁଚରଣ ଦାସ ଗୋପବନ୍ଧୁଙ୍କର ଏକ ଭଜନ ଗାନ କରିଥିଲେ । ନାଟ୍ୟାଚାର୍ଯ୍ୟ ପ୍ରଦୀପ କୁମାର ମିଶ୍ର ଅତିଥି ଆବାହନ କରିଥିବା ବେଳେ କବିତା ହରିନାରାୟଣ ଏହି ସଭାକୁ ସଂଯୋଜନା କରିଥିଲେ । ସଂସଦର ସଂପାଦକ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଓ ଜିଲ୍ଲା ଗୋପବନ୍ଧୁ ଟ୍ରଷ୍ଟ ବେଣୁଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । କବିତା ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନ ଗୋପବନ୍ଧୁଙ୍କ ଆଧାରିତ କବିତା ଆସରରେ ଡ. ଜଗନ୍ନାଥ ମହାପାତ୍ର, ଗାୟତ୍ରୀ ଦାସ, ସୁମିତ୍ରା ଦାସ, ଆରତୀ ମିଶ୍ର, ସଲୋନୀ ସାହୁ, କୁଣାଳ ଚନ୍ଦ୍ର ମହାପାତ୍ର, ଗୋବର୍ଦ୍ଧନ ପରିଡ଼ା ଓ ପ୍ରଦୀପ ମିଶ୍ର ସମ୍ବୋଧନା କରି ସ୍ୱରଚିତ କବିତା ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ପାଠ କରିଥିଲେ । ସଭାସ୍ଥଳେ ପ୍ରତିଷ୍ଠିତ ଅତିଥିଙ୍କ ଦ୍ୱାରା ପୂଜ୍ୟ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ ଉତ୍ସବକୁ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ରାମ ନାରାୟଣ ବେହେରା, କୃପାସିନ୍ଧୁ ବେହେରା, ସମ୍ରାଟ ବେହେରା, ହରିଶ୍ଚନ୍ଦ୍ର ଗିରି, ଗୋବର୍ଦ୍ଧନ ଦାସ, ଦିନବନ୍ଧୁ ପାତ୍ର, କିଶୋର ବେହେରା ପ୍ରମୁଖ ସହାୟତା କରିଥିଲେ ।

## ୯ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ: ଜଣେ ଗିରଫ

ଝାରସୁଗୁଡ଼ା, ୧୧/୧୦ (ନି.ପ୍ର): ନିଶା କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ 'ନେତ୍ର' ଏବଂ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅନ୍ତର୍ଗତ ଝାରସୁଗୁଡ଼ା ପୁଲିସକୁ ସଫଳତା ମିଳିଛି । ବଡ଼ମାଲ ଥାନା ଅନ୍ତର୍ଗତ ବେହେରାପାଲି ଛକ ନିକଟରୁ ୯ କିଲୋ ୬୯ ଗ୍ରାମ ସନ୍ଦିଗ୍ଧ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି ପୁଲିସ । ପୁଲିସ ସୂତ୍ରରୁ ପ୍ରକାଶ ଯେ, ରବିବାର (୧୧ ଅକ୍ଟୋବର) ପାଟ୍ରୋଲିଂ ସମୟରେ ବିଶ୍ୱସନୀୟ ସୂଚନା ଆଧାରରେ ବଡ଼ମାଲ ଥାନା ପୁଲିସ ଟିମ୍ ନିରୀକ୍ଷକ ରୁଦ୍ର ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବେହେରାପାଲି ଛକ ନିକଟରେ ଏକ ବ୍ୟାକ୍ପ୍ୟାକ୍ ଧରି ଯାଉଥିବା

## ଖୋର୍ଦ୍ଧାରେ ବେଆଇନ ମୋରମ ଖଣି ଉପରେ ପୁଲିସର ଚଢ଼ାଉ: ୮ ଗିରଫ

### ୭ ଜେସିବି ଓ ୫ ହାଇୱା ଜବତ, ଦୁଇଟି ମାମଲା ରୁଜୁ

ଖୋର୍ଦ୍ଧା, ୧୧/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ମୋରମ ଖନନ ଓ ପରିବହନ ବିରୋଧରେ ପୁଲିସ ପକ୍ଷରୁ ବଡ଼ଧରଣର ଚଢ଼ାଉ କରାଯାଇଛି । ଗତ ୯ ତାରିଖ ରାତିରେ ଦୁଇଟି ସ୍ଥାନରେ ଚାଲିଥିବା ବେଆଇନ ମୋରମ ଖଣି ଉପରେ ଚଢ଼ାଉ କରାଯାଇ ୭ଟି ଜେସିବି ମେସିନ୍ ଓ ୫ଟି ହାଇୱା ଜବତ କରାଯିବା ସହ ମୋଟ ୮ ଜଣଙ୍କୁ ଗିରଫ କରାଯାଇଛି । ଏନେଇ ଇନଫୋସିଭ୍ୟାଲି ଓ ଶିଙ୍ଖାଞ୍ଚଳ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ପୁଲିସ ସୂଚନା ଅନୁଯାୟୀ, କୁମ୍ଭାରବସ୍ତ ଗ୍ରାମ ନିକଟ ଓ୍ୱଣ୍ଡରଲା ଓ୍ୱାଟର ପାର୍କ ପଛପଟେ ବେଆଇନ ଭାବେ ମୋରମ ଖନନ ଚାଲିଥିବା ଖବର ପାଇ ପୁଲିସ ଚଢ଼ାଉ କରିଥିଲା । ଏଠାରେ ପିତାପଲ୍ଲୀ ଗ୍ରାମର ମିଟୁ ଓରଫ ରଞ୍ଜନ ପଟ୍ଟସାଣୀଙ୍କ ଦ୍ୱାରା ଜେସିବି ମେସିନ୍‌ରେ ମୋରମ ଖନନ ଏବଂ ହାଇୱାରେ ପରିବହନ କରାଯାଉଥିବା ଅଭିଯୋଗ ହୋଇଛି । ଏହି ଚଢ଼ାଉରେ ୬ଟି ଜେସିବି ଓ ୩ଟି ହାଇୱା ଜବତ ହେବା ସହ ୬ ଜଣ ଗିରଫ ହୋଇଛନ୍ତି । ସେହିପରି ଅନ୍ୟ ଏକ ଘଟଣାରେ ଖୋର୍ଦ୍ଧା ଜିଲ୍ଲା ଅରଙ୍ଗ-ମଧୁପୁର ଗ୍ରାମ ନିକଟ ଜଙ୍ଗଲ ଅଞ୍ଚଳରେ ବେଆଇନ ମୋରମ ଖନନ ଚାଲିଥିବା ନେଇ ପୁଲିସ ଚଢ଼ାଉ କରିଥିଲା । ଅରଙ୍ଗ ଗ୍ରାମର ଲାଲୁ ପ୍ରସାଦ ଯାଦବଙ୍କ ଦ୍ୱାରା ଜେସିବିରେ ଖନନ ଓ ହାଇୱାରେ ପରିବହନ କରାଯାଉଥିବା ଅଭିଯୋଗରେ ଗୋଟିଏ ଜେସିବି ଓ ଦୁଇଟି ହାଇୱା ଜବତ କରାଯାଇଛି । ଏହି ଘଟଣାରେ ଆଉ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଛି । ଉଭୟ ଘଟଣାରେ ମୋଟ ୭ଟି ଜେସିବି ଓ ୫ଟି ହାଇୱା ଜବତ ହୋଇଥିବା ବେଳେ ଇନଫୋସିଭ୍ୟାଲି ଥାନାରେ କେସ୍ ନମ୍ବର ୩୩୦ ଓ ୩୩୧/୨୦୨୬ ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ୧୦ ଅକ୍ଟୋବରରେ କୋର୍ଟଚାଲାଣ କରାଯାଇଥିବା ପୁଲିସ ସୂଚନାରୁ ଜଣାପଡ଼ିଛି । ଜିଲ୍ଲାରେ ବେଆଇନ ଖଣି ଖନନ ଓ ଖଣିଜ ପଦାର୍ଥ ପରିବହନକୁ ନେଇ ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଏଭଳି କାରବାର ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ନଜର ରହିଛି ।

## ମୁକ୍ତ ଆକାଶ ତଳେ ଦିନ ବିତାଉଛନ୍ତି ଦିନ ମଜୁରିଆଙ୍କ ପରିବାର

ଉଦଳା , ୧୧/୧୦ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ନରହରିପୁର ଗ୍ରାମର ବାସିନ୍ଦା ସ୍ୱର୍ଗତଃ ସୁପାଇ ବାସ୍କେଙ୍କର ପୁତ୍ର କାର୍ତିକ ବାସ୍କେ ଏବଂ ତାଙ୍କର ସହଧର୍ମିଣୀ ଓ ପିଲାପିଲିଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୫ଜଣ ଅଟନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ଗରିବ ପରିବାର ଘୋର ଅଭାବ ଅନାଟନ ମଧ୍ୟରେ ମୁକ୍ତ ଆକାଶ ତଳେ ରାତି ବିତାଇବାକୁ ବାଧ୍ୟ ହେଉଛନ୍ତି । ପୂର୍ବପୁରୁଷରୁ ନିର୍ମିତ ହୋଇଥିବା ମାଟି କାନ୍ଥ ଓ ନଡ଼ାଛପର ଘରଟି ଉପଯୁକ୍ତ ଯତ୍ନ ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣି ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି । ଏପରିକି ଘର ପାଇବାକୁ ହେଲେ ୫୦୦୦ଟଙ୍କା ଦେବାକୁ ପଡ଼ିବ ବୋଲି ସରକାରୀ ବାବୁ ମାନେ ତାଙ୍କୁ ମାଗୁଥିବାର କଥା ଜଣାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଟାଉନ ହାଇସ୍କୁଲ ଆଲମୁନି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୧/୧୦ (ନି.ପ୍ର): ବାଲେଶ୍ୱର ଟାଉନ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ମାସିକ ବୈଠକ ସବୁ ମାସ ଭଳି ଆଜି ଅନୁଷ୍ଠିତ ହୋଇଯାଇଛି । ଆଲମୁନି ସଭାପତି ଶ୍ରୀ ସୁବ୍ରତ କର ଏହି ସଭା ରେ ସଭାପତିତ୍ୱ କରିଥିଲେ । ଆଲମୁନି ସମ୍ପାଦକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ସଭାର ଏଜେନଡ୍ଡା ପାଠ କରିଥିଲେ । ଆଲମୁନିର ବରିଷ୍ଠ ସଦସ୍ୟ ତଥା ୱାର୍ଡ କାଉନସିଲର ଶ୍ରୀ ପଦ୍ମଲୋଚନ ଲେଙ୍କା ବିଦ୍ୟାଳୟର ଉନ୍ନତି ପାଇଁ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ । ୱାର୍ଡ



କାଉନସିଲର ଦେବାଶିଷ ସିଂଙ୍କୁ ଆଲମୁନିର ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇ ଥିଲା । ଅନ୍ୟ ଚାରିଜଣ ନୂତନ ସଦସ୍ୟତା ଭାବେ ମଧ୍ୟ ସଦସ୍ୟତା ଗ୍ରହଣ କରିଥିଲେ । ଏହି ସଭା ରେ ଶିକ୍ଷା ସୁରକ୍ଷା ମଞ୍ଚର ଶ୍ରୀ ରଘୁନାଥ ଲେଙ୍କା ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ । ଆଗାମୀଦିନରେ ନୂତନ ସାଇକେଲ ଷ୍ଟାଣ୍ଡ ଓ ଆଲମୁନିର ବାର୍ଷିକ ଉତ୍ସବ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଶେଷରେ ଆଲମୁନି ର ବରିଷ୍ଠ ସଦସ୍ୟ ଡ. ନୀଳ ମାଧବ ରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇ ପୂଜା ଅଭିନନ୍ଦନ ଜଣାଇଥିଲେ ।

## ପିଲା ଗଣେଶ ପୂଜା କମିଟି ତରଫରୁ ସ୍ୱାସ୍ଥ୍ୟ ଶିବିର ଓ ସାଂସ୍କୃତିକ ଉତ୍ସବ

ଭଦ୍ରକ , ୧୧/୧୦ (ନି.ପ୍ର): ଭଦ୍ରକ ସହରର କୁଆଁସ ପିଲା ଗଣେଶ ପୂଜା କମିଟି ତରଫରୁ ସ୍ୱାସ୍ଥ୍ୟ ଶିବିର ଆଜି ରବିବାର ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ଉତ୍ସବକୁ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସୁଧୀ ରଞ୍ଜନ ନାୟକ ଉଦଘାଟନ କରି କହିଲେ ସମାଜ ସେବା ବା ମାନବ ସେବା ହେଉଛି ସବୁଠାରୁ ବଡ଼ ଧର୍ମ । ନିଜ ଆଚରଣରେ ସତ୍ୟ, ମାନବିକତା ଓ ପରୋପକାର ଭାବ ରଖି ସମାଜର ଉନ୍ନତି ପାଇଁ କାମ କରିବା ହେଉଛି ପ୍ରକୃତ ସମାଜ ସେବା । ବରିଷ୍ଠ ସାମ୍ବାଦିକ ତଥା ଭଦ୍ରକ ଜିଲ୍ଲା ସଭାପତି ରବିନାରାୟଣ ଖିଲାର ଯୋଗଦେଇ କହିଲେ ପିଲା ଗଣେଶ କମିଟି ର କର୍ମକର୍ତ୍ତା ମାନେ ସବୁବେଳେ 'ନିଜ ଆଚରଣରେ ସତ୍ୟ, ସମ୍ମାନ ଓ ମାନବିକତାକୁ ଅନୁସରଣ କରନ୍ତି, ସ୍ୱାସ୍ଥ୍ୟ ସେବା ମାଧ୍ୟମ ରେ ସବୁଠାରୁ ବଡ଼ ସାମାଜିକ ସେବା କରିଛନ୍ତି ।' 'ଭଲ ମଣିଷ ହୁଅନ୍ତୁ, ଭଲ ସମାଜ ନିଜେ ଗଢ଼ିଉଠିବ । ଅନ୍ୟର ଦୁଃଖ ଦୂର କରିବାରେ ଯେଉଁ ଆନନ୍ଦ ମିଳେ, ତାହା ସଂସାରର କୌଣସି



ଜିନିଷରୁ ମିଳେ ନାହିଁ ।' 'ଜୀବନ ସେବାରେ ହିଁ ସାର୍ଥକ, ନିଜ ପାଇଁ ବଞ୍ଚିବା ମଣିଷର ପରିଚୟ ନୁହେଁ, ଅନ୍ୟ ପାଇଁ ବଞ୍ଚିବା ହିଁ ପ୍ରକୃତ ଜୀବନ ବୋଲି ଶ୍ରୀ ଖିଲାର କହିଥିଲେ । ଡାକ୍ତର ଧନଞ୍ଜୟ ପଣ୍ଡା ଡା.ଭାଗ୍ୟଶ୍ରୀ ପଣ୍ଡା,ଡା ପଲ୍ଲବି ନାୟକ,ଡା ଶୋଭନା ସେଠ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ପାଞ୍ଚ ଶହ ରୁ ଉର୍ଦ୍ଧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା କ୍ଷକମିଟି ର ସଭାପତି ସଂଜୀବ ଦାସ, ସମ୍ପାଦକ ପ୍ରଭାତ ମହାନ୍ତି, ରାଜକୁମାର ବାପି, ଅବିନାଶ ପଟ୍ଟନାୟକ, ଅମରଜିତ ରାୟ,ସୁରେନ୍ଦ୍ର ସେଠି ପ୍ରମୁଖ ସଦସ୍ୟ ଙ୍କ ଉଦ୍ୟମରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା, ଗତକାଲି ସନ୍ଧ୍ୟା ରେ ସାଂସ୍କୃତିକ ଉତ୍ସବ ଉଦଘାଟିତ ହୋଇଯାଇଛି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଉତ୍ସବ କୁ ଆନୁଷ୍ଠାନିକ ଉଦଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇଥିଲେ ।




## ବସ୍ତାରେ ବିଜେଡିର ମିଶ୍ରଣ ପର୍ବ: ଦଳରେ ସାମିଲ ହେଲେ ଅବସରପ୍ରାପ୍ତ ସେନା ଅଧିକାରୀ ଅଜୟ ଜେନାଙ୍କ ସମେତ ବହୁ କର୍ମୀ

ବସ୍ତା ୧୧/୧୦ (ନିପ୍ର ):ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟିପୋଲ ସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ବାଲିଆପାଳ ବ୍ଲକର ବଣିଆଡିହା ପଞ୍ଚାୟତର ଅବସରପ୍ରାପ୍ତ ସେନା ଅଧିକାରୀ ଅଜୟ କୁମାର ଜେନାଙ୍କ ସମେତ ପଞ୍ଚାୟତର ବହୁ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇ ଥିଲେ ।ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ନୂତନ କର୍ମୀମାନେ ଦଳରେ ଯୋଗ ଦେଇଥିବା ଦଳୀୟ ମହଲରେ ପ୍ରକାଶ କରାଯାଇଛି । ଏହି ଯୋଗଦାନ ଦ୍ୱାରା ବଣିଆଡିହା ପଞ୍ଚାୟତ ସମେତ ବସ୍ତା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ କୁ ଅଧିକ ସକ୍ରିୟ କରିବା ଏବଂ ତୃଣମୂଳ ସ୍ତରରେ କର୍ମୀଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା ।ଏହି ମିଶ୍ରଣ ପର୍ବରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଭଗବାନ ଗିରିଙ୍କ ସଭାପତିତ୍ୱ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଦଳରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି,ବସ୍ତା



ନିର୍ବାଚନ ମଣ୍ଡଳୀ ର ସଂଯୋଜକ ମହାଦେବ ଦାସ,ପରମେଶ୍ୱର ବାରିକ, ଶିବାନନ୍ଦ ଦାସ ଅଧିକାରୀ ଏବଂ ବସ୍ତା ଏନ୍‌ଏସି ବିଜେଡି ସଭାପତି କମଳା କାନ୍ତ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ ।ଏହି ଅବସରରେ ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରାଯିବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା,ଜନସାଧାରଣଙ୍କ ସହ ଯୋଡ଼ି ହୋଇ ରହିବା ଏବଂ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା ।ବସ୍ତା ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଏହି ମିଶ୍ରଣ ପର୍ବକୁ ନେଇ ସ୍ଥାନୀୟ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ଦଳୀୟ କାର୍ଯ୍ୟକ୍ରମ କୁ ଆହୁରି ବ୍ୟାପକ କରିବା ଉପରେ ଦଳୀୟ ନେତୃବୃନ୍ଦ ଗୁରୁତ୍ୱ ଦେଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida